ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ସୋମବାର, ଫେବୃଆରୀ ୯/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, February 9/2026 | Page 14 | ₹ 7.00 | DHENKANAL
୫୨ଶ ଭାଗ ୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 77 | ମୂଲ୍ୟ ₹୭/-



**ପାକ୍ ଏଜେଣ୍ଟ ସହ ଗୌରବ, ସ୍ତ୍ରୀଙ୍କ ସମ୍ପର୍କ ରହିଛି: ହିମନ୍ତ**
ଆସାମ କଂଗ୍ରେସ ସଭାପତି ଗୌରବ ଗୋଗୋଇ ଏବଂ ତାଙ୍କ ସ୍ତ୍ରୀ ଏଲିଜାବେଥ କୋଲବର୍ନଙ୍କର ପାକିସ୍ତାନ ସହ ନିବିଡ଼ ସମ୍ପର୍କ ରହିଥିବା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଅଭିଯୋଗ କରିଛନ୍ତି। ୧୦

୧୨ **ୱିଲ୍ ଜ୍ୟାକ୍ସ ପ୍ଲେୟର ଅଫ୍ ଦି ମ୍ୟାଚ**
ନେପାଳ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ଇଂଲଣ୍ଡର ୱିଲ୍ ଜ୍ୟାକ୍ସ।



# ଶିମିଳିପାଳରେ ପାରଦ ୧ ଡିଗ୍ରୀ

ବାରିପଦା,୮।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନରେ ପାରଦ ନିମ୍ନଗାମୀ ହୋଇଛି। ଉପରବାରହାକାମୁଡ଼ାରେ ତାପମାତ୍ରା ୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ ହୋଇଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ଶିମିଳିପାଳ ସଂଲଗ୍ନ ଜନବସତି ସମେତ ଜିଲାବ୍ୟାପୀ ଅସମ୍ଭାଳ ଶୀତ ପରିଲକ୍ଷିତ ହୋଇଛି। ଶିମିଳିପାଳ ଅଭୟାରଣ୍ୟର ଚହଲାରେ ୫ଡିଗ୍ରୀ, ଗୁଡୁଗୁଡ଼ିଆରେ ୮ଡିଗ୍ରୀ, ବରେହିପାଣି ଓ ନଅାଁଣାରେ ୯ଡିଗ୍ରୀ, ରାମତୀର୍ଥରେ ୧୩ଡିଗ୍ରୀ, ସାତକୋଶିଆ ଏବଂ କିଆଝରିରେ ତାପମାତ୍ରା ୧୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଜିଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୨ଡିଗ୍ରୀ ପାଖାପାଖି ରହୁଛି। ଅବାଧ ଗଛକଟା ଓ ଖଣିଖନନ ଯୋଗୁ ଏହାର ପ୍ରଭାବ ଜିଲାବାସୀଙ୍କ ଉପରେ ପଡୁଥିବା ପରିବେଶବିତ୍‌ମାନେ କହିଛନ୍ତି।

**ଆଜିର ସମ୍ପାଦକୀୟ**
**ଦୋଳି ଦୁର୍ଘଟଣା**



ଆର୍ଜେଣ୍ଟିନା ସରକାରଙ୍କ ଫାସିବାଦୀ ଓ ବୈଷମ୍ୟଭେଦୀ ନୀତି ବିରୋଧରେ ବ୍ୟୁନସ୍ ଆୟର୍ସ ସହରରେ ରବିବାର ଆୟୋଜିତ ପ୍ରାଇଡ୍ ମାର୍ଚ୍ଚରେ ଭାଗନେଇଥିବା ଜଣେ ଟ୍ରାନ୍ସ ଓମେନ୍ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଭ୍ୟାନ୍-ବାଇକ୍ ମୁହାଁମୁହିଁ : ପରିବାରର ୪ ମୃତ

କଣ୍ଟାବାଞ୍ଜି ,୮।୨
(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ଥାନା ଅଧୀନ ମାଓବାଦୀ ପ୍ରବଣ ପଣ୍ଡରେନ ଗ୍ରାମ ନିକଟରେ ରବିବାର ସନ୍ଧ୍ୟା ସାଢେ ୭ଟାରେ ଏକ ବାଇକ୍ ଓ ପିକ୍‌ଅପ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଫଳରେ ଘଟଣାସ୍ଥଳରେ ଗୋଟିଏ ପରିବାରର ଜଣେ ନାବାଳକ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଲାଠୋର ଥାନା ଅଧୀନ ଧଅାଁରା ଖମନ ଗ୍ରାମର ଚିର ପୁଟେଲ(୬୫), ତାଙ୍କ ସ୍ତ୍ରୀ ଫୁଲମତି(୬୨), ପୁଅ ଶୋଭନ (୩୧) ଏବଂ ଚିରଙ୍କ ନାତି ଦେବାଶିଷ ପୁଟେଲ(୮) ଏକ ବାଇକ୍‌ରେ ତୁରେକେଲା-ମହଖଣ୍ଡ ମୁଖ୍ୟ ରାସ୍ତା ଦେଇ ତୁରେକେଲା ଅଭିମୁଖେ ଆସୁଥିଲେ । ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ୍ ଭ୍ୟାନ୍ ସହ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ସମସ୍ତଙ୍କ ମୃତ୍ୟୁ ଘଟିଥିବା ଜାଣିବାକୁ ମିଳିଛି। ଖବରପାଇ ତୁରେକେଲା ପୋଲିସ ପହଞ୍ଚି ଅଧିକ ତଦନ୍ତ ଚଳାଇଛି। ଘଟଣା ସମ୍ପର୍କରେ ଅଧିକ ତଥ୍ୟ ହସ୍ତଗତ ହୋଇନାହିଁ। ସୂଚନାଯୋଗ୍ୟ, ଶୋଭନ ଗତ ମାସରେ ବିବାହ କରିଥିଲେ।

# ଶୋଷ, ଚାଷ ପାଇଁ ପାଣି ନିଅଣ୍ଟ

**ଓଡ଼ିଶାରେ ପ୍ରବାହିତ ୧୧ ପ୍ରମୁଖ ନଦୀରେ ଜଳପ୍ରବାହ ହ୍ରାସ ପାଇବାରେ ଲାଗିଛି। ୨୦୦୧ରେ ରାଜ୍ୟରେ ୯୫.୫୪ ବିଲିୟନ୍ କ୍ୟୁବିକ୍ ମିଟର(ବିସିଏମ୍) ଜଳ ପ୍ରବାହିତ ହେଉଥିଲା। ଇତିମଧ୍ୟରେ ପ୍ରବାହ ହ୍ରାସକୁ ଦେଖିଲେ ଆଗାମୀ ଦିନରେ ଏହା ୮୫.୮୯ ବିସିଏମ୍ ହେବ ବୋଲି ଆକଳନ କରାଯାଇଛି। ରାଜ୍ୟରେ ପ୍ରଚୁର ଜଳସମ୍ପଦ ଥିବା ସତ୍ତ୍ୱେ ଋଷିକୁଲ୍ୟା, ବୈତରଣୀ ଏବଂ ବାହୁଦା ଭଳି କେତେକ ନଦୀରେ ୨୦୪୭ ସୁଦ୍ଧା ଜଳକ୍ଲିଷ୍ଟ ସ୍ଥିତି ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଦ୍ରୁତ ସହରୀକରଣ, ଅନିୟନ୍ତ୍ରିତ ଭୂତଳ ଜଳ ଉତ୍ତୋଳନ ଏବଂ ଭୂପୃଷ୍ଠ ଜଳ ଉତ୍ସଗୁଡ଼ିକର ବଣ୍ଟନରେ ଅସମାନତା ଏହାର ପ୍ରମୁଖ କାରଣ। ସେହିପରି ଉପରମୁଣ୍ଡ ଛତିଶଗଡ଼ ସମେତ ପଡ଼ୋଶୀ ରାଜ୍ୟଗୁଡ଼ିକରେ ଏକାଧିକ ବ୍ୟାରେଜ୍ ନିର୍ମାଣ ଯୋଗୁ ନଦୀଜଳ ପ୍ରବାହ କମିବାରେ ଲାଗିଛି। ଓଡ଼ିଶାରେ ଜନସାଧାରଣଙ୍କୁ ପାନୀୟ ଜଳ ଏବଂ ଚାଷ ପାଇଁ ପାଣି ନିଅଣ୍ଟ ହେଉଛି। ଏହାକୁ ଦୃଷ୍ଟିରେ ରଖି ସରକାର ପ୍ରାଥମିକ ପର୍ଯ୍ୟାୟରେ ୨୦ହଜାର କୋଟି ଟଙ୍କାର ପ୍ରତିକାର ପଦକ୍ଷେପ ନେଇଥିବା ସୂଚନା ମିଳିଛି।**

**କମୁଛି ନଦୀଜଳ ପ୍ରବାହ**



ଯାଜପୁର,୮।୨(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟର ନଦୀଗୁଡ଼ିକରେ ଜଳପ୍ରବାହ ହ୍ରାସକୁ ଦେଖିଲେ ସମନ୍ୱିତ ପ୍ରଯୁକ୍ତିବିଦ୍ୟା ଆଧାରିତ ଜଳ ସମ୍ପଦ ପରିଚାଳନା ପଦ୍ଧତି ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି। ତଦନୁଯାୟୀ ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ୩।୨।୨୦୨୬ରେ ହୋଇଥିବା ବୈଠକରେ ଏକ କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିପାଇଁ ୨୦ ହଜାର କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଉକ୍ତ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଅନୁସଚିବ ଆରତି ମଲ୍ଲିକ ଆବଶ୍ୟକ ରିପୋର୍ଟ ପ୍ରସ୍ତୁତ କରିବାକୁ ବିଭାଗୀୟ ଇଞ୍ଜିନିୟର-ଇନ୍-ଚିଫ୍ ଏବଂ ଚିଫ୍ ଇଞ୍ଜିନିୟରଙ୍କୁ ୭।୨।୨୦୨୬ରେ ଚିଠି ଲେଖିଛନ୍ତି।

ଆନ୍ତଃରାଜ୍ୟ ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା ଏବଂ ଓଡ଼ିଶାରେ ଉତ୍ପତ୍ତି ହୋଇଥିବା ବୈତରଣୀ, ବୁଢାବଳଙ୍ଗ ଓ ଋଷିକୁଲ୍ୟା ସହ ଏହାର ଶାଖାନଦୀଗୁଡ଼ିକ ସମୁଦ୍ରରେ ମିଶିଛନ୍ତି। ସାଧାରଣ ଲୋକଙ୍କ ପାଇଁ ବ୍ୟବହୃତ ହେଉଥିବା ନଦୀଜଳର ୧୨ ଗୁଣ ଅଧିକ ଜଳ ଶିଳ୍ପ ପାଇଁ ବ୍ୟବହୃତ ହେଉଛି। ଏଠାରେ ବ୍ରାହ୍ମଣୀ, ବୈତରଣୀ ଓ ଏହାର ଶାଖାନଦୀଗୁଡ଼ିକର ଜଳକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ନଦୀଜଳ ଉପରେ ନିର୍ଭର କରି ଯାଜପୁର ଜିଲାରେ ୧୦ରୁ ଊର୍ଦ୍ଧ୍ୱ ବୃହତ୍ ଶିଳ୍ପ କାରଖାନା ଗଢ଼ିଉଠିଛି। ଏହି ନଦୀଗୁଡ଼ିକରୁ ବର୍ଷକୁ ଜଳସେଚନ ପାଇଁ ୩୯୫୧.୫୧ ବିସିଏମ୍, ଲୋକଙ୍କ ପାଇଁ ଜଳଯୋଗାଣ କ୍ଷେତ୍ରରେ ୮୨.୩୦ ବିସିଏମ୍, ଶିଳ୍ପ ପାଇଁ ୧୦୫୫.୯୫ ବିସିଏମ୍ ଓ ପର୍ଯ୍ୟାବରଣ ପାଇଁ ୪୭୨୨.୭୦ ବିସିଏମ୍ ଜଳ ଆବଶ୍ୟକ ହୁଏ। ଏଭଳି ପରିସ୍ଥିତି ସାରା ରାଜ୍ୟରେ ଦେଖାଦେଉଥିବାରୁ ଖରାଦିନେ ଲୋକଙ୍କୁ ଜଳକ୍ଲିଷ୍ଟତାର ସମ୍ମୁଖୀନ ହେବାକୁ ପଡୁଛି। ଏବେ ଭୂତଳ ଜଳକୁ ନେଇ ଚିନ୍ତାଜନକ ସ୍ଥିତି ଉପୁଜିଛି। କେଉଁ କମ୍ପାନୀ କେତେ ପରିମାଣର ଭୂତଳ ଜଳ ବ୍ୟବହାର କରୁଛି, ତା'ର ଠିକ୍ ତଥ୍ୟ ପ୍ରଶାସନ ପାଖରେ ଖୋଜିଲେ ବି ମିଳୁନି। ତଥାପି କେହିବି ଏହି ଗୁରୁତର ସମସ୍ୟାର ପ୍ରତିକାର ପାଇଁ ଚେଷ୍ଟା କରୁ ନ ଥିବା ଭଳି ମନେହେଉଛି। କିନ୍ତୁ ବିଭାଗ ପକ୍ଷରୁ ପ୍ରସ୍ତୁତ ରିପୋର୍ଟରେ ବର୍ଷ ବର୍ଷ ଧରି ଜଳସମ୍ପଦର ଉପଯୋଗ ଏବଂ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇଛି, ତଥାପି କୃଷି, ଶିଳ୍ପ ଏବଂ ଲୋକଙ୍କ ଚାହିଦାକୁ ନେଇ ଦୀର୍ଘକାଳୀନ ଜଳ ସୁରକ୍ଷା ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିବ ବୋଲି ଦର୍ଶାଯାଇଛି।

ଓଡ଼ିଶାରେ ବର୍ତ୍ତମାନ ବାର୍ଷିକ ପ୍ରାୟ ୩୩.୬୧ ବିସିଏମ୍ ଜଳ ଚାହିଦା ଦ୍ରୁତଗତିରେ ବୃଦ୍ଧି ପାଉଛି। ଅର୍ଥନୈତିକ ପ୍ରସାର, ଜନସଂଖ୍ୟା ବୃଦ୍ଧି ଏବଂ ଶିଳ୍ପାୟନ ପାଇଁ ଏହି ଚାହିଦା ଆଗାମୀ ଦିନରେ ପ୍ରାୟ ଦୁଇଗୁଣ ହେବ ବୋଲି ଆକଳନ କରାଯାଇଛି, ଯାହା ୫୫ ରୁ ୬୨ ବିସିଏମ୍ ମଧ୍ୟରେ ପହଞ୍ଚିବ। ଏହାର ସମାଧାନ ପାଇଁ ଆଧୁନିକ ଜଳସେଚନ ପ୍ରଣାଳୀ, ଶିଳ୍ପ ଜଳ ପୁନଃ ବ୍ୟବହାର, ବିକଳ୍ପ ଜଳ ଉତ୍ସର ବିକାଶ, ଜଳଛାୟା ପରିଚାଳନା, ଭୂପୃଷ୍ଠ ଜଳ ଭଣ୍ଡାରର ☞ପୃଷ୍ଠା-୪

# ପୁଅକୁ ଛୁରି ଭୁସି ହତ୍ୟାକଲେ ବାପା

**ଜମିବାଡ଼ି ବିବାଦକୁ ନେଇ ଘଟଣା**
**ଅଭିଯୁକ୍ତ ଗିରଫ**

ଢେଙ୍କାନାଳ,୮।୨ (ରତନ ନାୟାର)

ନିଶାଗ୍ରସ୍ତ ହୋଇ ଉପଦ୍ରବ କରୁଥିବା ବାପାଙ୍କୁ ଅଟକାଇବାରୁ ବାପା ସାଜିଲେ ପିଶାଚ। ଛୁରି ଭୁସି ହତ୍ୟାକଲେ ନିଜ ପୁଅକୁ। ରବିବାର ଏଭଳି ଅଭାବନୀୟ ଘଟଣା ଘଟିଛି ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କମ୍ପୁଲେଇ ଗ୍ରାମରେ। କମ୍ପୁଲେଇ ଗ୍ରାମର ବିଭୂତି ସାହୁ (୫୫) ଓ ତାଙ୍କର ପ୍ରଥମ ସ୍ତ୍ରୀଙ୍କ ପରିବାର ମଧ୍ୟରେ ଜମିବାଡ଼ି ବିବାଦ ଲାଗିଥିଲା। ବିଭୂତି ଅନ୍ୟଜଣଙ୍କୁ ଦ୍ୱିତୀୟ ସ୍ତ୍ରୀ ଭାବେ ରଖିବାରୁ ତାଙ୍କ ପରିବାରରେ ଅଧିକାଂଶ ସମୟରେ ବିବାଦ ଲାଗି ରହୁଥିଲା। ସେହିପରି ଜମିବାଡ଼ିକୁ ନେଇ ମଧ୍ୟ ପ୍ରଥମ ସ୍ତ୍ରୀଙ୍କ ପରିବାର ସହିତ ବିଭୂତିଙ୍କର ବିବାଦ ହେଉଥିଲା। ଶନିବାର ରାତିରେ ବିଭୂତି ମଦ୍ୟପାନ କରି ଘରକୁ ଆସି ଗାଳିଗୁଲଜ କରିଥିଲେ। ଏହାକୁ ଦେଖି ପ୍ରଥମ ସ୍ତ୍ରୀଙ୍କ ପୁଅ କ୍ଷୀରୋଦ (୨୫) ପ୍ରତିବାଦ କରିଥିଲେ। ଫଳରେ ବିଭୂତି ପୁଅ କ୍ଷୀରୋଦଙ୍କ ଉପରକୁ ଇଟାମାଡ଼ କରିଥିଲେ। କ୍ଷୀରୋଦଙ୍କ ଅଣ୍ଟାରେ ଇଟା ବାଜି ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏ ସଂକ୍ରାନ୍ତରେ ରାତିରେ କ୍ଷୀରୋଦ କଙ୍କଡ଼ାହାଡ଼ ଥାନା ପୋଲିସକୁ ଜଣାଇଥିଲେ। ରବିବାର ସକାଳେ କ୍ଷୀରୋଦ କଙ୍କଡ଼ାହାଡ଼ ଥାନାକୁ ଯାଇ ବାପାଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ତେବେ ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ନ ଥିବା କ୍ଷୀରୋଦଙ୍କ ଭଉଣୀ ପ୍ରିୟଙ୍କା ଅଭିଯୋଗ ଆଣିଛନ୍ତି। ବାପାଙ୍କ ବିରୋଧରେ ଅଭିଯୋଗ କରି କ୍ଷୀରୋଦ ଘରକୁ ଫେରିବା ପରେ ବାପା ବିଭୂତି ହଠାତ୍ ପୁଅ ପେଟରେ ଛୁରି ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ କ୍ଷୀରୋଦଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରେ ବିଭୂତି ଫେରାର ହୋଇଯାଇଥିଲେ। କଙ୍କଡାହାଡ଼ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ବହୁ ଖୋଜାଖୋଜି କରିବା ପରେ ଉକ୍ତ ଗ୍ରାମରୁ ବିଭୂତିଙ୍କୁ ପୋଲିସ ଗିରଫ କରିଛି। ଏ ସଂକ୍ରାନ୍ତରେ ☞ପୃଷ୍ଠା-୪

# ସଂଘ କହିଲେ ଅବସର ନେବି: ଭାଗବତ

ମୁମ୍ବାଇ,୮।୨(ପି.ଟି.)


ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ

୨୦୨୫ ସେପ୍ଟେମ୍ବର ୧୧ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତଙ୍କୁ ୭୫ ବର୍ଷ ପୂରିଥିବାବେଳେ ସେ ଏବେ ମଧ୍ୟ ସରସଂଘ ଚାଳକ ଦାୟିତ୍ୱ ତୁଲାଉଛନ୍ତି। ଆର୍‌ଏସ୍‌ଏସ୍ ତାଙ୍କୁ ଏହି ଭୂମିକାରେ ରହିବାକୁ ପରାମର୍ଶ ଦେଇଥିବାରୁ ସେ ନିଜକୁ ଦାୟିତ୍ୱମୁକ୍ତ କରିନାହାନ୍ତି। ତେବେ ସଂଘ ଯଦି ପଦ ଛାଡ଼ିବାକୁ କୁହେ, ସେ ଅବସର ନେବାକୁ ପ୍ରସ୍ତୁତ ବୋଲି ରବିବାର ଭାଗବତ ସ୍ପଷ୍ଟ କରିଛନ୍ତି। ଆର୍‌ଏସ୍‌ଏସ୍ ପ୍ରତିଷ୍ଠାର ଶତବାର୍ଷିକୀ ପାଳନ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମର ପ୍ରଶ୍ନୋତ୍ତର ବେଳେ ଭାଗବତଙ୍କୁ ଅବସର ସମ୍ପର୍କରେ ପଚରାଯାଇଥିଲା। ଏହାର ଉତ୍ତରରେ ଭାଗବତ କହିଥିଲେ, ସେ ଅଧିକ ବୟସରେ ଉପନୀତ ହେବା ସତ୍ତ୍ୱେ ସଂଘ ତାଙ୍କୁ କାର୍ଯ୍ୟ କରିବାକୁ କହିଛି। ଅବସର ନେବାକୁ ସଂଘ ଯେବେ କହିବ, ସେ ପଦ ଛାଡ଼ିଦେବେ। ସରସଂଘ ଚାଳକ ପଦରେ ସବୁବେଳେ ଜଣେ ହିନ୍ଦୁ ରହିବା ଉଚିତ। ଏହି ପଦ ପାଇଁ କୌଣସି ନିର୍ବାଚନ ହୋଇ ନ ଥାଏ। ବିଭାଗୀୟ ମୁଖ୍ୟମାନେ ତାଙ୍କୁ ନିଯୁକ୍ତ କରିଥାନ୍ତି। ୭୫ ବର୍ଷରେ ପଦାର୍ପଣ କରିବା ପରେ ଜଣେ ବ୍ୟକ୍ତି ପଦ ଛାଡ଼ି କାର୍ଯ୍ୟ ଜାରି ରଖିବା ଉଚିତ ବୋଲି ସାଧାରଣତଃ କୁହାଯାଇଥାଏ। ଭାଗବତ ଏକକ ଦେଓ୍ୱାନୀ ସଂହିତା (ୟୁସିସି) ଉପରେ ମଧ୍ୟ ମତ ରଖିଛନ୍ତି। ସେ କହିଛନ୍ତି, ସବୁ ବର୍ଗର ଲୋକଙ୍କୁ ବିଶ୍ୱାସକୁ ନେଇ ୟୁସିସି ପ୍ରଣୟନ କରାଯିବା ଉଚିତ। ଏହାଦ୍ୱାରା ସମାଜରେ ବିଭାଜନକୁ ଏଡ଼ାଯାଇପାରିବ। ଉତ୍ତରାଖଣ୍ଡରେ ୟୁସିସି ପାଇଁ ୩ ଲକ୍ଷ ପ୍ରସ୍ତାବ ଆସିଥିଲା। ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା ପରେ ଏହା ଗୃହୀତ ହୋଇଥିଲା ବୋଲି ଭାଗବତ କହିଛନ୍ତି। ସଂଖ୍ୟାବହୁଳ କି ସଂଖ୍ୟାଲଘୁ ବୋଲି କିଛି ନାହିଁ। ଭାରତୀୟ ସମାଜରେ ଆମେ ସମସ୍ତେ ସମାନ। ମୁସଲମାନ ଓ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ସହ ବନ୍ଧୁତା ଓ ବିଶ୍ୱାସ ସୃଷ୍ଟି ଲାଗି ସେମାନଙ୍କ ସହ ଆଲୋଚନା କରାଯିବା ଉପରେ ଭାଗବତ ଗୁରୁତ୍ୱାରୋପ କରିଛନ୍ତି।

# ଶତ୍ରୁ ସାଟେଲାଇଟ୍ ଉପରେ ନଜର ରଖିବ ଭାରତ

ପାଟନା,୮।୨

**କକ୍ଷପଥରେ ସର୍ଭିଲାନ୍ସ କ୍ଷମତା ହାସଲ**



ଭାରତର ଅଭିବୃଦ୍ଧିଶୀଳ ଘରୋଇ ମହାକାଶ କ୍ଷେତ୍ରକୁ ଏକ ବଡ଼ ସଫଳତା ମିଳିଛି। ଅହମଦାବାଦର ଆଜିସ୍ତା ଇଣ୍ଡଷ୍ଟ୍ରିଜ୍ ପ୍ରା.ଲିଃ ଏହାର ଏରୋସ୍ପେସ୍ ବିଭାଗ ଜରିଆରେ ଏକ ନୂଆ ସାମର୍ଥ୍ୟର ପ୍ରଦର୍ଶନ କରିଛି। ଏହା କକ୍ଷପଥରେ ଅନ୍ୟ ସାଟେଲାଇଟ୍‌ରେ ଥିବା ବସ୍ତୁର ଫଟୋ ହାସଲ କରିବାର ନୂଆ ସ୍ୱଦେଶୀ କ୍ଷମତା ହାସଲ କରିଛି। ଭାରତର ଏକ ଘରୋଇ ସେକ୍ଟର ପାଇଁ ଏହା ପ୍ରଥମ ହୋଇଥିବାବେଳେ ଭାରତୀୟ ମହାକାଶ ସ୍ଥିତି ସଚେତନତାକୁ ସୁଦୃଢ଼ କରିବା ଦିଗରେ ଏକ ବଡ଼ ପଦକ୍ଷେପ। ଏହାକୁ କକ୍ଷପଥ ଗୁପ୍ତଚରଗିରି କୁହାଯାଏ।

୮୦ କିଲୋଗ୍ରାମ ଭୂପର୍ଯ୍ୟବେକ୍ଷଣ ସାଟେଲାଇଟ୍ ଏଏଫ୍‌ଆର୍ ବ୍ୟବହାର କରି ଆଜିସ୍ତା ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ର ଫଟୋକୁ ସଫଳତାର ସହ ଧରିପାରିଛି। ଫେବୃଆରୀ ୩ରେ ଏହା ଉପରେ ୨ ଥର ଯୋଜନାବଦ୍ଧ ପରୀକ୍ଷା କରାଯାଇଥିଲା। ନିମ୍ନ ଆର୍ଥ ଅର୍ବିଟ୍‌ରୁ ଆଇଏସ୍‌ଏସ୍ ଅନ୍ୟତମ ଅଧିକ ଦୃଶ୍ୟମାନ ଏବଂ ସହଯୋଗୀ ଟାର୍ଗେଟ ହୋଇଥିବାବେଳେ ଉକ୍ତ ସଫଳତା ଭାରତର ଘରୋଇ ସେକ୍ଟର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆରମ୍ଭ ବୋଲି କୁହାଯାଉଛି। ଦିଗ୍‌ବଳୟ ନିକଟ ଏବଂ ☞ପୃଷ୍ଠା-୪

# ଦିନକରେ କାଗଜପତ୍ରରୁ କାଟିଦେଲେ ୨୦୫

## କେନ୍ଦୁଝରରେ ଖୋଲୁଛି ଭତ୍ତା କେଳେଙ୍କାରୀ

■ ବାପାଙ୍କ ବୟସ ୭୬, ପୁଅଙ୍କୁ ୭୩

■ କୁଷ୍ଠ ରୋଗ ନାମରେ ଟଙ୍କା ହଡ଼ପ

ଆନନ୍ଦପୁର,୮।୨
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘଷିପୁରା ବ୍ଲକ୍‌ରେ କୁଷ୍ଠରୋଗୀଙ୍କ ନାମରେ ଭତ୍ତା କେଳେଙ୍କାରୀ ହୋଇଛି। ବ୍ଲକ୍‌ରେ କେହି କୃଷ୍ଠରୋଗୀ ନ ଥିବା ବେଳେ ଜାଲିଆତି କରି ଭତ୍ତା ଉଠାଯାଉଥିଲା। କେଳେଙ୍କାରୀ ଧରା ପଡ଼ିଯିବା ଭୟରେ ଗୋଟିଏ ଦିନରେ ୨୦୫ ହିତାଧିକାରୀଙ୍କୁ କାଗଜପତ୍ରରେ ମାରିଦିଆଯାଇଛି। ତରିମୂଳ ପଞ୍ଚାୟତରେ ଏଭଳି ଘଟଣା ସାମ୍ନାକୁ ଆସିଥିବା ବେଳେ

ଏତେ ସଂଖ୍ୟକ ଲୋକଙ୍କର ହଠାତ ଗୋଟିଏ ଦିନରେ ନାମ କଟିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଘଟଣାରେ ବ୍ୟାପକ ଦୁର୍ନୀତି ଓ ଆର୍ଥିକ ଅନିୟମିତତା ହୋଇଥିବା ଆର୍‌ଟିଆଇ ସୂଚନା ଆଧାରରେ ଜଣାପଡ଼ିଥିବା ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ କରି ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ସାହୁ ଅଭିଯୋଗ କରିଛନ୍ତି।

ତଥ୍ୟ ଅନୁଯାୟୀ, ଘଷିପୁରା ବ୍ଲକ୍‌ରେ ଗତ ୧୦ବର୍ଷ ମଧ୍ୟରେ ୧୪୧ ଜଣ କୁଷ୍ଠରୋଗରେ ଆକ୍ରାନ୍ତ ହୋଇଥିଲେ। ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇଛନ୍ତି। ମାତ୍ର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ କୁଷ୍ଠ ରୋଗୀଙ୍କ ନାମରେ ଭତ୍ତା ଉଠୁଥିଲା। ଏ ନେଇ ଆର୍‌ଟିଆଇରେ ଆବେଦନ ପରେ ତରବରିଆ ଭାବେ ୨୦୨୫ ଡିସେମ୍ବର ୩୧ ତାରିଖରେ କାଗଜପତ୍ରରୁ ସେମାନଙ୍କ ନାମକୁ ହଟାଇ ଦିଆଯାଇଛି। ଏଥିରେ ତରିମୂଳ ପଞ୍ଚାୟତ ରେକୁଟିଆରେ ୪୯ ଜଣ, କଣ୍ଠାରୋହିରେ ୧୪, ତୁଳସୀପୁରରେ ୭ ଜଣ, ତରିମୂଳ ଗ୍ରାମରେ ସର୍ବାଧିକ ୧୩୫ ଜଣ ରହିଛନ୍ତି। ଉଦାହରଣ ଭାବେ ତରିମୂଳ ଗ୍ରାମର ମିତାରାଣୀ ନାହାକ (୩୦) ଯୋଜନାର ଲାଭ ଉଠାଉଥିବା ସରକାରୀ ତଥ୍ୟ କହୁଛି। ତାଙ୍କର ଅନୁମୋଦନ ସଂଖ୍ୟା ଓଆରଏସ୍-୦୬୬୨୩୯୫୧ ଥିବା ଦର୍ଶାଯାଇଛି। ସେହିପରି ଅନୁମୋଦନ ସଂଖ୍ୟା ଓଆରଏସ୍-୦୬୬୧୪୯୮୨ରେ ଅପର୍ଣ୍ଣା ବଳ(୪୦), ତପନ ଦାସ(୪୫), ବିଷ୍ଣୁ ପ୍ରସାଦ ଦାସ(୪୮), ଅନିଲ ରାଉତ(୪୮)ଙ୍କ ଭଳି ଶତାଧିକ ଏହି ଯୋଜନାର ଲାଭାର୍ଥୀ ଥିଲେ। ଏ ସମସ୍ତଙ୍କୁ ସରକାରଙ୍କ ପକ୍ଷରୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ମାସିକ ଏକ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଉଥିବା ଉଲ୍ଲେଖ ଥିଲା। ହଠାତ୍ ହିତାଧିକାରୀଙ୍କ ନାମ ଯୋଜନାରୁ ବାଦ୍ ଦିଆଯାଇଛି। ସେହିପରି ଗୁଞ୍ଜର ମହାରଣା, ଦ୍ରୌପଦୀ ରାଉତ, ମାଗୁ ମଲ୍ଲିକ, ହୃଷୀକେଶ ନାହାକ ଦୀର୍ଘ ବର୍ଷ ପୂର୍ବେ ମୃତ୍ୟୁବରଣ କରିଥିଲେ ମଧ୍ୟ ଯୋଜନାରେ ନାମ ଗଡ଼ି ଚାଲିଥିଲା। ଏମାନେ ଗତ ଡିସେମ୍ବର ୩୧ରେ ଆଉ ଥରେ ମରିଥିବା ସରକାରୀ ତଥ୍ୟ କହୁଛି। ଖବରଦାତା ସମ୍ମିଳନୀରେ ସାମାଜିକକର୍ମୀ ହିମାଂଶୁ ଶେଖର ନାୟକ କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ କିଛି ଭିନ୍ନ କଥା କହୁଛି। ଘଷିପୁରା ବ୍ଲକ୍‌ରେ ଗତ ୧୦ ବର୍ଷ ମଧ୍ୟରେ ୧୪୧ ଜଣ କୁଷ୍ଠରୋଗୀ ସୁସ୍ଥ ହୋଇଥିଲେ। ହେଲେ ଗୋଟିଏ ପଞ୍ଚାୟତରେ ୨୦୫ ଜଣ ହିତାଧିକାରୀ କେଉଁଠୁ ଆସିଲେ। ଏଥିପାଇଁ ସେମାନେ ଭତ୍ତା ପାଇବାକୁ ଆବେଦନ କରିଥିଲେ କି? ଆବେଦନ ସମୟରେ କୁଷ୍ଠ ରୋଗରୁ ସୁସ୍ଥ ହୋଇଥିବାର ପ୍ରମାଣପତ୍ର ଦାଖଲ କରିଥିଲେ କି ବୋଲି ପ୍ରଶ୍ନ କରିଛନ୍ତି। ମାସିକ ୨ ଲକ୍ଷରୁ ଅଧିକ ଟଙ୍କା ଉକ୍ତ ପଞ୍ଚାୟତରେ ଏହି ଯୋଜନାରେ ପ୍ରଦାନ କରାଯାଉଛି। ଅର୍ଥାତ ବାର୍ଷିକ ୨୪ ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି। ବ୍ଲକ୍‌ର ନିର୍ଦ୍ଦିଷ୍ଟ କିଛି ଅସାଧୁ ଅଧିକାରୀ, ପଞ୍ଚାୟତର ଅସାଧୁ କର୍ମଚାରୀ ଓ ଜନପ୍ରତିନିଧି ଏଥିରେ ସମ୍ପୃକ୍ତ ଅଛନ୍ତି। ସରକାରୀ କର୍ମଚାରୀ ଜାଲ କାଗଜପତ୍ର ପ୍ରସ୍ତୁତ କରି ସରକାରୀ ଅର୍ଥକୁ ଲୁଟିବା ପାଇଁ ଏକ ଗୋଷ୍ଠୀ ଷଡ଼ଯନ୍ତ୍ର କରିଥିବା ହିମାଂଶୁ କହିଛନ୍ତି। ଅଧିକାଂଶ ହିତାଧିକାରୀଙ୍କର ବୟସ ଜାଲିଆତି ହୋଇଛି। ଏପରିକି ବାପର ବୟସ ୭୬ ହୋଇଥିବା ବେଳେ ୨ ପୁଅର ବୟସ ୭୧, ୭୩ ଉଲ୍ଲେଖ କରାଯାଇ ଅର୍ଥ ଆତ୍ମସାତ କରାଯାଇଛି। ତେଣୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଆତ୍ମସାତ ହୋଇଥିବା ଅର୍ଥ ସରକାରୀ ତହବିଲକୁ ଫେରାଇ ଆଣିବା ପାଇଁ ଯଜ୍ଞ ପ୍ରସାଦ ସାହୁ ଦାବି କରିଛନ୍ତି। ସେହିପରି ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ନାୟକ ଦାବି କରିଛନ୍ତି।

# ଆଦିବାସୀ କଳା, କଳାବସ୍ତୁର ଲାଇଭ୍ ପ୍ରଦର୍ଶନ



ଶିଳ୍ପୀ ଓ କାରିଗରମାନେ ଆଦିବାସୀ କଳା ଓ କଳାବସ୍ତୁର ଲାଇଭ୍ ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର,୮।୨(ସୁଚିସ୍ମିତା ସାହୁ)

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟିଆର୍‌ଆଇଟିଆଇ) ପକ୍ଷରୁ କଳା ଓ କଳାବସ୍ତୁକୁ ନେଇ ଲାଇଭ୍ ପ୍ରଦର୍ଶନ କାର୍ଯ୍ୟକ୍ରମ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସରରେ ଆରମ୍ଭ ହୋଇଛି। ପାରମ୍ପରିକ ଆଦିବାସୀ କଳାକୁ ପ୍ରୋତ୍ସାହନ, ସଂରକ୍ଷଣ ଏବଂ ପ୍ରଦର୍ଶନ ଉଦ୍ଦେଶ୍ୟରେ ୧୫ଦିନ ବ୍ୟାପୀ ଅର୍ଥାତ୍ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ରାୟଗଡା ଜିଲା ଆଇଟିଡିଏ ଗୁଣୁପୁର ଇଡ୍‌ତାଲ ଏବଂ ସଉରା ଚିତ୍ରକଳାରେ ଦକ୍ଷ ୫ଜଣ କାରିଗରଙ୍କୁ ପ୍ରାୟୋଜିତ କରିଛି, ଏମାନେ କାର୍ଯ୍ୟକ୍ରମ ସମୟରେ ଆଦିବାସୀ କଳାର ଲାଇଭ ପ୍ରଦର୍ଶନ କରିବେ। ସେହିପରି ମୟୂରଭଞ୍ଜ ଜିଲା ଆଇଟିଡିଏ କପ୍ତିପଦା ଉଦଳା ପକ୍ଷରୁ ମାହାଲି ଜନଜାତିର ବାଉଁଶ କାରିଗରରେ ନିପୁଣ ୫ଜଣ ଅଭିଜ୍ଞ ଆଦିବାସୀ କାରିଗରଙ୍କୁ ନିଜ କଳା ପ୍ରଦର୍ଶନ ଲାଗି ବ୍ୟବସ୍ଥା ହୋଇଛି। ଏହି ଅବସରରେ ଏସ୍‌ସିଏସ୍‌ଟିଆରଆଇଟିଆଇ ନିର୍ଦ୍ଦେଶକ ସୁଧାକର ଶବର କହିଛନ୍ତି, ଏହିପରି ଲାଇଭ ପ୍ରଦର୍ଶନ କାର୍ଯ୍ୟକ୍ରମଗୁଡ଼ିକ ଓଡ଼ିଶାର ସମୃଦ୍ଧ ଆଦିବାସୀ ଐତିହ୍ୟର ସୁରକ୍ଷା ଏବଂ ଜନସାଧାରଣଙ୍କ ମଧ୍ୟରେ ଆଦିବାସୀ କଳା ଓ କଳାବସ୍ତୁ ପରମ୍ପରା ବିଷୟରେ ସଚେତନତା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି କାର୍ଯ୍ୟକ୍ରମରେ ଛାତ୍ର, ଗବେଷକ, ପର୍ଯ୍ୟଟକ ଏବଂ କଳା ଉତ୍ସାହୀ ଉପକୃତ ହେବେ ବୋଲି ଆଶା କରାଯାଉଛି।

# ପୋଲତଳୁ ହୋମଗାର୍ଡ, ଯୁବକଙ୍କ ମୃତଦେହ ଜବତ

ନନ୍ଦପୁର,୮।୨
(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର-ହାଣ୍ଡିପୁଟ ସଂଯୋଗୀ ଏମ୍‌ଡିଆର ୫୫ ରାସ୍ତା ଖିଲୁଆ ପେଟିଆବାଡ଼ ପୋଲତଳ ପାଣିରୁ ଥାନାର ହୋମଗାର୍ଡ ଓ ଜଣେ ଯୁବକଙ୍କ ମୃତଦେହ ରବିବାର ଜବତ କରାଯାଇଛି। ଅଗ୍ନିଶମ ବାହିନୀ ସହାୟତାରେ ଏକ ବାଇକ ମଧ୍ୟ ଜବତ କରାଯାଇଛି। ମୃତକମାନେ ହେଲେ ହୋମଗାର୍ଡ ଭଗବାନ ଖରା ଓ ହିକିମପୁଟ ଗ୍ରାମର ଉଗ୍ରସେନ ପାଙ୍ଗି(୩୩)।

ସୂଚନାନୁଯାୟୀ, ଶନିବାର ହୋମଗାର୍ଡ ଭଗବାନ ଡ୍ୟୁଟି ସାରି ରାତି ୮ଟାରେ ନୀଳ ଦୋରାପୁଟ ଘରକୁ ଫେରିବାକୁ ନନ୍ଦପୁର ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିଲେ। ଏହି ସମୟରେ ଉଗ୍ରସେନ ଦାମନଯୋଡ଼ିରୁ କାମ ସାରି ବାଇକ ଯୋଗେ



ଭଗବାନ ଖରା ଓ ଉଗ୍ରସେନ ପାଙ୍ଗୀ।

ଫେରୁଥିଲେ। ବସ୍‌ଷ୍ଟାଣ୍ଡରେ କିଛି ଜିନିଷ କିଣୁଥିବା ବେଳେ ଉଭୟଙ୍କ ଦେଖା ହୋଇଥିଲା। ଉଭୟ ବାଇକ ଯୋଗେ ନନ୍ଦପୁରରୁ ବାହାରିଥିଲେ। କିନ୍ତୁ ରାତିରେ ଘରକୁ ନ ଫେରିବାରୁ ପରିବାର ଲୋକେ ରବିବାର ସକାଳୁ ଖୋଜାଖୋଜି କରି ନନ୍ଦପୁର ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପୋଲିସ ଦିନତମାମ ବସ୍‌ଷ୍ଟାଣ୍ଡରୁ ୫ କି.ମି. ଦୂର ହିକିମପୁଟ ଯାଏ ରାସ୍ତାକଡ଼ର ସମସ୍ତ ସିସିଟିଭି ଯାଞ୍ଚ କରିଥିଲା। ଏକାଧିକ ସିସିଟିଭିରେ ଉଭୟ ବାଇକ ଯୋଗେ ଯାଉଥିବା ଦେଖିବାକୁ ମିଳିଥିଲା। ହିକିମପୁଟ ଅଞ୍ଚଳର ସିସିଟିଭିରେ ୨ ନିଖୋଜ ନଜର ନ ଆସିବାରୁ ପୋଲିସ ସନ୍ଦେହ କରି ରାସ୍ତାକଡ ନାଳ ଓ ପୋଲ ତଳ ଯାଞ୍ଚ କରିଥିଲା। ଖିଲୁଆ ପେଟିଆବାଡ ପୋଲ ତଳେ ଏକ ହେଲମେଟ ଭାସୁଥିବା ଦେଖି ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ, ଥାନାଧିକାରୀ ତ୍ରିନାଥ ତୋଟାପାଡିଆ, ଏସ୍‌ଆଇ ବେଦୋବର ସାହୁ, ଏଏସ୍‌ଆଇ ଗୁପ୍ତେଶ୍ୱର ଗଉଡ, ଅଗ୍ନିଶମ ବାହିନୀ ଏଏସଓ ହେମନ୍ତ କୁମାର ସାମଲଙ୍କ ନେତୃତ୍ୱାଧୀନ ଟିମ୍ ପୋଲତଳ ପାଣି ଭିତରେ ଯାଞ୍ଚ କରିଥିଲେ। ପାଣି ଭିତରୁ ୨ ମୃତଦେହ ଓ ବାଇକ ଜବତ କରାଯାଇଥିଲା। ରାସ୍ତା ଉପରେ ବାଇକର ଭଙ୍ଗା ହେଡଲାଇଟ ମିଳିଥିବାରୁ ଦୁର୍ଘଟଣା ଘଟି ଉଭୟ ପୋଲ ତଳକୁ ଖସି ପଡ଼ିଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନାଧିକାରୀ ତୋଟାପାଡ଼ିଆ ସୂଚନା ଦେଇଛନ୍ତି। ୨ ମୃତଦେହ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶବ ସଂରକ୍ଷିତ ଘରେ ରଖି ତଦନ୍ତ କରାଯାଉଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଏସ୍‌ଡିପିଓ ମଲ୍ଲିକ ସୂଚନା ଦେଇଛନ୍ତି।

# ରାତିରେ ଖସୁଛି ପାରଦ, ଦିନରେ ତାତି

ଭୁବନେଶ୍ୱର, ୮।୨ (ବନ୍ଦନା ସେଠୀ)

ରାଜ୍ୟରେ ହଠାତ୍ ପାରଦ ତଳମୁହାଁ ହୋଇଛି। ଫଳରେ ଏବେ ରାତିରେ ଶୀତ ଓ ଦିନରେ ଖରାତାତି ଅନୁଭୂତ ହେଉଛି। ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୨ରୁ ୩ ଡିଗ୍ରୀ ହ୍ରାସ ପାଇଛି। ସେହିଭଳି ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୫ରୁ ୬ ଡିଗ୍ରୀ ସେଲ୍‌ସିୟସ କମ୍ ଏବଂ ଦକ୍ଷିଣ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୩ ରୁ ୪ ଡିଗ୍ରୀ କମ୍ ରହିଛି। ଗତ ୨୪ ଘଣ୍ଟାରେ ୬ଟି ଅଞ୍ଚଳର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। ଜି.ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୫.୬ ଡିଗ୍ରୀ ଓ ପାରଳାଖେମୁଣ୍ଡିରେ ସର୍ବାଧିକ ୩୩.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ତେବେ ଆସନ୍ତା ୪/ ୫ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଦେଖାଦେବା ନେଇ ପୂର୍ବାନୁମାନ କରାଯାଇଛି। ସୋମବାର ଖୋର୍ଦ୍ଧା, ଗଜପତି, ଗଞ୍ଜାମ, କଟକ, ପୁରୀ, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ସ୍ଥାନରେ କୁହୁଡ଼ି ଦେଖାଦେବ। ସେହିପରି ମଙ୍ଗଳବାର ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଏବଂ ବୁଧବାର ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ କୁହୁଡ଼ି ଦେଖାଦେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# କାର୍ -ଟ୍ରକ୍ ମୁହାଁମୁହିଁ ଧକ୍କା: ରୋଗୀଙ୍କ ସମେତ ୨ ମୃତ, ୫ ଗୁରୁତର

ଚିକିଟି,୮।୨(ପ୍ରକାଶ ଚନ୍ଦ୍ର ସାହୁ)

ଜଣେ ଗୁରୁତର ରୋଗୀଙ୍କୁ ପରିବାର ଲୋକେ ବ୍ରହ୍ମପୁର ବଡ଼ ମେଡିକାଲରୁ କାର୍‌ରେ ବିଶାଖାପାଟଣା ନେଉଥିବା ବେଳେ ଟ୍ରକ୍ ସହ ମୁହଁମୁହିଁ ଧକ୍କା ହୋଇଛି। ଏଥିରେ ରୋଗୀ ଓ ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଛି। କାର୍ ଡ୍ରାଇଭରଙ୍କ ସମେତ ୫ ଜଣ ଗୁରୁତର ହୋଇଛନ୍ତି। ରବିବାର ଅପରାହ୍ନ ପ୍ରାୟ ୩ଟାରେ ଆନ୍ଧ୍ର ସୀମାନ୍ତ ପଲାସା-ଟାକେଲି ମଧ୍ୟସ୍ଥ ନନ୍ଦିଗାଁ ନିକଟରେ ଏହି ଦୁର୍ଘଟଣା ହୋଇଛି। ୨ ମୃତକ ହେଲେ ଡବ୍ଲ୍ୟୁ. ଡାଲେଆ (୪୦) ଓ ଡବ୍ଲ୍ୟୁ. ମଇନା (୪୫)। ଡବ୍ଲ୍ୟୁ. ମୁଡିଆମା (୩୮), ଡବ୍ଲ୍ୟୁ. ନୀଳାଦ୍ରି(୨୫), ଡି. ରାମା ରାଓ (୩୦), ବି. ଚନ୍ଦ୍ର ମଣି (୩୩) ଏବଂ ଡ୍ରାଇଭର ପି. ଏଙ୍କେଟେସ (୪୦) ଗୁରୁତର ହୋଇଛନ୍ତି। ଏହି ଦୁର୍ଘଟଣା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

ପାତି ସୁନପୁର ଗ୍ରାମର ଡାଲେଆ ଅସୁସ୍ଥ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଅନ୍ୟ ମେଡିକାଲ ନେବା ପାଇଁ ପରାମର୍ଶ ଦେଇଥିଲେ। ପରିବାର ଲୋକେ ଏକ କାର୍ ଭଡାକରି ତାଙ୍କୁ ବିଶାଖାପାଟଣାସ୍ଥିତ ଏକ ଘରୋଇ ମେଡିକାଲକୁ ନେଉଥିଲେ। ବାଟରେ ନନ୍ଦିଗାଁ ନିକଟରେ ଉକ୍ତ କାର୍ ସହ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ରୋଗୀ ଡାଲେଆ ଓ ତାଙ୍କ ପରିବାରର ମଇନାଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଗୁରୁତର ଆହତମାନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିବା ଜଣାପଡିଛି। ଟାକେଲି ପୋଲିସ ଦୁର୍ଘଟଣାଗ୍ରସ୍ତ କାର ଓ ଟ୍ରକ୍‌କୁ ଜବତ କରିବା ସହ ୨ ମୃତଦେହ ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଛି।

# ରାଜନୈତିକ ଉଦ୍ଦେଶ୍ୟ ରଖି ଫସାଇ ଦିଆଯାଇଛି: ବିକ୍ରମ

ବ୍ରହ୍ମପୁର,୮।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ରବିବାର ଏମ୍‌କେସିଜି ମେଡିକାଲକୁ ଅଣାଯାଇଥିଲା। ତାଙ୍କୁ ପୋଲିସର କଡ଼ା ସୁରକ୍ଷା ବଳୟରେ ମେଡିକାଲ ଆଉଟଡୋର୍‌କୁ ଅଣାଯାଇଥିଲା। ତାଙ୍କର ଉଚ୍ଚ ରକ୍ତଚାପ, ଅର୍ଶ ଓ ଗଲ ବ୍ଲାଡରରେ ଚିକିତ୍ସା ଆବଶ୍ୟକ ପଡୁଥିବା ଓପିଡିରେ ଡାକ୍ତର ପରାମର୍ଶ ଦେଇଥିଲେ। ପ୍ରଥମେ ମେଡିସିନ ବିଭାଗ ଡାକ୍ତର ଓ ପରେ ସର୍ଜରୀ ଏବଂ ଦନ୍ତ ବିଭାଗ ଡାକ୍ତର ବିକ୍ରମଙ୍କ ଚିକିତ୍ସା କରିଥିଲେ। ଚିକିତ୍ସା ପରେ ତାଙ୍କୁ ପୋଲିସ ଭ୍ୟାନକୁ ନିଆଯାଉଥିବା ବେଳେ ସେ କହିଛନ୍ତି, ମୁଁ ନିର୍ଦ୍ଦୋଷ, ମୋତେ ଫସାଇ ଦିଆଯାଇଛି। ବିଜେଡ଼ିକୁ ବଦନାମ କରିବାକୁ ଷଡ଼ଯନ୍ତ୍ର କରାଯାଇଛି। ମାମଲାରେ ରାଜନୈତିକ ସମ୍ପୃକ୍ତି ରହିଛି। ନ୍ୟାୟିକ ବ୍ୟବସ୍ଥାରେ ବିଶ୍ୱାସ ରହିଛି, ମୋତେ ନିଶ୍ଚୟ ନ୍ୟାୟ ମିଳିବ। ମହାପ୍ରଭୁ



ଏମ୍‌କେସିଜି ମେଡିକାଲରେ ବିକ୍ରମ ପଣ୍ଡା।

## ପୀତବାସ ପଣ୍ଡା ହତ୍ୟା ମାମଲା

### ଏମ୍‌କେସିଜିରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜେଲ ଫେରିଲେ ପୂର୍ବତନ ବିଧାୟକ

ଜଗନ୍ନାଥ ମୋ ସହ ଅଛନ୍ତି ବୋଲି ସେ କହିଛନ୍ତି। କିଏ ଫସାଇଛନ୍ତି, ଜନସାଧାରଣ ସବୁ ଜାଣିଛନ୍ତି ବୋଲି ଖବରଦାତାଙ୍କ ପ୍ରଶ୍ନରେ ଉତ୍ତର ଦେଇ ବିକ୍ରମ କହିଛନ୍ତି।

ତେବେ ବିକ୍ରମ ପୂର୍ବରୁ ୨ ଥର କୋର୍ଟରେ ହାଜର ହେବା ସମୟରେ କୌଣସି ପ୍ରତିକ୍ରିୟା ରଖି ନ ଥିବା ବେଳେ ଏବେ ଗଣମାଧ୍ୟମରେ ବିସ୍ଫୋରକ ବୟାନ ଦେବା ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ପୀତବାସ ହତ୍ୟା ମାମଲାରେ ବିକ୍ରମଙ୍କ ସମେତ ବ୍ରହ୍ମପୁରର ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ୧୬ ଜଣଙ୍କୁ ପୋଲିସ ପର୍ଯ୍ୟାୟକ୍ରମେ ଗିରଫ କରିବା ପରେ ସେମାନଙ୍କୁ ଜେଲ ପଠାଯାଇଛି।

ପୂର୍ବରୁ ଅଭିଯୁକ୍ତମାନେ କୋର୍ଟରେ ଜାମିନ ଆବେଦନ କରିଥିବା ବେଳେ ତାହା ଖାରଜ ହୋଇସାରିଛି। ଆସନ୍ତା ୯ ତାରିଖରେ ସମସ୍ତ ଅଭିଯୁକ୍ତ ଜିଲା ଜଜ୍ କୋର୍ଟରେ ହାଜର ହେବା ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ପରେ ଏହି ମାମଲାର ବିଚାର ଏଡିଜେ-୩ କୋର୍ଟରେ ହେବା ସହ ଚାର୍ଜଫ୍ରେମ ହୋଇ ବିଚାର ଆରମ୍ଭ ହେବ ବୋଲି ଜଣାପଡିଛି।

10001/23/2526



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଫାଇଲେରିଆ ନିରାକରଣ ନିମନ୍ତେ ସାମୂହିକ ଔଷଧ ସେବନ

୧୦ - ୧୯ ଫେବୃଆରୀ ୨୦୨୬

ଏଥର ବଲାଙ୍ଗିର, ବରଗଡ଼, ଗଞ୍ଜାମ, ଢେଙ୍କାନାଳ ଓ ଯାଜପୁର ଆଦି ୫ଟି ଜିଲ୍ଲାର ୭ଟି ବ୍ଲକ୍/ସହରାଞ୍ଚଳରେ ଏହି କାର୍ଯ୍ୟକ୍ରମ ହେବ

- ଫାଇଲେରିଆ ନିରୋଧକ ଏବଂ କୃମିନାଶକ ଔଷଧ ସେବନ ବ୍ୟକ୍ତିର ସୁସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ସହ ସମାଜରୁ ଫାଇଲେରିଆ ରୋଗ ଦୂର କରିବା ପାଇଁ ଗୋଟିଏ ପାଦ ଆଗକୁ ବଢ଼ାଏ
- ଫାଇଲେରିଆ ନିରୋଧକ ଔଷଧ ସହ କୃମିନାଶକ ଔଷଧ ମଧ୍ୟ ଏକସଙ୍ଗେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦିଆଯିବ
- ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ବୟସର ଶିଶୁ ଏବଂ ଗୁରୁତର ଅସୁସ୍ଥ ଥିବା ବ୍ୟକ୍ତିଙ୍କୁ ଏ ଔଷଧ ଖାଇବା ମନା
- ଆଶାକର୍ମୀ କିମ୍ବା ତାଲିମ୍ ପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଘର, ସ୍କୁଲ, କଲେଜ ଓ ଅଫିସ୍‌କୁ ଆସି ଏହି ଔଷଧ ଖୁଆଇବେ

OIPR-10001/10003/2/25-26/0013

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

ଧରିତ୍ରୀ
DHARITRI
ଧରିତ୍ରୀ 52 Years






# ଯୁକ୍ତ୨ ପରୀକ୍ଷା: କପି ରୋକିବାକୁ ଦୁଇସ୍ତରୀୟ କଡ଼ା ଯାଞ୍ଚ

ଭୁବନେଶ୍ୱର,୮।୨(ସୁଚିସ୍ମିତା ସାହୁ)

ଯୁକ୍ତ ୨ ପରୀକ୍ଷାରେ କପିକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ। ପ୍ରବେଶ ପଥରେ ହିଁ ଛାତ୍ରୀଛାତ୍ରଙ୍କୁ ଦୁଇସ୍ତରରେ କଡାକଡି ଭାବେ ଯାଞ୍ଚ କରାଯିବ। ପରୀକ୍ଷା କେନ୍ଦ୍ର ଭିତରକୁ ଯେପରି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଯାଇ ନ ପାରିବ ସେଥିପାଇଁ ପରୀକ୍ଷାର୍ଥୀଙ୍କ ଶରୀର ଯାଞ୍ଚ ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ୱତନ୍ତ୍ର କପଡ଼ା ତିଆରି କୋଠରୀରେ ଛାତ୍ରୀଙ୍କୁ ପୁରୁଷ ଓ ଛାତ୍ରୀଙ୍କୁ ମହିଳା ପରୀକ୍ଷା ନିରୀକ୍ଷକମାନେ ଯାଞ୍ଚ କରିବେ। ପରୀକ୍ଷା ସହିତ ଜଡ଼ିତ ନ ଥିବା କୌଣସି ବ୍ୟକ୍ତି ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିପାରିବେ ନାହିଁ। ପରୀକ୍ଷା ଆରମ୍ଭର ଅଧଘଣ୍ଟା ପୂର୍ବରୁ ପରୀକ୍ଷାର୍ଥୀମାନେ ହଲ୍‌କୁ ପ୍ରବେଶ କରିବେ। ୧୫ ମିନିଟ ପୂର୍ବରୁ ହିଁ ପିଲାମାନେ ନିଜ ସିଟ୍‌ରେ ବସିବେ ବୋଲି କଡା ନିର୍ଦ୍ଦେଶନାମା ଜାରି କରାଯାଇଛି। ସେହିପରି ପରୀକ୍ଷା ସମୟରେ ସୁରକ୍ଷା ପାଇଁ ବ୍ୟାପକ ପୋଲିସ୍ ମୁତୟନ ହେବେ। ହବ୍‌ରେ ପ୍ରଶ୍ନପତ୍ର ସୁରକ୍ଷା ପାଇଁ ୨୪ ଘଣ୍ଟିଆ ବନ୍ଧୁକଧାରୀ ପୋଲିସ ରହିବେ। ହବ୍‌ରୁ ପ୍ରଶ୍ନପତ୍ର ବାହାରି ପରୀକ୍ଷା କେନ୍ଦ୍ରକୁ ପହଞ୍ଚାଇବା ସମୟରେ ମଧ୍ୟ ପୋଲିସ କଡ଼ା ସୁରକ୍ଷା ପ୍ରଦାନ କରିବ। ହବଗୁଡ଼ିକ ସହିତ ପରୀକ୍ଷା କେନ୍ଦ୍ରର ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ।



କଟକ ବାଲିଯାତ୍ରା ଉପର ପଡ଼ିଆରେ ଚାଲିଥିବା ବାରବାଟୀ ଶିଶିର ମେଳାରେ ମୁଖ୍ୟ ଆକର୍ଷଣ ସାଜିଥିବା 'ଜଳପରୀ'। **(ଫଟୋ: ରାଜକିଶୋର ମହାନ୍ତି)**




# ଟ୍ରେଡ୍ ଡିଲ୍‌କୁ ବିରୋଧ, ୧୨ରେ 'ଭାରତ ବନ୍ଦ'

ଆମେରିକା ସହ ଭାରତର ବହୁପ୍ରତୀକ୍ଷିତ ଟ୍ରେଡ୍‌ଡିଲ୍ ମାର୍ଚ୍ଚ ଶେଷ ସୁଦ୍ଧା ସମ୍ପନ୍ନ ହେବାକୁ ଯାଉଛି। ଉଭୟ ପକ୍ଷ ଶନିବାର ଏକ ମିଳିତ ଘୋଷଣାନାମାରେ ଏହାର ରୂପରେଖ ଜାରି କରିଛନ୍ତି। ଉକ୍ତ ବୁଝାମଣା ଦ୍ୱାରା ଭାରତୀୟ ବଜାରକୁ ପୁଞ୍ଜିନିବେଶର ସୁଅ ଛୁଟିବା ସହ ଦେଶରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ କହି କେନ୍ଦ୍ର ଯୁକ୍ତି ବାଢୁଥିବାବେଳେ ଏହା ଏକ ଟ୍ରେଡ୍ ଡିଲ୍ ନୁହେଁ, ବରଂ ଆମେରିକା ଚାପରେ ସରକାରଙ୍କ 'ସମ୍ପୂର୍ଣ୍ଣ ଆତ୍ମସମର୍ପଣ' ବୋଲି କୃଷକ ସଙ୍ଗଠନଗୁଡ଼ିକ ଅଭିହିତ କରିଛନ୍ତି। ଏହି ଡିଲ୍‌ରେ ଭାରତୀୟ ଚାଷୀ ଓ ଶ୍ରମିକମାନଙ୍କ ସ୍ୱାର୍ଥକୁ ବଳି ପକାଯାଇଥିବା ଅଭିଯୋଗ ଆଣି କୃଷକ ସଙ୍ଗଠନ ଏବଂ ଟ୍ରେଡ୍ ୟୁନିୟନ୍‌ଗୁଡ଼ିକ ପକ୍ଷରୁ ଫେବୃଆରୀ ୧୨ରେ 'ଭାରତ ବନ୍ଦ' ଡାକରା ଦିଆଯାଇଛି। ଏହି ଦିନ ଦେଶବ୍ୟାପୀ ଧର୍ମଘଟ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶ ପୁତ୍ତଳିକା ଦାହ କରାଯିବ ବୋଲି ରବିବାର ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍), ଅଲ୍ ଇଣ୍ଡିଆ କିଷାନ ସଭା (ଏଆଇକେଏସ୍) ଓ ଅନ୍ୟ ସଙ୍ଗଠନଗୁଡ଼ିକ ଏକ ବିବୃତିରେ ସୂଚନା ଦେଇଛନ୍ତି।

## ■ ଆମେରିକା ସହ ବାଣିଜ୍ୟ ଚୁକ୍ତି କେନ୍ଦ୍ରର ସମ୍ପୂର୍ଣ୍ଣ ଆତ୍ମସମର୍ପଣ: କୃଷକ ସଙ୍ଗଠନ
## ■ ୫୦୦ ବିଲିୟନ୍ ଡଲାର ମୂଲ୍ୟର ଆମଦାନୀ ଲକ୍ଷ୍ୟ ବଡ଼ ନୁହେଁ: ଗୋୟଲ

ନୂଆଦିଲ୍ଲୀ,୮।୨(ଏଜେନ୍ସି)

ଭାରତୀୟ ଚାଷୀମାନେ ଏମ୍.ଏସ୍. ସ୍ୱାମୀନାଥନ୍ କମିଟି ସୁପାରିସ ଅନୁସାରେ ଦୀର୍ଘବର୍ଷ ଧରି ନିଜ ଉତ୍ପାଦିତ ସବୁ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରଦାନର ଆଇନଗତ ଗ୍ୟାରେଣ୍ଟି ସହ କୃଷିଋଣ ଛାଡ଼ ପାଇଁ ଦାବି କରିଆସୁଛନ୍ତି। ସେହିପରି ଶିଳ୍ପ ପାଇଁ ଜମି ଅଧିଗ୍ରହଣ, ଚାଷ ଖର୍ଚ୍ଚ ବୃଦ୍ଧିକୁ ନେଇ ଚିନ୍ତିତ ଚାଷୀକୁଳ ଫସଲ ନଷ୍ଟ ହେଲେ ଅଧିକ କ୍ଷତିପୂରଣ ଦେବାକୁ ମଧ୍ୟ ଦାବି କରୁଛନ୍ତି। ଏଭଳି ସମୟରେ ଭାରତ ଓ ଆମେରିକା ମଧ୍ୟରେ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଅନ୍ତରୀଣ ବାଣିଜ୍ୟିକ ଚୁକ୍ତି ସମ୍ପନ୍ନ ହେବାକୁ ଯାଉଛି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହି ଡିଲ୍‌କୁ କୃଷକଙ୍କ ସ୍ୱାର୍ଥ ପରିପନ୍ଥୀ ବୋଲି ଅଭିହିତ କରିଛନ୍ତି। ଆମେରିକାରୁ ଭାରତକୁ ଆସିବାକୁ ଥିବା କୃଷି ଉତ୍ପାଦଗୁଡ଼ିକ ଉପରେ ନୂଆଦିଲ୍ଲୀ ଆଦୌ ଆମଦାନୀ ଶୁଳ୍କ କଷିବ ନାହିଁ। ଏପରି ହେଲେ ଆମେରିକୀୟ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଭାରତୀୟ ବଜାରରେ ଅନାୟାସରେ ପ୍ରବେଶ କରିବେ। ଫଳରେ ଘରୋଇ ବଜାରରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ ଏବଂ ଦେଶର ଚାଷୀ ସେମାନଙ୍କ ଖାଦ୍ୟଶସ୍ୟ, ଦୁଗ୍ଧଜାତ ସାମଗ୍ରୀ, ସୋୟାବିନ୍ ଅଏଲ୍ ଆଦି କମ୍ ଦାମରେ ବିକ୍ରି କରିବାକୁ ବାଧ୍ୟ ହେବେ ବୋଲି ବିରୋଧୀ ☞ପୃଷ୍ଠା-୪

# ଥାର୍ ପରେ ଆମ୍ବୁଲାନ୍ସ ଦୁର୍ନୀତି

## ଖୁବ୍‌ଶୀଘ୍ର ତଦନ୍ତ ହେବ: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୨(ରବିନାରାୟଣ ଜେନା)

ରାଜ୍ୟରେ ଏବେ ଗୋଟିଏ ପରେ ଗୋଟିଏ ଗାଡ଼ି କିଣା ଦୁର୍ନୀତି ଲୋକଲୋଚନକୁ ଆସୁଛି। କିଛିଦିନ ପୂର୍ବରୁ ଜଙ୍ଗଲ ଓ ପରିବେଶ ବିଭାଗରେ ଥାର୍ ଗାଡ଼ି କିଣାରେ ଦୁର୍ନୀତି ଅଭିଯୋଗ ନେଇ ମହାଲେଖାକାର(ଏଜି)ଙ୍କ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଜାରି ରହିଥିବାବେଳେ ଏବେ ସ୍ୱାସ୍ଥ୍ୟବିଭାଗରେ ଆମ୍ବୁଲାନ୍ସ କିଣାରେ ମହାଦୁର୍ନୀତି ଅଭିଯୋଗ ଆସିଛି। ତେବେ ଏହି ଦୁର୍ନୀତି ଟିକେ ପୁରୁଣା, ପୂର୍ବ ସରକାର ସମୟରେ ଯେଉଁ ଆମ୍ବୁଲାନ୍ସ ଗୋଟାକ ୨୬ଲକ୍ଷରୁ ଊର୍ଦ୍ଧ୍ୱ ତଥା ୩୦ଲକ୍ଷ ଟଙ୍କାରେ କିଣାଯାଇଥିଲା, ତାହା ଏବେ ପ୍ରାୟ ୨୨ଲକ୍ଷ ଟଙ୍କାରେ କିଣା ଯାଇଛି। ବିଭାଗରେ ଏଭଳି ବ୍ୟତିକ୍ରମକୁ ନେଇ ପାୱାର କରିଡରରେ ଚର୍ଚ୍ଚା ଜୋର ଧରିଛି।

ରାଜ୍ୟବାସୀଙ୍କୁ ହାତ ପାଆନ୍ତାରେ ସ୍ୱାସ୍ଥ୍ୟସେବା କିଭଳି ମିଳିବ ତାକୁ ନେଇ ସ୍ୱାସ୍ଥ୍ୟ ବିଭାଗରେ ମାଳ ମାଳ ଯୋଜନା। 'ଖୁସି'ଠାରୁ ଆରମ୍ଭ କରି ଜରୁରିକାଳୀନ ସେବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ହେଲେ ଯୋଜନା ନାଁରେ ପୂର୍ବ ସରକାର କିଭଳି ଆର୍ଥିକ ଅନିୟମିତତା କରିଛନ୍ତି ତା'ର ଏକ ଜ୍ୱଳନ୍ତ ପ୍ରମାଣ ହାତରେ ଲାଗିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୧୩ ବର୍ଷ ମଧ୍ୟରେ ୩୫୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆମ୍ବୁଲାନ୍ସ କିଣା ଯାଇଛି। ହେଲେ ପୂର୍ବବର୍ଷରେ ଆମ୍ବୁଲାନ୍ସ ଯେଉଁ ଦରରେ କିଣା ଯାଉଥିଲା ତାହା ଏବେ ଏକଚତୁର୍ଥାଂଶ କମ୍ ଦରରେ କିଣା ଯାଇ ପାରୁଛି। ଗୋଟିଏ ପଟେ ଡଲାର ମୂଲ୍ୟ ୧ଟଙ୍କା ତୁଳନାରେ ୯୦ରୁ ଊର୍ଦ୍ଧ୍ୱ ଟଙ୍କା ରହୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗରେ କିଭଳି ବିପୁଳ ପରିମାଣର ଆର୍ଥିକ ଅନିୟମିତତା ହୋଇଛି ସେନେଇ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି।

ତଥ୍ୟ ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୩ରୁ ଆମ୍ବୁଲାନ୍ସ କିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ଉକ୍ତ ବର୍ଷ ୨୮୦ଟି ଆମ୍ବୁଲାନ୍ସ ପ୍ରଥମ ପର୍ଯ୍ୟାୟରେ କିଣାଯାଇଥିଲା। ବିଭାଗ ପକ୍ଷରୁ ☞ପୃଷ୍ଠା-୪



# ଆଜି କ'ଣ କେଉଁଠି

## କଟକ

- ୭୪ତମ ରାଜ୍ୟ ପୋଲିସ ଆଥ୍‌ଲେଟିକ ଚାମ୍ପିୟନଶିପ୍-୨୦୨୬ର ଦ୍ୱିତୀୟ ଦିବସ, ସ୍ଥାନ: ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡ, ସମୟ: ପୂର୍ବାହ୍ନ ୮ଟା ୩୦।
- ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୧୯ତମ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନ, ସ୍ଥାନ: ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୯ଟା ୩୦।
- କଟକ ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି, ସ୍ଥାନ: ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସାବିତ୍ରୀ ମ୍ୟୁଜିକ ପକ୍ଷରୁ ଅଡିଓ ଉନ୍ମୋଚନ ଉତ୍ସବ, ସ୍ଥାନ: ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବାବା ବୁଖାରୀ ଉର୍ସ କମିଟି ପକ୍ଷରୁ ବାର୍ଷିକ ଉର୍ସ ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ବାବା ବୁଖାରୀ ପୀଠ, ସମୟ: ଅପରାହ୍ନ ୪ଟା।
- ଚତୁର୍ଦ୍ଦଶ ଶିଶିର ମେଳାର ପଞ୍ଚମ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଜିଲା ପ୍ରଶାସନ ପକ୍ଷରୁ ସ୍ୱଦେଶୀ ଓ ସୁଭଦ୍ରା ଶକ୍ତିମେଳାର ଚତୁର୍ଥ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପିଏମ୍‌ଶ୍ରୀ ମଣିଭଦ୍ର ସରକାରୀ ଉଚ୍ଚବିଦ୍ୟାଳୟ, ଗୋପାଳପୁର, ବାହାନଗା, ସମୟ: ସକାଳ ୯ଟା ୩୦।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହର ତୃତୀୟ ଦିବସ, ସ୍ଥାନ: ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଜାମଶୂଳି, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ କଥାମୃତ ପ୍ରବଚନ ସଭା, ସ୍ଥାନ: ଗୋଛାୟତ କମ୍ପ୍ଲେକ୍ସ, ରୂପ୍‌ସା, ସମୟ: ସନ୍ଧ୍ୟା ୬ଟା।
- ବାରିଙ୍ଗିଆ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବାରିଙ୍ଗିଆ ଗ୍ରାମ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୬ଟା।
- ରୂପ୍‌ସା ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ପୋଡାଡିହା ମହୋତ୍ସବ ପଡ଼ିଆ, ରୂପ୍‌ସା, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ହସନାବାଦ ପଞ୍ଚାୟତ କଲ୍ୟାଣ ମଣ୍ଡପ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ବିଶାଳ ହିନ୍ଦୁ ସମ୍ମିଳନୀ,ସ୍ଥାନ:ଚିତ୍ରଡ଼ା ଜଗନ୍ନାଥ ମନ୍ଦିର ପଡ଼ିଆ, ମୋରଡ଼ା, ସମୟ: ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ମେଘାସନୀ ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା,ସ୍ଥାନ: କଲେଜ ପଡ଼ିଆ ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ବାଥୁଡ଼ି ସାଂସ୍କୃତିକ ସମାଜର ଦୁଇ ଦିବସୀୟ ବାର୍ଷିକ ଉତ୍ସବ,ସ୍ଥାନ: ପାଟପୁର ଗ୍ରାମ ପଡ଼ିଆ, ଉଦଳା,ସମୟ:ଅପରାହ୍ନ ୪ ଟା।

## ଗଞ୍ଜାମ

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବୁଗୁଡ଼ା ପଞ୍ଚାୟତ ସମିତି କାର୍ଯାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ବୁଦ୍ଧଖୋଲ କବିତା ଆସର, ସ୍ଥାନ: ବୁଗୁଡ଼ା ବୁଦ୍ଧଖୋଲ ମହୋତ୍ସବ ମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା।
- ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ବୁଗୁଡା, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ

- କଲ୍ୟାଣ ଜୁଏଲର୍ସ ସୋ'ରୁମ ଉଦ୍‌ଘାଟନ, ସ୍ଥାନ: ଗୁଡିଆନାଳୀ (ପେଟ୍ରୋଲ ପମ୍ପ ପାଖ), ସମୟ: ଅପରାହ୍ନ ସାଢେ ୪ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ବାଲିକୁଦା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମହାକାଳପଡା, ସମୟ:ପୂର୍ବାହ୍ନ ୧୦ଟା ।
- ହିନ୍ଦୁ ସମ୍ମିଳନୀ, ସ୍ଥାନ:ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ, ପଚ୍ଚାମୁଣ୍ଡାଇ, ଅମରେଶ୍ୱର ମନ୍ଦିର ପ୍ରାଙ୍ଗଣ, ଗୋପ, କେନ୍ଦ୍ରାପଡା ସହର, ସମୟ: ସକାଳ ୯ଟା।
- ଯୁବ ଓଡ଼ିଶା ପକ୍ଷରୁ ଗରଦପୁର ଯୁବ ମହୋତ୍ସବ, ସ୍ୱଦେଶୀ ମେଳା ଓ ପ୍ରଦର୍ଶନୀ, ସ୍ଥାନ: ତହସିଲ ପଡିଆ, ଗରଦପୁର, ସମୟ: ସନ୍ଧ୍ୟା ୬ଟା ।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ବିଶ୍ୱେଶ୍ୱର ମହାଦେବ ମନ୍ଦିର, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ-ବରୀ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ସପ୍ତମ ଦିବସରେ ସୂର୍ଯ୍ୟପୂଜା ସହ ରାମ ଭରତ ମିଳନ ଓ ସୀତା ହରଣ ଉପରେ ପ୍ରବଚନ, ସ୍ଥାନ:ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଶ୍ରୀ ଶ୍ରୀ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ଭୋର ୬ଟାରୁ ରାତି ୯ଟା ।
- ଭୈମୀ ଏକାଦଶୀ ମେଳାର ଦ୍ୱାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା ।
- ଜାମାଲାଗି ବେଶର ୧୮ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ଶ୍ରୀ ଶ୍ରୀ ଶିରିଡି ସାଇ ବାବାଙ୍କ ପ୍ରତିଷ୍ଠା ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ତୁଳସୀପୁର ସାଇ ମନ୍ଦିର, ସମୟ:ସକାଳ ୭ଟାରୁ ରାତ୍ର ୯ଟା ।
- ସିରିୟସ ଜୋନ୍ ନୟାଗଡ଼ ପକ୍ଷରୁ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ନିଜ ନିଜର ଆକାଶ, ସ୍ଥାନ: ନୟାଗଡ଼ ପଠାଣୀ ସାମନ୍ତ ଅଡିଟୋରିୟମ୍, ସମୟ: ସନ୍ଧ୍ୟା ୭ଟା ।
- ମଣ୍ଡଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ପ୍ରବୋଧନ, ସ୍ଥାନ: ଖଣ୍ଡପଡା ପିଏମ୍‌ଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ନ :୧୦ଟା ।
- ମଣ୍ଡଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ପ୍ରବୋଧନର ୨ୟ ପର୍ଯ୍ୟାୟ ଆରମ୍ଭ, ସ୍ଥାନ: ନୟାଗଡ଼ ପିଏମ୍‌ଶ୍ରୀ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ନ :୧୦ଟା ।

## କୋରାପୁଟ

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବୋରିଗୁମ୍ମା ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କସନ୍ଦି ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ସଚେତନ ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ଚାରାଙ୍ଗୁଲ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର

- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ରେଙ୍ଗାଲି ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା ।
- ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତିର ଧର୍ମଘଟ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ହୀରାକୁଦ କ୍ରୀଡା ସଂଘ ଆୟୋଜନରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ଅନୁଗୋଳ ପାତାକା ବନାମ ବରଗଡ଼ ୟୁନାଇଟେଡର ମ୍ୟାଚ, ସ୍ଥାନ : ସୁଭାଷ ମଇଦାନ, ସମୟ : ଅପରାହ୍ନ ୨ଟା ।
- ସମ୍ବଲପୁର ଜିଲା ବରିଷ୍ଠ କ୍ରୀଡା ସଂଘ ପକ୍ଷରୁ ତୃତୀୟ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟରେ ଦେବଗଡ଼ ବନାମ ବଲାଙ୍ଗୀର ଜିଲାର ମ୍ୟାଚ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ।

## ବଲାଙ୍ଗୀର

- ବିଜେଡି ପକ୍ଷରୁ ଗଣବିକ୍ଷୋଭ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ସରକାରୀ ବସଷ୍ଟାଣ୍ଡ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସଇଁତଲା, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ ।

## ରାଉରକେଲା

- ଉଦ୍‌ଯାପନୀ ସନ୍ଧ୍ୟା,ଏନ୍‌ଆଇଟି ନିତ୍ରୋତ୍ସବ, ସ୍ଥାନ: ସାକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ଏଫ୍‌ଆଇଏଚ୍ ହକି ପୁରୁଷ ଦଳ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍ ଗେଟ୍ ନଂ. ୫, ସମୟ: ପୂର୍ବାହ୍ନ ୧୨ଟା ୨୦।
- କଥା ପ୍ରବଚନ ଉଦ୍‌ଯାପନୀ, ସ୍ଥାନ: ସେକ୍ଟର-୧୯ ଶିବ ମନ୍ଦିର, ସମୟ: ଅପରାହ୍ନ ୪ଟା।
- କଲ୍ୟାଣୀ କଳା କେନ୍ଦ୍ର ପକ୍ଷରୁ ଆଇ କ୍ୟାନ୍ ଡ୍ୟାନ୍ସ, ସ୍ଥାନ: ସିଭିକସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ସୁନାଫୁଲ ସାହିତ୍ୟ ସଂସଦର ସଙ୍ଗୀତ ଓ ସାହିତ୍ୟ ସମାରୋହ,ସ୍ଥାନ: ସେକ୍ଟର-୫, ଭଞ୍ଜଭବନ ସମୟ: ସନ୍ଧ୍ୟା ୬ଟା ୩୦।
- ବିଶ୍ରାମୁଣ୍ଡା ହକି ଷ୍ଟାଡିୟମ୍‌ରେ ଇଣ୍ଡିଆ ଓ ବେଲଜିୟମ୍ ଦଳର ଖବରଦାତା ସମ୍ମିଳନୀ, ସ୍ଥାନ: ବିଶ୍ରାମୁଣ୍ଡା ହକି ଷ୍ଟାଡିୟମ, ଛେଣ୍ଡ, ସମୟ: ପୂର୍ବାହ୍ନ ୧୨ଟା ୩୦।

## ବରଗଡ଼

- ସି.କେ ନାଇଡୁ ଟ୍ରଫି, ସ୍ଥାନ:କ୍ରୀଷ୍ଟା ବିକାଶ ଗ୍ରାଉଣ୍ଡ, ବରଗଡ଼,ସମୟ:ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଭଟଲି, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ନର୍ଲା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଯୋଗମାୟା ସପ୍ତପୀଠ,କେସିଙ୍ଗା, ପୂର୍ବାହ୍ନ ୧୧ଟା।
- ସିଟିଜେନ ଫୋରମର ବାର୍ଷିକ ଦିବସ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ଋଷି ସାହା ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହରଭଙ୍ଗା ଚାରିଛକ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିନିକା ବ୍ଲକ ବାଙ୍କିଘିର୍ଡି ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସିନାପାଲି, ସମୟ: ପୂର୍ବାହ୍ନ ୧୦ଟା।
- ୧୯ତମ ଆର୍‌ଏସ୍‌ସିସି କପ୍ କ୍ରିକେଟ ଟୁର୍ନାମେଣ୍ଟ ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ ତରବୋଡ ସମ୍ଭବ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁକୁଳ ଆମସେନା ୫୯ତମ ବାର୍ଷିକ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଆମସେନା ମହାବିଦ୍ୟାଳୟ ଗୁରୁକୁଳ ଆଶ୍ରମ, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସିନାପାଲି ବ୍ଲକ ଝାରବନ୍ଧ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା

- ରୁଦ୍ରାଭିଷେକ ଏବଂ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କାର୍ଯ୍ୟକ୍ରମ, ସ୍ଥାନ: ମହାକାଳ ମନ୍ଦିର, ବାଗଡ଼ିହି, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଲଖନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ କାର୍ଯ୍ୟକ୍ରମ, ସ୍ଥାନ: ୧୯ ଖଣ୍ଡ ମୌଜା, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଗାମୀ ମାଙ୍ଗଳିକ କାର୍ଯ୍ୟ ପରିପ୍ରେକ୍ଷୀରେ ପାରିବାରିକ ବନ୍ଧୁମିଳନର ସୂଚନା ରହିଛି। ମାନସିକ ଅସ୍ଥିରତା ଲାଗିରହିଲେ ମଧ୍ୟ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିବ ଏବଂ କୌଣସି କାମ ଅଟକି ରହିବ ନାହିଁ। ଆଲୋଚନାରେ ନିଜର ସୀମା ଭିତରେ ରହିବା ଭଲ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

**ବୃଷ** ନିଜ ପରିସରର ବନ୍ଧୁଙ୍କ ସହଯୋଗ ଅଭାବରୁ ଆନୁଷ୍ଠାନିକ କ୍ଷେତ୍ରରେ ବ୍ୟସ୍ତତା ଅନୁଭବ କରିବେ। କଳା ସାହିତ୍ୟ ଓ ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇଯିବ। ଭଲ ସମ୍ପର୍କ ରହିଥିବା ପଡ଼ୋଶୀଙ୍କ ସହାୟତାରେ କାର୍ଯ୍ୟ ହାସଲ କରିପାରନ୍ତି।

**ମିଥୁନ** ଆଶା କରୁଥିବା ବ୍ୟକ୍ତିବିଶେଷଙ୍କ ନିକଟରୁ ଯଥା ସମୟରେ ଅର୍ଥଲାଭ ହେବ। ବିଭିନ୍ନ ସଂଘର୍ଷମୟସ୍ଥିତି ମଧ୍ୟରେ ଆପଣଙ୍କୁ ଗତି କରିବାକୁ ପଡିପାରେ। ଅତୀତ ଘଟଣାକୁ କେନ୍ଦ୍ରକରି ନିଜର ଲୋକମାନେ ଦୂରେଇ ରହୁଥିବାର ଅନୁଭବ କରିପାରନ୍ତି। ବିବାଦୀୟ ପରିସ୍ଥିତିରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**କର୍କଟ** କାର୍ଯ୍ୟସିଦ୍ଧି ଆଶଙ୍କା କଥା ଚିନ୍ତା ନ କରି କାମ କରିଚାଲନ୍ତୁ କୌଣସି ଅସୁବିଧା ହେବନାହିଁ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ। ଯାହା ପାଇବା ସକାଶେ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇପାରନ୍ତି। ନିର୍ମାଣ, ଯୋଗାଯୋଗ, ପ୍ରେସ୍, ଆଲୋଚନା ଓ ସଭାସମିତିରେ କାମ ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ।

**ସିଂହ** ଆଜିର କର୍ମକ୍ଷେତ୍ରରେ ସହକର୍ମୀଙ୍କ ମତକୁ ବିଚାରକୁ ନ ନେଲେ ପରିସ୍ଥିତି ବଦଳିଯାଇପାରେ। ସମସ୍ତ ସୁବିଧା ଥିଲେ ମଧ୍ୟ ସହଯୋଗ ଅଭାବରୁ ତାହା ମଉଳିଯାଇପାରେ। ବାଣିଜ୍ୟ, ନିର୍ମାଣ, ଯାତ୍ରା, କଚେରି ମାମଲା ସମ୍ପର୍କିତ କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ। ଅବହେଳା କାରଣରୁ ସୁଯୋଗ ହାତଛଡ଼ା ହୋଇପାରେ।

**କନ୍ୟା** ଆଜିର ଗ୍ରହସ୍ଥିତି ପାଇଁ ବିଶେଷଭାବରେ ପ୍ରତିକୂଳ ରହିବ ନାହିଁ। ପ୍ରାଥମିକ ସ୍ତରରେ ସମସ୍ୟା ଦେଖାଗଲେ ମଧ୍ୟ ପର ମୁହୂର୍ତ୍ତରେ ସବୁ ଠିକ୍ ହୋଇଯିବ। ସଭାସମିତିରେ ନୀରବତା ଅବଲମ୍ବନ କରିବା ଦ୍ୱାରା ଅନ୍ୟମାନେ ଟିକାଟିପ୍ପଣୀ ଦେଇପାରନ୍ତି। ବନ୍ଧୁ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ତୁଳା** ବନ୍ଧୁଙ୍କ ପରାମର୍ଶରେ ନୂତନ ଯୋଜନାରମ୍ଭ ସକାଶେ ମନ ବଳାଇପାରନ୍ତି। ଶିଳ୍ପ, ବାଣିଜ୍ୟରେ ଉନ୍ନତି ଆପଣଙ୍କ ଅର୍ଥନୈତିକ ସ୍ଥିତିକୁ ଉର୍ଦ୍ଧ୍ୱଗାମୀ କରାଇପାରେ। ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧିରୁ ପରିସ୍ଥିତିକୁ ସମ୍ଭାଳି ନେବେ। ସାହିତ୍ୟ, ସାମ୍ବାଦିକତା, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବେ।

**ବିଛା** ଆଜିର ଦିନଚର୍ଯ୍ୟା ମଧ୍ୟରେ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନେ ନିଜର ଭଳି ଅଭିନୟ କରି ପଛରେ ସମାଲୋଚନା କରିପାରନ୍ତି। ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସମାଧାନ କରିପାରିବେ। ପ୍ରକାଶନ, ପ୍ରଶାସନ, ଚୁକ୍ତିପତ୍ର, ରାଜନୀତି ଓ କଳା ସାହିତ୍ୟରେ ଉନ୍ନତି କରିପାରନ୍ତି। ଆଜି ପ୍ରିୟ ବନ୍ଧୁଟିର ଦେଖା ପାଇବେ ନାହିଁ।

**ଧନୁ** ଯେତେ ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସାମ୍ନା କରିବାରେ ସଫଳତା ପାଇବେ। ବାଣିଜ୍ୟ, ପରିବହନ, ପ୍ରକାଶନ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। କଠିନ ଶ୍ରମ ଓ ଭ୍ରମଣ ହେତୁକ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଆଜିର ଯାତ୍ରାରେ ସଫଳତା ମିଳିବ ଏବଂ ଆଶା ମଧ୍ୟ ପୂରଣ ହୋଇଯିବ।

**ମକର** ଅର୍ଥ ସାହାଯ୍ୟ ଆଶାରେ ବନ୍ଧୁଙ୍କୁ ବିଭିନ୍ନ କଥା କହି କାମ ହାସଲ କରିବେ। ସରକାରୀସ୍ତରରୁ ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହେବେ। ଶିଳ୍ପ, ପରିବହନ ଓ ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ନିଜର ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡିବା ସକାଶେ ଆପ୍ରାଣ ଚେଷ୍ଟା କରି ଉପକୃତ ହୋଇପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ କଷ୍ଟ ସ୍ୱୀକାର କରିବାକୁ ପଡିବ। ଆଲୋଚନା ପରିସରରେ ସମ୍ପର୍କୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଶେଷ ମୁହୂର୍ତ୍ତରେ ନାସ୍ତିବାଣୀ ଶୁଣାଇ ପାରନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ କିମ୍ବା ସଭାସମିତିକୁ ନିମନ୍ତ୍ରିତ ହେବାର ସୌଭାଗ୍ୟଲାଭ କରିବେ।

**ମୀନ** କର୍ମପରିସର ବୃଦ୍ଧି ଯୋଗୁ ବିଭିନ୍ନ କ୍ଷେତ୍ରରେ ଅନୁପ୍ରବେଶ ଅସ୍ଥିରତା ମଧ୍ୟରେ ରଖିପାରେ। ପାରିବାରିକ, ସାମାଜିକ ଓ ଆନୁଷ୍ଠାନିକ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେବ। ବନ୍ଧୁଙ୍କ ଖାପଛଡା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଫେବୃଆରୀ ୯ ତାରିଖ, ଫାଲ୍‌ଗୁନ କୃଷ୍ଣପକ୍ଷର କାଳାଷ୍ଟମୀ ସୋମବାର, ରାଶିନକ୍ଷତ୍ର-ବିଶାଖା/ତୁଳା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୨ମି. ଗତେ ଘ.୦୭।୪୭ ମି. ମଧ୍ୟେ, ଘ.୧୦।୫୩ମି.ଗତେ ଘ.୦୧।୦୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭।୪୭ମି. ଗତେ ଘ.୦୯।୧୧ମି. ମଧ୍ୟେ ରାହୁ କାଳ।

## ପୁଅକୁ ଛୁରି ଭୁସି ...

କଙ୍କଡ଼ାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା କହିଛନ୍ତି, ଜମିବାଡ଼ି ବିବାଦକୁ ନେଇ ବିଭୂତି ଓ ତାଙ୍କ ପ୍ରଥମ ସ୍ତ୍ରୀଙ୍କ ପରିବାର ମଧ୍ୟରେ ବିବାଦ ରହିଥିଲା। ଘଟଣା ପରେ ବିଭୂତିଙ୍କୁ ଗିରଫ କରାଯାଇଛି। ହତ୍ୟାକାଣ୍ଡକୁ ନେଇ ଅଭିଯୋଗ ଆସି ନ ଥିବାରୁ ମାମଲା ରୁଜୁ ହୋଇନାହିଁ। ମୃତ କ୍ଷୀରୋଦଙ୍କ ଭଉଣୀ ପ୍ରିୟଙ୍କା ଓ ମା' ରଶ୍ମିତା ଅଭିଯୁକ୍ତ ବାପା ବିଭୂତିଙ୍କୁ ଫାଶୀ ଦିଆଯାଉ ଏବଂ ସେମାନଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅରକ୍ଷିତକୁ ଦଇବ ସାହା।**

ଅରକ୍ଷିତର କେହି ହେଲେ ସାହା ନ ଥାନ୍ତି। ତା'ର ଜୀବନ, ଖାଦ୍ୟ, ବସ୍ତ୍ର ଓ ସ୍ୱାସ୍ଥ୍ୟ ଆଦି ମୌଳିକ ଆବଶ୍ୟକତା ଦେଖିବାକୁ କେହି ନ ଥାନ୍ତି। ସେମାନେ ବଞ୍ଚି ରହିଥାନ୍ତି ଦଇବଙ୍କ ଆଶ୍ରୟରେ। ସେମାନଙ୍କ ଜୀବନ ରକ୍ଷା ହୋଇଥାଏ ପରମପିତା ଭଗବାନଙ୍କ କୃପା ଦ୍ୱାରା। ଯାହାର କେହି ସାହାଯ୍ୟକାରୀ ନାହାନ୍ତି ତାଙ୍କର ଭଗବାନ ହିଁ ସାହାଯ୍ୟକର୍ତ୍ତା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଭିଆଡ଼ୀ, ଅମଙ୍ଗୁଳା, ନାହିଁ ନାହିଁ ତୁଣ୍ଡି;**
**ଅପାଳକ ମୁଣ୍ଡି, ଖଇଛଡ଼ା ଖୁଣ୍ଟି,**
**ଦାନ୍ତ ନିକୁଟି, ଲେହେକର ମୁଖୀ;**
**ଏ ସାତଙ୍କ ନାଆଁ ଧରନ୍ତେ ରାତି ସଫଳ ପାଆନ୍ତି।**

ଉପରୋକ୍ତ ନାମ ଧାରିଣୀ ନାରୀ ବ୍ରହ୍ମାଙ୍କ ସପ୍ତକନ୍ୟା ଅଟନ୍ତି। ସ୍ତ୍ରୀ ଲୋକମାନେ ରାତିରେ ଶୋଇବା ପୂର୍ବରୁ ଏମାନଙ୍କ ନାମ ଧରି ଉଚ୍ଚାରଣ କଲେ ସୁଫଳ ପାଆନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ଶୋଷ, ଚାଷ ...

ପ୍ରସାରଣ, ବର୍ଷା ଜଳ ଅମଳ ଇତ୍ୟାଦି ଜରୁରୀ। ରାଜ୍ୟର କୃଷି ଉତ୍ପାଦନର ଏକ ବଡ଼ ଅଂଶ ମୌସୁମୀ ଉପରେ ନିର୍ଭର କରେ, ଯାହା ଜଳବାୟୁ ପରିବର୍ତ୍ତନ ଯୋଗୁ କ୍ରମଶଃ ଅନିଶ୍ଚିତ ହୋଇପଡୁଛି। ସ୍ୱାଭାବିକ ବର୍ଷାରେ ବିଚ୍ୟୁତି ଯୋଗୁ ମରୁଡ଼ି କିମ୍ବା ବନ୍ୟା ସୃଷ୍ଟି ହେଉଛି, ଯାହା କୃଷି, ପାନୀୟ ଜଳ ଏବଂ ଶିଳ୍ପକୁ ବହୁଳ ପ୍ରଭାବିତ କରୁଛି। ସମୁଦ୍ର ଉପକୂଳ ରାଜ୍ୟ ଭାବରେ ଓଡ଼ିଶା ଭାରତର ତୃତୀୟ ସର୍ବାଧିକ ଜଳବାୟୁ ସମ୍ବେଦନଶୀଳ ଅଞ୍ଚଳ ଭାବରେ ସ୍ଥାନ ପାଇଛି, ଯେଉଁଠାରେ ପ୍ରାୟତଃ ଅତି ଖରାପ ପାଣିପାଗ ଘଟଣାମାନ ଘଟୁଛି। ଗତ ୨୫ ବର୍ଷ ମଧ୍ୟରେ ରାଜ୍ୟ ୧୮ଟି ବଡ଼ ବନ୍ୟା, ୧୧ ବର୍ଷ ମରୁଡି ଏବଂ ୧୨ଟି ଘୂର୍ଣ୍ଣିଝଡ଼ ସହ୍ୟ କରିଛି, ଯାହା ଭିତ୍ତିଭୂମିକୁ କ୍ଷତି ପହଞ୍ଚାଇବା ସହ ଜଳ ସୁରକ୍ଷାକୁ ଗୁରୁତର ପ୍ରଭାବିତ କରିଛି। ଯାଜପୁର ଜିଲା ପରିବେଶ ସମିତିର ସମ୍ପାଦକ ଶରତ ଚନ୍ଦ୍ର ସାହୁ କହିଛନ୍ତି, ନଦୀକୂଳରେ ସଭ୍ୟତାର ଆରମ୍ଭ ହୋଇଥିଲା। ହେଲେ ନଦୀଜଳ ଆବଶ୍ୟକ ପରିଚାଳନା ଅଭାବରୁ ପ୍ରଦୂଷିତ ହେବା ସହିତ ଜଳପ୍ରବାହ କ୍ରମଶଃ କ୍ଷୀଣ ହେବାରେ ଲାଗିଛି। ଏହା ପରିବେଶ ପ୍ରତି ବହୁ ବିପଦ ସୃଷ୍ଟି କରିଛି। ଏଥିପାଇଁ ସରକାର ଗୁରୁତ୍ୱର ସହ ଆବଶ୍ୟକ ପଦକ୍ଷେପ ନେବାର ସମୟ ଉପନୀତ ହୋଇଛି।

## ଶତ୍ରୁ ସାଟେଲାଇଟ୍ ...

ସୂର୍ଯ୍ୟାଲୋକ ସ୍ଥିତିରେ ଆଜିସ୍ତା ୨ଟି ଫଟୋ ଉଠାଇବା ଉଦ୍ୟମ କରିଥିଲା। ପ୍ରଥମଟି ପ୍ରାୟ ୩୦୦ କିଲୋମିଟର ଦୂରରେ ହୋଇଥିବାବେଳେ ଦ୍ୱିତୀୟଟି ୨୪୫ କି.ମି. ଦୂରରେ ହୋଇଥିଲା। ଏଏଫ୍‌ଆର୍ ସାଟେଲାଇଟ୍‌ର ସେନ୍‌ସର ଉଭୟ ଉଦ୍ୟମରେ ଦ୍ରୁତ ଗତିଶୀଳ ଆଇଏସ୍‌ଏସ୍‌କୁ ଠିକ୍ ଭାବେ ଟ୍ରାକ୍ କରିଥିଲା ଓ ୨.୨ ମିଟର ଚିତ୍ର ନମୁନାର ମୋଟ ୧୫ଟି ପୃଥକ୍ ଫଟୋ ନେଇଥିଲା। ଉଭୟ ଉଦ୍ୟମ ୧୦୦ ପ୍ରତିଶତ ସଫଳ ହେବା ସହ ଏହାର ଟ୍ରାକିଂ ଆଲେଗୋରିଦିମ୍ ଏବଂ ଇଲେକ୍ଟ୍ରୋ-ଅପ୍ଟିକାଲ ଇମେଜିଂ ପ୍ରିସିସନ୍‌କୁ ସ୍ପଷ୍ଟ କରୁଥିବା କମ୍ପାନୀ ଦାବି କରିଛି।

## ଟ୍ରେଡ୍ ଡିଲ୍‌କୁ...

ସମାଲୋଚନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏସ୍‌କେଏମ୍, ଏଆଇକେଏସ୍ ଏବଂ ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ (ସିଟିୟୁ) ଆସନ୍ତା ୧୨ ତାରିଖରେ 'ଭାରତ ବନ୍ଦ' ଡାକରା ଦେଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ ଏସ୍‌କେଏମ୍ ପକ୍ଷରୁ କୁହାଯାଇଛି ଯେ ଫେବୃଆରୀ ୧୨ରେ ଦେଶର ଗ୍ରାମାଞ୍ଚଳରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶ ପୁତ୍ତଳିକା ଦାହ କରାଯିବ। କୃଷକଙ୍କ ସ୍ୱାର୍ଥକୁ ସୁରକ୍ଷା ଦିଆଯିବ ବୋଲି ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଯାହା ଦେଖିବାକୁ ମିଳୁଛି, ସେଥିରେ ଚାଷୀକୁଳର ସ୍ୱାର୍ଥସହ ସାଲିସ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଗୋୟଲ ମିଥ୍ୟା ପ୍ରଚାର କରି କୃଷକ ଓ ଦେଶବାସୀଙ୍କୁ ପ୍ରତାରିତ କରିଛନ୍ତି। ବିଶ୍ୱାସଘାତକ ଗୋୟଲ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

ଏସ୍‌କେଏମ୍‌ରୁ ଅଲଗା ହୋଇଥିବା ଅଣରାଜନୈତିକ ସଙ୍ଗଠନ ଏଆଇକେଏସ୍ ନେତା କ୍ରିଷ୍ଣା ପ୍ରସାଦ କହିଛନ୍ତି, ଏହି ଡିଲ୍ ଯୋଗୁ ମକା, ବାଜରା ଓ ଡାଲିଜାତୀୟ ଶସ୍ୟ, ଗୋଖାଦ୍ୟ, ସୋୟାବିନ୍ ତେଲ ଆଦି ପାଇଁ ଆମେରିକାର ପ୍ରବେଶପଥ ଉନ୍ମୁକ୍ତ ହୋଇଯିବ। ଏପରି କି ଭାରତର ପାରମ୍ପରିକ ଦୁଗ୍ଧଜାତ ସାମଗ୍ରୀଗୁଡ଼ିକୁ ମଧ୍ୟ ଏହା ପ୍ରଭାବିତ କରିବ। ୟୁରୋପୀୟ ସଂଘ (ଇୟୁ) ସହ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ଏବଂ ଆମେରିକା ସହିତ ଅନ୍ତରୀଣ ଟ୍ରେଡ୍ ଡିଲ୍ ଯୋଗୁ ସେହି ଦେଶଗୁଡ଼ିକର ଅଚଳପ୍ରାୟ ଅର୍ଥନୀତିକୁ ବଳ ମିଳିବ। ଏଥିରୁ ଭାରତକୁ କିଛି ଲାଭ ମିଳିବ ନାହିଁ। ସେହିପରି ପଞ୍ଜାବର କ୍ରାନ୍ତିକାରୀ କିଷାନ ୟୁନିୟନ୍ (କେଏସ୍‌ୟୁ) ନେତା ଦର୍ଶନ ପାଲ୍ କହିଛନ୍ତି, ସ୍ୱଳ୍ପ ଆୟକାରୀ ଚାଷୀମାନେ ଋଣଯନ୍ତାରେ ଛନ୍ଦି ହୋଇଯାଇଥିବାବେଳେ ଉକ୍ତ ଡିଲ୍ ସେମାନଙ୍କ ଆର୍ଥିକ ସ୍ଥିତିକୁ ଆହୁରି ସଙ୍ଗିନ କରିଦେବ। ତେଣୁ କେଏସ୍‌ୟୁ ଏହି ଧର୍ମଘଟକୁ ସମ୍ପୂର୍ଣ୍ଣ ସମର୍ଥନ କରି କୁଶପୁତ୍ତଳିକା ଦାହରେ ସାମିଲ ହେବାକୁ ଯାଉଛି। ଭାରତୀୟ କିଷାନ ୟୁନିୟନ୍ ନେତା ରାକେଶ ଟିକାଏତ୍ ଟ୍ରେଡ୍ ଡିଲ୍‌ରୁ କିପରି ଲାଭ ମିଳିବ ବୋଲି ଗାଁ ଲୋକେ ପ୍ରଶ୍ନ କରିବାରେ ଲାଗିଥିବା କହିଛନ୍ତି। ଏଥିଯୋଗୁ କୃଷକମାନେ ପ୍ରଭାବିତ ହେବେ କହି ଆନ୍ଦୋଳନରେ ସାମିଲ ହେବା ପାଇଁ ଟିକାଏତ୍ ସେମାନଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଭାରତ-ଆମେରିକା ମୁକ୍ତ ବାଣିଜ୍ୟ ଚୁକ୍ତିରେ ସ୍ୱାକ୍ଷର କରନ୍ତୁ ନାହିଁ ବୋଲି ଏସ୍‌କେଏମ୍ ଦାବି କରିଛି। ୧୨ରେ ହେବାକୁ ଥିବା ବନ୍ଦ ପାଳନକୁ ସମସ୍ତ ରାଜନୈତିକ ଦଳ, କୃଷକ, କୃଷି ଶ୍ରମିକ ସଙ୍ଗଠନ ଓ ଟ୍ରେଡ୍ ୟୁନିୟନ୍‌ଗୁଡ଼ିକ ସମେତ ସବୁ ବର୍ଗର ଲୋକେ ସମର୍ଥନ କରନ୍ତୁ ବୋଲି ଅପିଲ୍ କରାଯାଇଛି। ଏସ୍‌କେଏମ୍ (ଅଣରାଜନୈତିକ) ଏନେଇ ଏକ ବୈଠକ କରିବାକୁ ଯାଉଛି। ସିଟିୟୁ ସିଆଇଟିୟୁ ଆଇଏନ୍‌ଟିୟୁସି, ଏଆଇଟିୟୁସି ଏବଂ ଏଚ୍‌ଏମ୍‌ଏସ୍ ସମେତ ୧୦ ଟ୍ରେଡ୍ ୟୁନିୟନ୍ ନୂଆଦିଲ୍ଲୀରେ ବୈଠକ କରିବା ପରେ ଏହାକୁ ସମର୍ଥନ ଘୋଷଣା କରିଛନ୍ତି। ଭାରତ ବନ୍ଦ ଯୋଗୁ ବ୍ୟାଙ୍କିଙ୍ଗ୍, ପରିବହନ, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ ରହିବ। ତେବେ ହସ୍ପିଟାଲ, ଆମ୍ବୁଲାନ୍ସ ଭଳି ଜରୁରୀ ସେବା ଜାରି ରହିବ। ସରକାର ସମର୍ଥିତ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ଏଥିରେ ସାମିଲ ହେବନାହିଁ ବୋଲି ସ୍ପଷ୍ଟ କରିଛି।

ଇତିମଧ୍ୟରେ କେନ୍ଦ୍ରମନ୍ତ୍ରୀ ଗୋୟଲ କହିଛନ୍ତି, ଦ୍ୱିପାକ୍ଷିକ ଚୁକ୍ତି ଅନୁଯାୟୀ ଆଗାମୀ ୫ ବର୍ଷରେ ୫୦୦ ବିଲିୟନ୍ ଡଲାର ମୂଲ୍ୟର ସାମଗ୍ରୀ ଆମେରିକାଠାରୁ କିଣିବାକୁ ଭାରତ ପାଇଁ କଷ୍ଟକର ହେବନାହିଁ। ୩୦ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ ହେବାକୁ ଲକ୍ଷ୍ୟ ରଖିଥିବା ଭାରତ ପାଇଁ ୫୦୦ ବିଲିୟନ୍ ଡଲାର ଏକ ବୃହତ୍ ରାଶି ନୁହେଁ। ଆମେରିକା ଚାଇନା ଉପରେ ୩୫% ଓ ଅନ୍ୟ ଏସୀୟ ଦେଶଗୁଡ଼ିକ ଉପରେ ୧୯% ଟିକସ ବସୁଥିବାବେଳେ ଭାରତୀୟ ସାମଗ୍ରୀଗୁଡ଼ିକୁ ୧୮% ଆମଦାନୀ ଶୁଳ୍କର ସମ୍ମୁଖୀନ ହେବାକୁ ପଡ଼ିବ। ସେହି ଦୃଷ୍ଟିରୁ ଭାରତ ଅପେକ୍ଷାକୃତ ଭଲ ସ୍ଥିତିରେ ରହିଛି ବୋଲି ଗୋୟଲ ସ୍ପଷ୍ଟ କରିଛନ୍ତି।

## ଥାର୍ ପରେ...

୨୮୦ଟି ଟାଟା ଉଇଙ୍ଗର କିଣା ବାବଦକୁ ୧୮କୋଟି ୩୦ଲକ୍ଷ ୧୭ହଜାର ୩୫ଟଙ୍କା ଖର୍ଚ୍ଚ ହୋଇଥିଲା। ସେହିପରି ରାଜ୍ୟରେ ଜରୁରିକାଳୀନ ସେବାକୁ ଲୋକଙ୍କ ନିକଟତର କରିବାପାଇଁ ୨୦୧୩ ଅକ୍ଟୋବରରେ ୧୪୦ଟି ଆମ୍ବୁଲାନ୍ସ ପୁନର୍ବାର କିଣାଯାଇଥିଲା। ସମାନ ଆମ୍ବୁଲାନ୍ସ ୭ଲକ୍ଷ ୨୫ହଜାର ୪୮୭ଟଙ୍କା ଦରରେ ୧୦କୋଟି ୧୫ଲକ୍ଷ ୬୮ହଜାର ୧୨୯ଙ୍କାରେ କିଣାଯାଇଥିଲା। ସେହିପରି ୨୦୧୭ ଅକ୍ଟୋବରରେ ବିଭାଗ ପୁନର୍ବାର ୯୨ଟି ଟାଟା ଉଇଙ୍ଗର ୯ଲକ୍ଷ ୪ହଜାର ୨୨୯ ଟଙ୍କା ଲେଖାଏ ଦରରେ ୮କୋଟି ୩୧ଲକ୍ଷ ୮୯ହଜାର ୭୯ଟଙ୍କାରେ କ୍ରୟ କରିଥିଲା। ମାତ୍ର ପରିସ୍ଥିତି ଏପରି କ'ଣ ହେଲା ଯେ, ଅପ୍ରତ୍ୟାଶିତ ଭାବେ ୨୦୨୦ରେ ସମାନ ପ୍ରକାରର ଆମ୍ବୁଲାନ୍ସକୁ ସରକାର ଗୋଟାକ ୨୨ଲକ୍ଷ ୬୩ହଜାର ୭୯୦ ଟଙ୍କାରେ ଏକାଥରକେ ୪୨୦ଟି କ୍ରୟ କରିଥିଲେ। ଏ ବାବଦକୁ ସରକାର ୯୫କୋଟି ୬ଲକ୍ଷ ୯୧ହଜାର ୮୦୦ଟଙ୍କା ଖର୍ଚ୍ଚ କରିଥିଲେ। ଏହାପରେ ୨୦୨୧ ଜାନୁଆରୀରେ ସରକାରଙ୍କ ପକ୍ଷରୁ ଗାଡ଼ି ପ୍ରକାରରେ ଟିକେ ପରିବର୍ତ୍ତନ କରାଯାଇଥିଲା। ୮୪ଟି ଫୋର୍ସ ଟ୍ରାଭେଲର୍ସ ୨୬ଲକ୍ଷ ୧୫ହଜାର ଟଙ୍କାରେ ୮୪ଟି ଆମ୍ବୁଲାନ୍ସ ବାବଦକୁ ୨୧କୋଟି ୯୬ଲକ୍ଷ ୬୦ହଜାର ଟଙ୍କାରେ କ୍ରୟ କରିଥିଲେ। ୨୦୨୩ ମାର୍ଚ୍ଚ ଏବଂ ନଭେମ୍ବରରେ ସରକାରଙ୍କ ପକ୍ଷରୁ ପୁନର୍ବାର ଟାଟାଉଇଙ୍ଗର ଦୁଇଟି ପର୍ଯ୍ୟାୟରେ ୩୨୯ଟି କ୍ରୟ କରାଯାଇଥିଲା। ହେଲେ ଗୋଟିଏ ଆମ୍ବୁଲାନ୍ସ ପିଛା ଦର ୩୦ଲକ୍ଷ ୮୫ହଜାର ଟଙ୍କା ରହିଥିଲା। ଏଥିପାଇଁ ବିଭାଗକୁ ୧୦୧କୋଟି ୪୯ଲକ୍ଷ ୬୫ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ସରକାର ବଦଳିଲା ପରେ ଏବେ ଆମ୍ବୁଲାନ୍ସ ଗାଡ଼ି ଦରରେ ବିରାଟ ପରିବର୍ତ୍ତନ ହୋଇଛି। ଯେଉଁ ଫୋର୍ସ ଟ୍ରାଭେଲର୍ସ ପୂର୍ବ ସରକାର ୫ବର୍ଷ ତଳେ ୨୬ଲକ୍ଷ ୧୫ହଜାର ଟଙ୍କାରେ କ୍ରୟ କରିଥିଲେ ଏବେ ଭାଜପା ସରକାର ତାକୁ ୪ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା କମ୍ ଅର୍ଥାତ୍ ୨୨ଲକ୍ଷ ୩ହଜାର ୩୮୦ଟଙ୍କାରେ କ୍ରୟ କରିଛନ୍ତି; ଯେଉଁଥିପାଇଁ ରାଜକୋଷକୁ ବିପୁଳ ପରିମାଣର ଲାଭ ପହଞ୍ଚିଛି। ତେବେ ଏହି କମ୍ ଦରରେ ୨୦୨୫ ସେପ୍ଟେମ୍ବରରେ ରାଜ୍ୟ ସରକାର ୪୨୧ଟି ଆମ୍ବୁଲାନ୍ସ କିଣିଛନ୍ତି। ଏ ବାବଦରେ ୯୨କୋଟି ୭୬ଲକ୍ଷ ୨୨ହଜାର ୯୩୪ଟଙ୍କା ଖର୍ଚ୍ଚ ହୋଇଛି। ସମୁଦାୟ ୧୩ବର୍ଷରେ ରାଜ୍ୟ ସରକାର ୩୫୫କୋଟି ୭୨ଲକ୍ଷ ୫୯ହଜାର ୫୭୬ଟଙ୍କାର ଆମ୍ବୁଲାନ୍ସ କ୍ରୟ କରିଛନ୍ତି।

ବିଭାଗ ପକ୍ଷରୁ କିଣା ଯାଇଥିବା ଏହି ଆମ୍ବୁଲାନ୍ସର ଦରକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ଏଭଳି ଏକ ବ୍ୟତିକ୍ରମ ଏବେ ନଜରକୁ ଆସିଛି। ଏହାର ଅଧିକ ଅନୁସନ୍ଧାନ କରାଯାଉଛି। ଆବଶ୍ୟକସ୍ଥଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି।

# ଜରଉ ଘାଟିରେ ଓଲଟିଲା ଗାଡ଼ି: ୧୮ ଆହତ, ୯ ଗୁରୁତର

ମୋହନା,୮।୨(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଜରଉ ଘାଟିରେ ରବିବାର ଏକ ଟାଟା ମ୍ୟାଜିକ ଗାଡ଼ି ଓଲଟି ୧୮ ଜଣ ଆହତ ହୋଇଥିବା ବେଳେ ୯ ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଆହତମାନେ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମୋହନା ପୋଲିସ ପହଞ୍ଚି ଉକ୍ତ ଗାଡିକୁ ଜବତ କରି ତଦନ୍ତ ଜାରି ରଖିଛି।

ସୋରଡ଼ା ଥାନା ଅନ୍ତର୍ଗତ ମଧୁରଆମ୍ବ ଗାଁରୁ ୨୭ ଜଣ ମହିଳା ଓ ପୁରୁଷ ଏକ ଟାଟା ମ୍ୟାଜିକ ଗାଡ଼ିରେ ମୋହନା ଥାନା ଅନ୍ତର୍ଗତ ଖାରିଗୁମା ଗାଁକୁ ଏକ ଧର୍ମ ସଭାରେ ଯୋଗ ଦେବାକୁ ଆସୁଥିଲେ। ଗାଁଠାରୁ ଅଳ୍ପ ଦୂର ଜରଉ ଘାଟି ରାସ୍ତାରେ ଗାଡ଼ିଟି କୌଣସି କାରଣରୁ ଭାରସାମ୍ୟ ହରାଇ ୧୦ ଫୁଟ ରାସ୍ତା ତଳକୁ ଖସି ପଡ଼ିଥିଲା। ଯାହାଫଳରେ ଗାଡ଼ିରେ ବସିଥିବା ଯାତ୍ରୀମାନେ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୯ ଜଣ ଅବସ୍ଥା ଗୁରୁତର ହୋଇଥିବାରୁ ଗଞ୍ଜାମ ଜିଲାର ବଡ଼ଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



# ୨୭ବର୍ଷ ପରେ ୧୭ଜଣଙ୍କୁ ନ୍ୟାୟ

## ସୁପ୍ରିମକୋର୍ଟଙ୍କ ଛାଟ:ଅବସରପ୍ରାପ୍ତଙ୍କୁ ମିଳିବ ବରିଷ୍ଠ ଓଏଏସ୍ ଦରମା

ଭୁବନେଶ୍ୱର,୮।୨(ରବିନାରାୟଣ ଜେନା)

ସଂରକ୍ଷଣକୁ ନେଇ ଅନେକ ସମୟରେ କଥା ସଡ଼କରୁ ସଂସଦ ପର୍ଯ୍ୟନ୍ତ ଯାଉଛି। କେତେବେଳେ ସରକାର ଏହାକୁ ଶୁଣୁଛନ୍ତି ତ ଆଉ କେତେବେଳେ ଏ ସମ୍ପର୍କିତ ନିଷ୍ପତ୍ତି ଝୁଲିରହୁଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଏଭଳି ଏକ ଘଟଣା ସାମ୍ନାକୁ ଆସିଛି, ଯାହା ଅତ୍ୟନ୍ତ ରୋମାଞ୍ଚକର। ତତ୍କାଳୀନ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ରୁ ବଞ୍ଚିତ ଅଧିକାରୀମାନେ ଏବେ ତାଙ୍କ ହକ୍ ପାଇଛନ୍ତି। ୧୭ଜଣଙ୍କୁ ନ୍ୟାୟ ମିଳିଥିବାବେଳେ ସେଥିମଧ୍ୟରୁ ୨ଜଣ ଅବସରପ୍ରାପ୍ତ ଅଧିକାରୀଙ୍କୁ ମଧ୍ୟ ଓଏଏସ୍ ଅଧିକାରୀ ଭାବେ ନୋସନାଲୀ ପେନ୍‌ସନ ଦେବାକୁ ରାଜସ୍ୱ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତିନାମା ଜାରି ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୧୯୯୯ ମସିହାରେ ଓଏଏସ୍‌ରୁ ବଞ୍ଚିତ ଥିବା ୧୫ଜଣ ବିଭିନ୍ନ କ୍ୟାଡର୍‌ର ଅଧିକାରୀଙ୍କୁ ଓଏଏସ୍ କ୍ୟାଡର୍‌ରେ ଫିକ୍ସଡ କରାଯାଇଛି। ବରିଷ୍ଠତା ଦୃଷ୍ଟିରୁ କିଏ କେଉଁଠାରେ ରହିବେ ସେନେଇ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ରାଜସ୍ୱ ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ, ଅବସର ନେଇଥିବା ଶ୍ୟାମ ପ୍ରସାଦ ରାଉତ ଏବଂ ସିଦ୍ଧାର୍ଥ ଶଙ୍କର ପାଣି ଏବେ ନୋସନାଲୀ ଓଏଏସ୍ ପେନ୍‌ସନ ପାଇବେ। ସେହିପରି ଓଏଫ୍ଏସ୍ ଅଧିକାରୀ ପୀୟୂଷ କାନ୍ତ ପାଣିଙ୍କୁ ପଦୋନ୍ନତି ଦିଆଯାଇ ବରିଷ୍ଠ ଓଏଏସ୍ ଅଧିକାରୀ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ତଳେ ଏବଂ ସରୋଜ ସାହୁଙ୍କ ଉପରେ ଫିକ୍ସଡ୍ କରାଯାଇଛି। ଏହାସହିତ ସବୀର କୁମାର ପଣ୍ଡା(ଓସିଏସ୍), ସତ୍ୟନାରାୟଣ ପଣ୍ଡା(ଓଏଫ୍ଏସ୍), ସୁଶାନ୍ତ କୁମାର ପଣ୍ଡା(ଓଏଫ୍ଏସ୍), ଗାୟତ୍ରୀ ପଟ୍ଟନାୟକ (ଓସିଏସ୍), ଫାଲଗୁନୀ ସହାୟ ନାୟକ (ଓଇଏସ୍), ଶ୍ରୀକାନ୍ତ କୁମାର ବେହୁରା (ସବ୍‌ରେଜିଷ୍ଟ୍ରାର), ସ୍ମିତା ମହାନ୍ତି (ସବ୍‌ରେଜିଷ୍ଟ୍ରାର), ରମେଶଚନ୍ଦ୍ର ପଣ୍ଡା (ସବ୍‌ରେଜିଷ୍ଟ୍ରାର), ସୁରଜ କୁମାର ପଟ୍ଟନାୟକ (ସବ୍‌ରେଜିଷ୍ଟ୍ରାର) ରହିଛନ୍ତି। ସେହିପରି ସୁଚେତା ମହାପାତ୍ର (ଓଏସ୍‌ସିଏସ୍), ହରପ୍ରିୟା ଦାସ (ଓଏସ୍‌ସିଏସ୍), ପ୍ରିୟବ୍ରତ ପାଢ଼ୀ (ଓଏସ୍‌ସିଏସ୍), ଅମୀୟ କୁମାର ରାଉତ (ଓଏସ୍‌ସିଏସ୍) ଓ ବିଜୟଲକ୍ଷ୍ମୀ ପାଟଶାଣୀ ପ୍ରମୁଖ ରହିଛନ୍ତି। ରାଜସ୍ୱ ବିଭାଗର ଏହି ବିଜ୍ଞପ୍ତିକୁ ନେଇ ଏବେ ଓଏଏସ୍ ଅଫିସର ମହଲରେ ଭିନ୍ନ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଆଗାମୀ ଦିନରେ ଯେଉଁ ଓଏଏସ୍‌ମାନେ ଏଭଳି ସରକାରଙ୍କ ରୋଷର ସମ୍ମୁଖୀନ ହୋଇଛନ୍ତି ସେମାନଙ୍କ କଥାକୁ ସରକାର କି ପ୍ରକାର ବିଚାର କରୁଛନ୍ତି ତାହା ଦେଖିବାର ରହିଛି।

# ‘ଦକ୍ଷତା ପ୍ରତିପାଦନର ସୁଯୋଗ ଦିଏ କ୍ରୀଡ଼ା’

## ୭୪ତମ ରାଜ୍ୟ ପୋଲିସ ଆଥ୍‌ଲେଟିକ ଚାମ୍ପିୟନଶିପ୍ ଉଦ୍‌ଘାଟିତ

କଟକ,୮।୨(କାର୍ତ୍ତିକ ସାହୁ)

ଓଡ଼ିଶା ପୋଲିସ ପକ୍ଷରୁ ୭୪ତମ ରାଜ୍ୟ ପୋଲିସ ଆଥ୍‌ଲେଟିକ ଚାମ୍ପିୟନଶିପ୍-୨୦୨୬ କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ରବିବାରଠାରୁ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ମୁଖ୍ୟ ଅତିଥି ଭାବେ କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର ଯୋଗଦେଇ ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ କରି ଏହା ଓଡ଼ିଶା ପୋଲିସର ଶୃଙ୍ଖଳା, ସଂଯମତା ଓ ସହନଶୀଳତାର ପ୍ରତୀକ ବୋଲି କହିଛନ୍ତି। ଏହି ରାଜ୍ୟସ୍ତରୀୟ କ୍ରୀଡ଼ା ମାଧ୍ୟମରେ ଓଡ଼ିଶା ପୋଲିସରେ କାର୍ଯ୍ୟରତ କର୍ମଚାରୀମାନେ ନିଜ ଶାରୀରିକ ଓ ମାନସିକ ଦକ୍ଷତାକୁ ପ୍ରତିପାଦିତ କରିବାର ଏକ ସୁଯୋଗ ବୋଲି ସେ କହିଥିଲେ। ଚଳିତବର୍ଷ ପ୍ରତିଯୋଗିତାରେ ମହିଳା କ୍ରୀଡ଼ାବିତ୍‌ଙ୍କ ସଂଖ୍ୟା ପୂର୍ବାପେକ୍ଷା ବୃଦ୍ଧିପାଇଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ।

କ୍ରାଇମବ୍ରାଞ୍ଚ ଡିଜିପି ମିଶ୍ର ଆହୁରି କହିଲେ, ବିଗତ ଦିନରେ ଓଡ଼ିଶା ପୋଲିସର କ୍ରୀଡ଼ାବିତ୍‌ମାନେ ଜାତୀୟ ଏବଂ ଅନ୍ତର୍ଜାତୀୟ ପୋଲିସ କ୍ରୀଡ଼ା ପ୍ରତିଯୋଗିତାରେ ଅସାଧାରଣ ସଫଳତା ହାସଲ କରି ରାଜ୍ୟ ତଥା ପୋଲିସ ବିଭାଗର ଗୌରବ ବୃଦ୍ଧି କରିଛନ୍ତି। ଆଗାମୀ ଦିନରେ ଏହି ଚାମ୍ପିୟନ୍‌ଶିପ୍‌ରୁ ସଫଳ ପ୍ରତିଯୋଗୀମାନେ ସର୍ବଭାରତୀୟ ପୋଲିସ ଆଥ୍‌ଲେଟିକ ଚାମ୍ପିୟନଶିପ୍ ସମେତ ଅନ୍ୟାନ୍ୟ ବଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଓଡ଼ିଶା ପୋଲିସକୁ ଗର୍ବିତ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏଭଳି ଚାମ୍ପିୟନଶିପ୍ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି, ଅନୁଶାସନ ତଥା କର୍ତ୍ତବ୍ୟ ପ୍ରତି ଉତ୍ସର୍ଗୀକୃତ ମନୋଭାବ ବୃଦ୍ଧି ପାଇଥାଏ। ରାଜ୍ୟ, ଜିଲା, ରେଞ୍ଜ ସ୍ତରର ଖେଳାଳିମାନେ ଏଥିରେ ସାମିଲ ହୋଇଥିବାରୁ ପରସ୍ପର ମଧ୍ୟରେ ଉତ୍ତମ ସମନ୍ୱୟ ସୃଷ୍ଟିହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଚାମ୍ପିୟନଶିପ୍ ଆୟୋଜନ ଓ ପରିଚାଳନା ନିମନ୍ତେ ସେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ଧନ୍ୟବାଦ ଜଣାଇଥିଲେ।

ଏହି ଚାମ୍ପିୟନଶିପ୍‌ରେ ସମଗ୍ର ରାଜ୍ୟର ବିଭିନ୍ନ ରେଞ୍ଜ ଏବଂ ବାଟାଲିୟନରୁ ୩୬ଟି ପୋଲିସ ଟିମ୍‌ର ମୋଟ ୫୦୨ ଜଣ ଖେଳାଳି ସାମିଲ ହୋଇଛନ୍ତି। ତନ୍ମଧ୍ୟରେ ୪୨୭ ପୁରୁଷ ଓ ୭୫ ମହିଳା ଅଛନ୍ତି। ଚାମ୍ପିୟନଶିପ୍‌ର ଅଧ୍ୟକ୍ଷ ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଆଇଜିପି (କାର୍ମିକ) ଏସ୍. ପ୍ରବୀଣ କୁମାର, ଆଇଜିପି (ଏସ୍ଏପି) ଗଜଭିଏ ସତୀଶ କୁମାର, ଆଇଜିପି (ଗୋଇନ୍ଦା) ଜୟ ନାରାୟଣ ପଙ୍କଜ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିସିପି (କଟକ) ଖିଲାରୀ ଋଷିକେଶ ଦ୍ୟାନଦେଓ ଏବଂ ଷଷ୍ଠ ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଉତ୍ସବରେ କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର ଅଭିବାଦନ ଗ୍ରହଣ କରୁଛନ୍ତି। **(ଫଟୋ: ରାଜକିଶୋର ମହାନ୍ତି)**

# ଆଙ୍କୁଲା ଛକରେ ସୃଷ୍ଟିହେଲା କୃତ୍ରିମ ବନ୍ୟା



ଯାଜପୁରଟାଉନ,୮।୨(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର-ପାଣିକୋଇଲି ରାସ୍ତାର ଆଙ୍କୁଲା ଛକରେ ରବିବାର ଭୋର ୩ଟା ସମୟରେ ଦେଖିବାକୁ ମିଳିଛି କୃତ୍ରିମ ବନ୍ୟା। ରାସ୍ତା ପାର୍ଶ୍ୱରେ ଥିବା କେନାଲରୁ ପାଣି ଉଛୁଳି ଆଙ୍କୁଲା ଛକରେ ପ୍ରବାହିତ ହୋଇଥିଲା। ପାଖାପାଖି ୪ ଫୁଟ୍ ଉଚ୍ଚର ପାଣି କେତେଜଣ ଲୋକଙ୍କ ଘର, ଦୋକାନ ଗୃହରେ ପଶିଯାଇଥିବାବେଳେ ଆଉ କିଛି ପାଣି ଚାଷ ଜମିରେ ମାଡ଼ି ଯାଇଥିଲା। ସହରର ମୁଖ୍ୟ କେନାଲର ଉପରମୁଣ୍ଡରେ ଗେଟ୍ ଖୋଲାଥିବାବେଳେ ତଳ ମୁଣ୍ଡରେ ଗେଟ୍ ବନ୍ଦ ରହିଥିଲା। ଫଳରେ ପାଣି ତଳ ମୁଣ୍ଡରେ ଯାଇ ନ ପାରି ଉଛୁଳି ବନ୍ଧ ଡେଇଁ ରାସ୍ତା ଉପରେ ପ୍ରବାହିତ ହୋଇଥିଲା। ଖବର ପାଇ ଜଳ ସମ୍ପଦ ବିଭାଗର କର୍ମଚାରୀ ଆସି ତଳମୁଣ୍ଡରେ ଥିବା ଗେଟ୍‌କୁ ଖୋଲିବା ପରେ ପାଣି ତଳ ମୁଣ୍ଡରେ ପ୍ରବାହିତ ହୋଇଥିଲା। ଏହାପରେ ପାଣି ହ୍ରାସ ପାଇଥିଲା।

10001/25/2526
ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା
ଜାତୀୟ କୃମିନାଶକ ଦିବସ
୧୦ ଫେବୃଆରୀ ୨୦୨୬
କୃମି ମୁକ୍ତ ଶିଶୁ ହେଉଛନ୍ତି
ରୋଗ ମୁକ୍ତ ଶିଶୁ


ଆପଣ ଜାଣନ୍ତି କି ଯେଉଁମାନେ କୃମି ଦ୍ୱାରା ସଂକ୍ରମିତ ହୋଇଥାନ୍ତି, ସେମାନେ
• ପୁଷ୍ଟିହୀନତା ଓ ରକ୍ତହୀନତା ଯୋଗୁଁ ସର୍ବଦା କ୍ଲାନ୍ତ ଅନୁଭବ କରନ୍ତି।
• ତାଙ୍କର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ବାଧାପ୍ରାପ୍ତ ହୁଏ।
 କୃମି ନିୟନ୍ତ୍ରଣର ଉପାୟ ଅତି ସହଜ

୧ ରୁ ୧୯ ବର୍ଷ ବୟସର ସମସ୍ତ ଶିଶୁ ତଥା ପିଲାମାନଙ୍କୁ ଅଙ୍ଗନୱାଡ଼ି ଓ ବିଦ୍ୟାଳୟରେ ବିନାମୂଲ୍ୟରେ କୃମିନାଶକ ଔଷଧ ଖାଇବାକୁ ଦିଆଯିବ। ଅଣପଞ୍ଜୀକୃତ ଓ ବିଦ୍ୟାଳୟ ଯାଉନଥିବା ପିଲାମାନେ ଏବଂ ପ୍ରଜନନକ୍ଷମ ମହିଳାମାନେ (୨୦ରୁ ୨୪ ବର୍ଷ ବୟସ) ଅଙ୍ଗନୱାଡ଼ି କେନ୍ଦ୍ରରେ ଔଷଧ ଖାଇବେ।
ଏହି ଦିନ ଗର୍ଭବତୀ ଓ ପ୍ରସୂତି ମହିଳା କୃମିନାଶକ ଔଷଧ ଖାଇବେ ନାହିଁ।
ଯେଉଁ ପିଲାମାନେ ଜାତୀୟ କୃମିନାଶକ ଦିବସରେ ଔଷଧ ଖାଇନଥିବେ, ସେମାନଙ୍କୁ ୧୭ ଫେବୃଆରୀ ୨୦୨୬ ଦିନ ଔଷଧ ଦିଆଯିବ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10001/10003/2/25-26/0015

10001/24/2526
ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ
୩୦ ଜାନୁଆରୀ - ୧୩ ଫେବୃଆରୀ ୨୦୨୬
‘ଭେଦଭାବ ସମାପ୍ତ କରି ସମ୍ମାନର ସହ ବଞ୍ଚିବା’
• ଏହି ଅଭିଯାନରେ ଆଶା ଓ ସ୍ୱାସ୍ଥ୍ୟକର୍ମୀ ନିଜ ନିଜ ଅଞ୍ଚଳରେ କୁଷ୍ଠରୋଗ ବିଷୟରେ ସଚେତନ କରିବେ
• ବଧିରା/ତମ୍ବାଳିଆ ଛଉ, ତେଲିଆ/ ଚିକ୍କଣ/ପାଉଁସିଆ ଚର୍ମ, ହାତ/ ପାଦ ବଧିରା କିମ୍ବା ଦୁର୍ବଳ ହେବା, ମୁହଁ ଏବଂ କାନରେ ଗୁଳି ବାହାରିବା ଆଦି କୁଷ୍ଠର ଲକ୍ଷଣ ହୋଇପାରେ
• କୁଷ୍ଠରୋଗର ଚିହ୍ନଟ, ଚିକିତ୍ସା ଏବଂ ପୁନଃକ୍ଷମ ଅସ୍ତ୍ରୋପଚାର ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ଉପଲବ୍ଧ
• ପୁନଃକ୍ଷମ ଅସ୍ତ୍ରୋପଚାର କରାଯାଇଥିବା ରୋଗୀଙ୍କୁ ସରକାରଙ୍କ ତରଫରୁ ୧୨,୦୦୦ ଟଙ୍କା ପାରିଶ୍ରମିକ ଭରଣା ତଥା ଗସ୍ତ ଖର୍ଚ୍ଚ ବାବଦକୁ ୧,୫୦୦ଟଙ୍କା ଦିଆଯାଉଛି
କୁଷ୍ଠ ରୋଗର ଲକ୍ଷଣ


କୁଷ୍ଠରୋଗର ଲକ୍ଷଣ ଥିଲେ ତୁରନ୍ତ ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାନ୍ତୁ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10001/10003/2/25-26/0014

ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଊର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ- ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ- ଦିବ୍ୟ ଆଲୋକ ଓ ବିଦ୍ୟାଶକ୍ତି ପ୍ରାପ୍ତ ହୋଇପାରିବ। -ଶ୍ରୀଅରବିନ୍ଦ



# ଦୋଳି ଦୁର୍ଘଟଣା

ପ୍ରମୋଦ ଉଦ୍ୟାନ କିମ୍ବା ମନୋରଞ୍ଜନର ଖୋରାକ ଯୋଗାଉଥିବା କୌଣସି ମେଳାକୁ ବୁଲିଯିବା ବେଳେ ଆନନ୍ଦ ଲାଭ କରିବା ଥାଏ ମୂଳ ଲକ୍ଷ୍ୟ। କିନ୍ତୁ ତାହା ନିରାନନ୍ଦ ବା ଦୁଃସ୍ୱପ୍ନ ପାଲଟିଗଲେ କଥା ସରିଲା। ମେଳା ଭିତରେ ଭଳିକିଭଳି ଦୋଳି ପିଲା ସହ ବୟସ୍କଙ୍କୁ ମଧ୍ୟ ଆକର୍ଷିତ କରେ। ଅନେକ ସମୟରେ ଭାରତରେ ଦେଖାଯାଉଛି ମେଳାରେ ଖଞ୍ଜାଯାଇଥିବା ଦୋଳି ବା ଚିତ୍ତବିନୋଦନ ଯୋଗାଉଥିବା ସାଧନରେ ତ୍ରୁଟି ଥିବାରୁ ଅସ୍ୱାଭାବିକ ସ୍ଥିତି ଉପୁଜୁଛି। ଏପରିକି ମଣିଷର ଜୀବନ ଯିବା ଭଳି ଘଟଣା ଦେଖାଯାଉଛି। ହରିୟାଣାର ଫରିଦାବାଦରେ ଚାଲିଥିବା ସୂରଜକୁଣ୍ଡ ମେଳାରେ ୭ ଫେବୃଆରୀରେ ଏକ ବଡ଼ ଦୋଳି ଖସିପଡ଼ିବାରୁ ୫୯ ବର୍ଷୀୟ ଜଣେ ପୋଲିସ ଇନ୍ସପେକ୍ଟରଙ୍କ ମୃତ୍ୟୁ ଘଟିଛି। ଏଥିରେ ୧୩ ଜଣ ଗୁରୁତର ଆହତ ହୋଇଛନ୍ତି। ଟିକେ ପଛକୁ ଫେରିଲେ ୧୯ ଜାନୁଆରୀ ୨୦୨୬ରେ ମଧ୍ୟପ୍ରଦେଶର ଝାବୁଆ ସହରରେ ଦୋଳିରେ ବସିଥିବା ଏକ ସରକାରୀ ବିଦ୍ୟାଳୟର ୧୪ ଜଣ ପିଲା ଗୁରୁତର ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୩ ଜଣ ଛାତ୍ରୀ ଥିଲେ। ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ୨୦୨୫ ଏପ୍ରିଲ ୩ରେ ଦିଲ୍ଲୀରେ ଜଣେ ୨୪ ବର୍ଷୀୟା ମହିଳା ତାଙ୍କ ସିଟ୍ ବେଲ୍ଟ ଖରାପ ହୋଇଯିବାରୁ ସେ ରୋଲର କୋଷ୍ଟରରୁ ଖସି ପଡ଼ି ପ୍ରାଣ ହରାଇଥିଲେ। ଓଡ଼ିଶାରେ କଟକ ବାଲିଯାତ୍ରାରେ ମଧ୍ୟ ଅଘଟଣ ଘଟିବାର ଦୃଷ୍ଟାନ୍ତ ରହିଛି। ୧୨ ନଭେମ୍ବର ୨୦୨୫ରେ ବାଲିଯାତ୍ରା ତଳପଡ଼ିଆରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ୫୦ ଫୁଟ ଉପରେ ଦୋଳି ଅଟକିଯିବାରୁ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ୮ ଜଣ ଡରି ଚିତ୍କାର କରିଥିଲେ। ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରିଥିଲା। ଏଭଳି ଅସ୍ୱାଭାବିକ ଘଟଣା ଖୋଜିଲେ ତାଲିକା ଲମ୍ବିଚାଲିବ।

ଅନେକ ସମୟରେ ସୁରକ୍ଷା ଦିଗକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଅସ୍ୱାଭାବିକ ସ୍ଥିତି ଉତ୍ପନ୍ନ ହେଉଛି। ସାଧାରଣତଃ ଯାଞ୍ଚକାରୀ ସଂସ୍ଥା ଦୋଳିର ସ୍ଥିତିକୁ ଅନୁଧ୍ୟାନ କରି ନ ଥାଆନ୍ତି। ଅଘଟଣ ଘଟିବା ପରେ ସେଥିରେ ସମ୍ପୃକ୍ତ ଜଣେ ଦୁଇ ଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି ଲୋକଦେଖାଣିଆ କାର୍ଯ୍ୟାନୁଷ୍ଠାନ ନେଇଥାଏ। ମେଳା ଆୟୋଜକମାନେ ଲାଭକୁ ସବୁକିଛି ଧରିନେଉଥିବାରୁ ସେମାନଙ୍କ ପାଇଁ ଦର୍ଶକଙ୍କ ନିରାପତ୍ତା ବିଶେଷ ଗୁରୁତ୍ୱ ରଖୁନାହିଁ। ପ୍ରଶାସନ, ପୋଲିସ ଓ ଆୟୋଜନକାରୀଙ୍କର ଲୋକଙ୍କ ପ୍ରତି ଉତ୍ତରଦାୟିତ୍ୱ ରହୁ ନ ଥିବାରୁ ସବୁକିଛି ବେଢଙ୍ଗରେ ଚାଲୁଥିବା ଭଳି ମନେହେଉଛି। ଏହି ପରିପ୍ରେକ୍ଷୀରେ ପର୍ଯ୍ୟଟନସ୍ଥଳୀ ବିଶେଷକରି ପରିବେଶ ପର୍ଯ୍ୟଟନସ୍ଥଳୀକୁ ଦେଖିଲେ ସ୍ଥିତି ଦିନକୁ ଦିନ କିଭଳି ବିଗିଡ଼ି ଯାଉଛି ଲକ୍ଷ୍ୟ କରିବା କଥା। ନିଜ ଗାଁ କିମ୍ବା ସହରଠାରୁ ଭିନ୍ନ ସ୍ଥାନକୁ ଭ୍ରମଣରେ ଯିବା ଉଦ୍ଦେଶ୍ୟ ରଖି ପ୍ରକୃତିପ୍ରେମୀମାନେ ବଣଜଙ୍ଗଲ, ପାହାଡ଼, ଝରଣା ଆଦିକୁ ବୁଲି ଅବସର ସମୟ କଟାଇବାକୁ ଚାହିଁଥାଆନ୍ତି। ପ୍ରକୃତି କୋଳରେ କିଛି ସମୟ ବିତାଇଲେ ସେମାନେ ଅଫୁରନ୍ତ ଆନନ୍ଦ ପାଇଥାଆନ୍ତି। ମାତ୍ର ଦେଖାଯାଉଛି ପ୍ରାକୃତିକ ପରିବେଶକୁ ଲାଭ ଅର୍ଜନର କେନ୍ଦ୍ର କରିବା ସକାଶେ ସରକାରୀ ଓ ବେସରକାରୀ ସ୍ତରରେ ଗୋଟେ ଜୋରଦାର ଉଦ୍ୟମ ହେଉଛି। ଅତ୍ୟଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ପାହାଡ଼ ତାଡ଼ି ରାସ୍ତା, କୋଠାବାଡ଼ି ତିଆରି କରାଯାଉଛି। ଫଳରେ ଭଙ୍ଗୁର ଅବସ୍ଥାରେ ଥିବା ପରିସଂସ୍ଥାନ ଦୁର୍ବଳ ହୋଇଯାଉଛି। ଉତ୍ତରାଖଣ୍ଡରେ ଚାରଧାମ ସଡ଼କ ପ୍ରକଳ୍ପ ପାଇଁ ଅପର୍ଯ୍ୟାପ୍ତ ଗଛ କଟାଯିବା ସହ ଅନିୟନ୍ତ୍ରିତ ନିର୍ମାଣ ସମ୍ପୃକ୍ତ ଅଞ୍ଚଳର ପରିବେଶକୁ ସମ୍ପୂର୍ଣ୍ଣ ବିଗାଡ଼ି ଦେଲାଣି। ଏ ନେଇ ପରିବେଶପ୍ରେମୀଙ୍କଠାରୁ ସ୍ଥାନୀୟ ଲୋକେ ସ୍ୱର ଉଠାଉଥିଲେ ମଧ୍ୟ ସୁଫଳ ମିଳୁନାହିଁ।

ଆମୋଦପ୍ରମୋଦର କେନ୍ଦ୍ର କୁହାଯାଉଥିବା ଆକର୍ଷଣୀୟ ମେଳାର ଦୋଳି ହେଉ ବା ପର୍ଯ୍ୟଟନସ୍ଥଳୀରେ ରୋପ୍ ୱେ ସୁରକ୍ଷିତ ରହିବା ନିତାନ୍ତ ଦରକାର। ଅନ୍ୟ ଦେଶଗୁଡ଼ିକ ପରିବେଶକୁ ଅକ୍ଷୁଣ୍ଣ ରଖି ସେମାନଙ୍କ ପର୍ଯ୍ୟଟନକୁ ବିକଶିତ କରିବା ସହ ସୁରକ୍ଷା ଦିଗକୁ ସର୍ବାଧିକ ଗୁରୁତ୍ୱ ଦେଇଥାଆନ୍ତି। ହେଲେ ଭାରତରେ ବେପରୁଆ ଭାବେ ସବୁକିଛି ଚାଲିଛି। ଏଥିସହିତ କୁହାଯାଇପାରେ ଯେ, ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ପ୍ରକୃତିକୁ ଅତିଷ୍ଠ କଲାଣି। ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଗୁଡ଼ ଗୁଡ଼ ପଲିଥିନ୍ ବ୍ୟବହାର କରାଯାଉ ସେଥିପାଇଁ ତାହାକୁ ବନ୍ଦ କରାଯିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲେ ମଧ୍ୟ ସେଥିପ୍ରତି କାହାରି ନିଘା ରହୁନାହିଁ। ଜନସାଧାରଣ ନିଜର ବ୍ୟକ୍ତିଗତ ସୁରକ୍ଷା ପାଇଁ ଯେତେବେଳେ ଚିନ୍ତା କରୁନାହାନ୍ତି ସେତେବେଳେ ଲାଭକୁ ଆଖିଆଗରେ ରଖି କାର୍ଯ୍ୟ କରୁଥିବା ବ୍ୟକ୍ତି ବା ସଂସ୍ଥା ମନମୁଖୀ କାର୍ଯ୍ୟ କରିବା ସ୍ୱାଭାବିକ। ସେଭଳି ସ୍ଥଳେ ଯାଞ୍ଚ ବା ସ୍ଥିତି ପରିଦର୍ଶନର ପ୍ରଶ୍ନ ଉଠି ନ ଥାଏ। ଗହଳି ଦେଖିବା ସତ୍ତ୍ୱେ ଥୋକେ ତା' ଭିତରକୁ ମାଡ଼ିଯିବାକୁ ଆଗଭର। ଉଦ୍ଦେଶ୍ୟ ନିଜେ କିଭଳି ଆଗକୁ ଯାଇ ମଜା ନେଇଯିବେ। କେବଳ ଦୋଳି ଦୁର୍ଘଟଣା ନୁହେଁ, ମେଳା ମଉଛବରେ ଅତ୍ୟଧିକ ଭିଡ଼ ଅନେକ ସମୟରେ ଦଳାଚକଟାଜନିତ ମୃତ୍ୟୁର କାରଣ ପାଲଟିଥାଏ। ଏହି ପରିପ୍ରେକ୍ଷୀରେ ସାଧାରଣ ଲୋକ ତା' ଚିନ୍ତନରେ ପରିବର୍ତ୍ତନ ଆଣିବା ଦରକାର। କାରଣ ମନୋରଞ୍ଜନ ଯେତିକି ଗୁରୁତ୍ୱ ରଖୁଛି, ବ୍ୟକ୍ତିଗତ ସୁରକ୍ଷା ତତୋଽଧିକ ଗୁରୁତ୍ୱପୂର୍ଣ୍ଣ।

> ଗହଳି ଦେଖିବା ସତ୍ତ୍ୱେ ଥୋକେ ତା' ଭିତରକୁ ମାଡ଼ିଯିବାକୁ ଆଗଭର। ଉଦ୍ଦେଶ୍ୟ ନିଜେ କିଭଳି ଆଗକୁ ଯାଇ ମଜା ନେଇଯିବେ। କେବଳ ଦୋଳି ଦୁର୍ଘଟଣା ନୁହେଁ, ମେଳା ମଉଛବରେ ଅତ୍ୟଧିକ ଭିଡ଼ ଅନେକ ସମୟରେ ଦଳାଚକଟାଜନିତ ମୃତ୍ୟୁର କାରଣ ପାଲଟିଥାଏ। ଏହି ପରିପ୍ରେକ୍ଷୀରେ ସାଧାରଣ ଲୋକ ତା' ଚିନ୍ତନରେ ପରିବର୍ତ୍ତନ ଆଣିବା ଦରକାର। କାରଣ ମନୋରଞ୍ଜନ ଯେତିକି ଗୁରୁତ୍ୱ ରଖୁଛି, ବ୍ୟକ୍ତିଗତ ସୁରକ୍ଷା ତତୋଽଧିକ ଗୁରୁତ୍ୱପୂର୍ଣ୍ଣ।

# ଉଠିବା ଦରକାର, ଉଡ଼ିବା ପଛକଥା



ଡ. ସାରଦା ପ୍ରସାଦ କର

ପ୍ରଥମ ବିଶ୍ୱଯୁଦ୍ଧ ସମୟର ଇଟାଲୀୟ ଆମ୍ବୁଲାନ୍ସ ଚାଳକ, ପରବର୍ତ୍ତୀ ସମୟରେ ଗୁରୁତର ଆହତ ଅର୍ନେଷ୍ଟ ହେମିଂୱେଙ୍କ କଥା ଆଜି ବି ପାଠୋର ପାରି ନାହାନ୍ତି ଅର୍ଥନୈତିକ ବିଶାରଦଗଣ। ୧୯୫୪ରେ ନିଜ ପୁସ୍ତକ 'ଫାରୱେଲ ଟୁ ଆର୍ମସ' ପାଇଁ ନୋବେଲ ପୁରସ୍କାର ନେଉଥିବା ବୃଦ୍ଧଙ୍କ ଲାଗେ ଯେମିତି ନିଜ ଆହତ ଶରୀରକୁ ଯୁଦ୍ଧଭୂମିରୁ ବୋହି ନେଉଛନ୍ତି ନିଜ ଆମ୍ବୁଲାନ୍ସରେ। ଆଖିଦେଖା କଥାକୁ ଲେଖାରେ ପ୍ରକାଶ କଲେ ସେ- 'ଦ ୱାର୍ଲ୍ଡ ବ୍ରେକ୍ସ ଏଭ୍ରିୱାନ, ଆଣ୍ଡ ଆଫ୍ଟରୱାର୍ଡ, ମେନି ଆର୍ ଷ୍ଟ୍ରଙ୍ଗ ଆଟ୍ ଦ ବ୍ରୋକେନ ପ୍ଲେସେସ୍'। ସେହି ଏକା ସମୟରେ ଗୁରୁତର ହୋଇଥିବା ଫ୍ରାନ୍ସର ଉତ୍ତରପୂର୍ବ ଶିଳ୍ପାଞ୍ଚଳ ପୁଣି ଛିଡ଼ାହେଲା, ୧୯୨୪ ବେଳକୁ ଯୁଦ୍ଧପୂର୍ବ ଆଗରେ ଥିଲା। ନିଜ ଦେଶରେ ଯୁଦ୍ଧ ନ ହୋଇ ମଧ୍ୟ ମାନବ ସମ୍ବଳ ଆଉ ଆର୍ଥିକ କ୍ଷତି ଆମେରିକାର ସର୍ବାଧିକ। ତଥାପି ଜଲଦି ସୁସ୍ଥ ହୋଇ ବିଶ୍ୱ ନେତୃତ୍ୱରେ ଅଗ୍ରଣୀ ଭୂମିକା ନେଇଗଲା। ଫିନ୍‌ଲାଣ୍ଡ ୧୯୧୭-୧୮ରେ ରୁଷିଆଠାରୁ ସ୍ୱାଧୀନତା ପାଇଲା ବେଳେ ଗୃହଯୁଦ୍ଧରେ ଘାଇଲା। ପରବର୍ତ୍ତୀ ସମୟରେ କେହି ବି ସେ ଦେଶକୁ ଗଲେ ଜୁଝି ପାରିବେନି ଯେ ସେଠାରେ ଦିନେ ସାମାଜିକ ଆର୍ଥିକ ପ୍ରଗତି ଯୁଦ୍ଧ ଘନଘଟାର ସୁନାମିରେ ପୋତି ହୋଇ ପଡ଼ିଥିଲା।

ହେମିଂୱେଙ୍କ ବାର୍ତ୍ତା ଆଜି ଆମ ଦେଶର ଅର୍ଥନୀତି ଶ୍ରେଣୀ ପାଠକଙ୍କୁ ବଡ଼ ଉଦାହରଣ। ଆମେ କେତେ ଶିଖିଲେ ଆଉ କେତେ କାମରେ ଲଗେଇଲେ ସେସବୁର ସମୀକ୍ଷା କମ୍। ଯାହାହେଉ ଦେଶର ଶୀର୍ଷ ନେତୃତ୍ୱ ଆମକୁ ଆଶ୍ୱସ୍ତ କରନ୍ତି ଯେ ଆମେ ଦିନେ ବିଶ୍ୱଗୁରୁ ହେବୁ। ବାଇଶରେ ହେବୁ, ତିରିଶରେ ହେବୁ, ଅଣଚାଳିଶରେ ହେବୁ ପୁଣି ଏବେ କହିଲେଣି ଷାଠିଏ ବେଳକୁ ଆମକୁ କେହି ଛିଡ଼ିପାରିବେନି ହାସ୍ୟାସ୍ପଦ...। ଅପେକ୍ଷାର ଅନ୍ତ ଘଟେଇବା ଆମ ଭଳି ମୁଣ୍ଡକ ପକ୍ଷରେ ଅସମ୍ଭବ ଯେମିତି। ବିକାଶର ଯାନରେ ବସିଲୁ ବୋଲି ଦେଶର ବଜେଟ ଅଧିବେଶନ ଦିନ ତିନି ବାଜାବାଜା, ସରକାର, କର୍ପୋରେଟ ଆଉ ମିଡିଆ କାନ ଫଟେଇ ଶୁଣେଇବେ। ହେମିଂୱେଙ୍କ ବାର୍ତ୍ତା ଏମିତି ଶକ୍ତା ଲୋକପ୍ରିୟତା ନ ଥିଲା। ଆହତର ସ୍ୱର ଭିତରୁ ଆଗକୁ ବଢ଼ିବାର ଉଦ୍ଦଣ୍ଡତା, ଦୁର୍ଦ୍ଦାନ୍ତ ଓଟୋମାନ ସାମ୍ରାଜ୍ୟର ପ୍ରତିଫଳନକୁ ସ୍ୱୀକାର କରିଗଲେ ଆମେ ପାପ ପୁଷ୍କରିଣୀରେ ପଡ଼ିଥିବା ନାହିଁ। ଦୁର୍ଗତିରେ ଆଲୋଚନା ନ ହେବା ଯାଏ 'ଅଚ୍ଛେ ଦିନ' ମହଙ୍ଗାହୋଇ ଚାଲିଥିବ। 'ଦ ୱାର୍ଲ୍ଡ ବ୍ରେକ୍ସ ଏଭ୍ରିୱାନ', ସମାଜ ଉନ୍ନତି କଲ୍ଲେ ପାହାଡ଼ ଭଙ୍ଗା ଚାଲିଛି ଭଲକଥା, ହେଲେ ପଥର ତଳେ ଶୁଖୁଥିବା ସ୍ୱରକୁ ଏଥର ଶୁଣିବା ହେବ।

ସର୍ବାଧିକ ଋଣ ବୋଝ ମୁଣ୍ଡେଇଥିବା ରାଜ୍ୟ ଭିତରେ ମହାରାଷ୍ଟ୍ର ପଛକୁ ତାମିଲନାଡ଼ୁ। ଗରିବୀ ରେଖାତଳେ ୧୫.୬୮ ପ୍ରତିଶତ ସହ ସପ୍ତମ ସ୍ଥାନରେ ଓଡ଼ିଶା ବୋଲି 'ନୀତି ଆୟୋଗ' କହିବାରେ ଆମେ ଗରିବୀକୁ ସ୍ୱୀକାର କରି କେନ୍ଦ୍ରକୁ ସ୍ୱତନ୍ତ୍ର ଦାବି ରଖିପାରିବା। ତେବେ ଯେତେଦିନ ଆମେ ଉତ୍ସର୍ଗୀ...



ଓଡ଼ିଶାରୁ ଖଣିଜ ନେବା ସହ ନିଜପାଇଁ ଋଣ ଯନ୍ତାଟି ମୁଣ୍ଡେଇ ବୁଲିବା? ଦୁଇ ହଜାର ମସିହା ବେଳକୁ ଓଡ଼ିଶା ରାଜ୍ୟ ଋଣଭାର ଅଠର ହଜାର କୋଟିରୁ ୨୦୨୪ ମସିହା ବିଜେଡି ସରକାରଙ୍କ ବିଦାୟ ବେଳକୁ ଛୟାନବେ ହଜାର ତିରିଶ ଦଶ କୋଟି ଶିଖର ଛୁଇଁବାରେ ବିକାଶର ସ୍ୱଷ୍ଟ ଆଭୁଷଣ ପାଇଥିଲୁ। ଭାଜପା ସରକାର ଆସୁଆସୁ ଆଉ ୪୨୪୯.୫ କୋଟି ଟଙ୍କାର ଅଧିକ ଋଣକରି ପାହାଡ଼ଟାଏ ଛିଡ଼ା କରେଇଲେ। ଏବେ ପୁଣି ଏକ ଲକ୍ଷ ତିରିଶ ହଜାର କୋଟି ପାର ହେବାରେ ତଳେ ଇଞ୍ଜିନ ଧାରଣାରେ ଗଢୁଛି, ଆମେ ବିଶାହୀନ ହୋଇନାହୁଁ ବୋଲି ପାଞ୍ଚ ବର୍ଷ ପରେ ଜଣାପଡ଼ିବ। କିନ୍ତୁ ସରକାର ଯେଉଁ ହାତୀ ଘୋଡ଼ା ପ୍ରତିଶ୍ରୁତି ଦେଇଥିବେ ତାକୁ ପୂରଣ କରିବା ପାଇଁ ଅର୍ଥର ଆବଶ୍ୟକତା ବଢ଼ିବ। ୧୫ତମ ଅର୍ଥ ଆୟୋଗ ଆର୍ଥିକ ଦାୟିତ୍ୱ ଓ ଋଣ ପରିଚାଳନା ଆଇନ-୨୦୦୫, ସରକାରଙ୍କ ଉଧାର ୨୦୨୫ ସେପ୍ଟେମ୍ବରରେ ଏକ ଲକ୍ଷ ଛବିଶ ହଜାର କୋଟି ପାରି ହେଲାଣି। ଆମେ ବିଦେଶୀ ଫୁଲସଜା ବାଣୀ ପୋଡ଼ିଦେଉ ଏକ ଦୀକ୍ଷାନ୍ତ ଭାଷଣ ଦେଇଥିଲୁ। ଓଡ଼ିଶାର ଋଣ ଶୁଝିବା ବାବଦରେ ଗଚ୍ଛିତ ରାଶିକୁ ସମୁଦାୟ ରାଜ୍ୟ ଘରୋଇ ଉତ୍ପାଦର ୨୫ ପ୍ରତିଶତ ମଧ୍ୟରେ ସୀମିତ ରଖିବାକୁ ଉପଦେଶ ଦେଇଥିଲେ। ପ୍ରାପ୍ତ ରାଜସ୍ୱରୁ ସୁଧ ଦେୟର ଅନୁପାତ ୧୫ ପ୍ରତିଶତ ମଧ୍ୟରେ ରଖିବା କଥା କହିଲେ। ଆମେ ଶୁଣିବୁନି ତ ଦୁର୍ଗତି ଧାରାବାହିକ।

ପଚାଶ ବର୍ଷ ତଳେ ଓଡ଼ିଶା ଏକ ବାତ୍ୟା, ବନ୍ୟା, ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳ ବୋଲି ଆମେ ରଚନା ଲେଖୁଥିଲୁ। ଏବେ ସେଭଳି ଲେଖୁଛୁ। ବନ୍ୟା ଦୁର୍ଗତ କେରଳ କି ଆସାମର ଉପରମୁହାଁ ଅର୍ଥନୀତିକୁ ଦେଖିପାରୁନୁ। ପର୍ଯ୍ୟଟନ ଶିଳ୍ପରୁ ସୁଇଜରଲାଣ୍ଡ ମୁଖ୍ୟ ଆୟ ଅନ୍ନ ସାଉଁଟିବା ବେଳେ ଆମ ପାଖରେ ଯେମିତି ପାହାଡ଼, ଜଙ୍ଗଲ କି ବେଳାଭୂମି ନାହିଁ! ହେମିଂୱେଙ୍କ କଥାଟି ପ୍ରଯୁଜ୍ୟ ଏଠାରେ - 'ଦ ୱାର୍ଲ୍ଡ ବ୍ରେକ୍ସ ଏଭ୍ରିୱାନ, ଆଣ୍ଡ ଆଫ୍ଟରୱାର୍ଡ, ମେନି ଆର୍ ଷ୍ଟ୍ରଙ୍ଗ ଆଟ୍ ଦ ବ୍ରୋକେନ ପ୍ଲେସେସ୍'। ହେଲେ ଅଧୁକ୍ତିଭ ଭିତରୁ ଛିଡ଼ାହୋଇ ଦେଖିବେବା ପାଇଁ ଆମ ପାଖରେ ଇଚ୍ଛା ନାହିଁ ଯେମିତି। ସତକଥା ହେଲା ଆମପାଖରେ ମାନମାନ ଯୋଜନା ଅଛି, ଯୋଜନାର ରୂପରେଖ ଦେବାପାଇଁ ମାନବ ସମ୍ବଳ, ବୈଷୟିକ ସମ୍ବଳ ଅଛି, ପୁଞ୍ଜି ମଧ୍ୟ ପର୍ଯ୍ୟାପ୍ତ ଖଟା ଯାଉଛି ହେଲେ ଜାତୀୟ ଲକ୍ଷ୍ୟ ପୂରଣ ହେଉନି। ଭ୍ରଷ୍ଟାଚାର ଭଳି କୁଷ୍ଠଗର୍ଭର ଆଁ ଭିତରେ ସବୁ ଗଳିଯାଉଛି। ପୁଞ୍ଜିପତିଙ୍କ ସମ୍ପତ୍ତି ବଢ଼ିବାରୁ ଆମେ ଏଥିଥ ଉତ୍ସାହିତ ହେଉଛୁ।

ଦେଶର ଜାତୀୟ କି ଆଞ୍ଚଳିକ ଋଣବୋଝକୁ ପଚାରିଲେ ସେହି ଗୋଟିଏ କଥା କହିବେ ଯେ ବିକାଶ ସହିତ। ବିକାଶର ମହାକୁମ୍ଭତି ୨୦୨୦କୁ ଦେଖେଇଲା ବେଳେ ରାଜନୈତିକ ପଣ୍ଡିତମାନଙ୍କ ଚତୁରତା ସ୍ପଷ୍ଟ ଅନୁମେୟ। ଜିଡିପି ଆଉ ସମୁଦାୟ କରରୁ ଆମେ ସୁଧ ଗଣି ନୟାନ୍ତ ବେଳେ ଆମେରିକା, ଜାପାନର ଉଦାହରଣ ଯୋଗାଉ, ହେଲେ ବିକାଶକୁ ଦୂର ଦିଗବଳୟ ତଳେ ଦେଖେଉଛୁ। ୨୦୧୯ ଜିଡିପିର ୨୭୦ ପ୍ରତିଶତ ପବ୍ଲିକ ଋଣ ୨୦୨୫ ବେଳକୁ ୨୧୧ ପ୍ରତିଶତରେ ପହଞ୍ଚିଥିବା ଭଳିଆ ପରି ଆମେ ବାଟରେ ନୁହଁ ତ? ଆମେରିକାର ୩୫ କୋଟି ଲୋକଙ୍କ ପାଇଁ ୩୮ ଟ୍ରିଲିଅନ ଡଲାର କି ଚାଇନାର ୨୦ ଟ୍ରିଲିଅନ ଡଲାର ଅର୍ଥନୀତିକୁ ଟପିବା ଲକ୍ଷ୍ୟରେ ଆମ କୋଡ଼ିହାତ ଭାଙ୍ଗିଲେ ଦେଶର ହିତ ହେବନି। ଦେଶକୁ ଉଠିବା ଦରକାର, ଉଡ଼ିବା ପଛକଥା। ଯୁବକଙ୍କ ଲାଗି ନିଯୁକ୍ତି, ମହିଳାଙ୍କ ସୁରକ୍ଷା ଓ ବିଳମ୍ବିତ ନ୍ୟାୟ ବ୍ୟବସ୍ଥାରେ ସୁଧାର ଆଣିପାରନ୍ତେ ସରକାର। ପୂର୍ବ ରିଜର୍ଭ ବ୍ୟାଙ୍କ ଗଭର୍ନର ତଥା ଅର୍ଥନୈତିକ ଉପଦେଷ୍ଟା ପରିଷଦ ଅଧ୍ୟକ୍ଷ ସି. ରଙ୍ଗରାଜନ 'ଇନ୍‌ଷ୍ଟିଚ୍ୟୁସନାଲ ଫ୍ଲୁ' ବା 'ସଂସ୍ଥାଗତ ତ୍ରୁଟି' କହିବାରୁ ଅକଳରେ ପଡ଼ିଲେ। ସରକାର ଏବେ ଯୁଦ୍ଧଭୂମିର ଆହତ ଅଭିଜ୍ଞମାନଙ୍କ କଥା ଶୁଣନ୍ତୁ। ମହାରାଷ୍ଟ୍ର, ତାମିଲନାଡ଼ୁ ଆଉ ଓଡ଼ିଶା ମୁଣ୍ଡଉଥିବା ଋଣକୁ ଆମେ ଗ୍ରୀସ କି ଇଟାଲୀ ପ୍ରଭୃତିରେ ଦେଖିବା ନା ଇଟାଲୀଆର ଦୁଃଖ ପରି ହଜମ କରିବା? ଉତ୍ପାଦନ, ଆୟ ଆଉ ଖର୍ଚ୍ଚ କାରଣରେ ସ୍ଥିରତାରୁ ଆମେ ଯୋଉ ୭ ପ୍ରତିଶତ ଜିଡିପି ଗଣନା କରୁଛୁ ସେଥିରୁ ୧ ପ୍ରତିଶତ ପୁଞ୍ଜିପତିଙ୍କ ସେଣ୍ଟିମରୁ ବାଢ଼ୁଥିବା ୮୦ ପ୍ରତିଶତ ବାସ୍ତବ ଆୟ ସାମିଲ ନୁହେଁ। ଖଣି ଖାଦାନରୁ ସିଧାସଳଖ ଯୋଗି ହେଉଥିବା ଆୟକୁ ୨ କିମ୍ବା ୨.୫ ପ୍ରତିଶତ ତା'ର ଠିକ୍ ନୁହେଁ। ହେଲେ ଏହା ସତ୍ୟ ଯେ ଖଣିଜ ସମ୍ପତ୍ତି ରିସିଆସୁଛି। ଉତ୍ତରର୍ଦ୍ଧୀ ଭୂଗର୍ଭ ଋଣହୀନ ହେଉଛି। ଏବେ ଖଣିଜଭରା ଓଡ଼ିଶା ସେମିକଣ୍ଡକ୍ଟର ଆଉ ସଫ୍ଟୱେର ପାର୍କ କରି ବେକାରି ହଟେଇବା ସ୍ୱପ୍ନ ଦେଖୁଛି। ଏମ୍ଏଉ ଦସ୍ତଖତ କରି ପୁଞ୍ଜିପତି ସହ ହାତ ମିଳେଇବାକୁ ଯେମିତି ଏ ଦେଶର ଭୋକିଲାଙ୍କ ସୁରାଟ ଗସ୍ତକୁ ରୋକିପାରିବ! ଖଣିଜ ସମୃଦ୍ଧ ଝାଡ଼ଖଣ୍ଡ, ବିହାରୀ ପିଲା ଅନ୍ୟ ରାଜ୍ୟରେ ବେଠି ବେଗାରି ଆୟରେ ସନ୍ତୁଷ୍ଟ। ଆମ ଗାଁରେ ୨୦୩୦ ବେଳକୁ ଯାହା ନିଅଣ୍ଟିଆ ଦୁର୍ଗତି ଭିତରକୁ ଗାଜି ହୋଇଯାଉଛି ଯାହାକୁ ସରକାର ମାନିବା ଲାଗି ଅନିଚ୍ଛୁକ। ଜିଡିପିର ୮୦ ପ୍ରତିଶତ ଋଣକୁ ପଚାଶ ପ୍ରତିଶତ କରିବୁ କହିବା ନିର୍ମଳା ସୀତାରାମନଙ୍କ ସୁଦକ୍ଷ ବିଚାର। ପାଳିଆନ ତା' ଆୟର ୭୦ପ୍ରତିଶତ ଋଣ ଶୁଝିବାରେ ଯାଉଛି କହିବା ଆମ ବେଶାମୁଧେ। ଦେଶର ଡାକ୍ତିଆଙ୍କ ଦରମା ପାଇଁ ଆମକୁ ଓଜର ଟ୍ରାମ୍ପ ସଂସ୍ଥାନ ହେବାରୁ କେମିତି ବଞ୍ଚିବ ଏବେଠୁ ସରକାର ଚିନ୍ତାକରିବା ବିଧେୟ।

ଡାକବଙ୍ଗଳା ଛକ, ଭୁବନେଶ୍ୱର
ମୋ:୮୨୪୯୮୭୭୧୪୮

# ଦୁଃଖ ଖୋଜୁଥିବା ମଣିଷ



ଡ. ଦ୍ୟୁତି ଚନ୍ଦ୍ର ସାହୁ

କିଛି ଏମିତି ଅଜବ ଲୋକ ଅଛନ୍ତି, ଆପଣ ବି ଭେଟିଥିବେ କେଉଁଠି କେତେବେଳେ। ଜଣାଶୁଣା ହୋଇ ପରିବାରକୁ ନେଇ ନିଜ ଭିତରେ ସୁଖୀ ଥିବା ମଣିଷଟି ସମସ୍ୟକୁ ଦେଖେଇ ଦେଇ ଭଲ ଅନେକ କଥା କହେ। ବିଶେଷକରି ଦୁଃଖୀ ମଣିଷ ନିକଟରେ ମିଥ୍ୟା ବିଳାପ କରେ। ବସି ବସି ବିରକ୍ତ ଲାଗୁଛି, କିଛି କାମଧନ୍ଦା ନାହିଁ କ'ଣ କରିବି। ଘରେ ବସି ବସି ଖାଉଛି। ପୁଅ ବୋହୂ ଯେ ଖା ରାଗୁଥିବାରେ ଖୁସି ଅଛନ୍ତି। ଝିଅ ଭଲି ଦେଖାଶୁଣା କରୁଛି ସ୍ତ୍ରୀ ଖୁବ୍ ଦାୟିତ୍ୱ ନେଉଛି। ଭଗବାନଙ୍କ ଦୟାରୁ ଚଳିବାକୁ କିଛି ଅଭାବ ନାହିଁ। ସୁଖରେ ସଂସାର ଚାଲିଛି। ତଥାପି କାହିଁକି କେଜାଣି ଭଲ ଲାଗୁନି। ଏଭଳି ମଣିଷମାନେ ସବୁ ସୁଖକୁ ବାଡୁଡ଼ି ଧରିବା ପରେ ପରେ ଦୁଃଖକୁ ଅନ୍ୟ ଆଗରେ ଭିନ୍ନ ଢଙ୍ଗରେ ପ୍ରକାଶ କରି ମଉଜ ନିଅନ୍ତି। ଅନ୍ୟ ସମ୍ପର୍କରେ ଯେଉଁଭଳି ହାବଭାବ ପ୍ରଦର୍ଶନ କରନ୍ତି, ଲାଗେ ଅସଲରେ ଦୁଃଖ ଆସି ଜଗାଡ଼ି ଦୋଳାଚଳରେ କି? ସୁଖରେ ଥାଇକି ଦୁଃଖ ଖୋଜୁଥିବା ଏମିତି ମଣିଷମାନେ ସଦାକାଳେ ଅନ୍ୟର ଉତ୍ତରଣକୁ ସହ୍ୟ କରିପାରନ୍ତିନି। ନିଜଠାରୁ ଅଧିକ ସୁଖ ଭୋଗ କରୁଥିବା ମଣିଷକୁ ଦେଖିଲେ ନିଜ ଭିତରେ ଈର୍ଷାଯାଆନ୍ତି। ନିଜଠାରୁ ଅପେକ୍ଷାକୃତ କମ୍ ସ୍ୱାଚ୍ଛନ୍ଦ୍ୟରେ ହେଉ ବି ଦୁଃଖକଷ୍ଟରେ ସାମାନ୍ୟ ଖୁସିରେ ବଞ୍ଚୁଥିବା ଲୋକଙ୍କୁ ଦେଖିଲେ ଈର୍ଷାଳୁ ହୋଇଯାଆନ୍ତି ଅକାରଣରେ। ଭାବନ୍ତି ନିଜେ ଭଲ। ବାଳିବ୍ୟକ୍ତିଙ୍କ ଖରାପ। ତା'ପରେ ଭୁଲ ରଚନା କରିବା ଆରମ୍ଭ କରିଦିଅନ୍ତି। ଏହା ସ୍ୱଭାବ ପାଲଟିଯାଏ ନିଜ ଅଜାଣତରେ। କାରଣ ନିଜ ପାଖରେ ଢେର ସମୟ ଥାଏ। ବଞ୍ଚୁଥିବା ବାକି ସମୟରେ ସେହି ମଣିଷମାନେ ଦେଖାଇଁଆ ଢଙ୍ଗରେ ଦୁଃଖକୁ ଦରାଣ୍ଡି ବୁଲନ୍ତି। କିନ୍ତୁ ଅନ୍ୟର ସୁଖି ସେମାନଙ୍କ ପାଇଁ ଦୁଃଖ ପାଲଟିଯାଏ।

ଦୁଃଖକୁ ଖୋଜୁଥିବା ସୁଖୀ ମଣିଷମାନେ ଅନେକ କଥା ଭୁଲି ଯାଆନ୍ତି। ସେମାନେ ମନେରଖିବା ଉଚିତ ଦୁଃଖ ବାହାରୁ କେବେ ଆସୁନାହିଁ। ଏହା ଆମ ଭିତରୁ ଜନ୍ମ ନେଉଛି। ଆମର ତୁଳନା, ଆମର ଅହଂକାର, ଆମର ଆସକ୍ତି, ଆମର ବଡ଼ପଣିଆ ଏସବୁ ମିଶି ଦୁଃଖର ଜାଲ ବୁଣୁଛି। ଆମେ ଅନ୍ୟଙ୍କ ସଫଳତାକୁ ଦେଖି ଅସନ୍ତୋଷରେ ଜଳୁଛୁ। ନିଜର ବିଫଳତାକୁ ଦେଖି ହତାଶ ହେଉଛୁ। ଯେପରି ସୁଖ ଏକ ପ୍ରତିଯୋଗିତା ପୁରସ୍କାର। କିନ୍ତୁ ସୁଖ କୌଣସି ପଦକ ନୁହେଁ, ଏହା ମନର ଅବସ୍ଥା। ଆମେ ମାଗଣାରେ କିଛି ଆଣୁନୁ। ଜୀବନକୁ ଯଦି ଅନୁଶୀଳନ କରିବା, ତେବେ ଦେଖାଯାଏ ଯେ ମଣିଷ ସୁଖରେ ଥାଇ ବି ଅଧିକ ସୁଖ ଖୋଜୁଛି। ଅଜାଣତେ ଦୁଃଖକୁ ନିଜେ ଆମନ୍ତ୍ରଣ କରୁଛି। ଜୀବନର ଏହି ବିରୋଧାଭାସ ମଣିଷର ସବୁଠାରୁ ଗଭୀର ରହସ୍ୟ। ସେ ସୁଖ ପାଇଁ ଧାଉଁଛି। ଅଥଚ ତାହାର ଚିନ୍ତାଧାରା, ଆସକ୍ତି ଓ ଅହଂକାର ତାକୁ ଦୁଃଖରେ ବାନ୍ଧି ରଖୁଛି। ମଣିଷ ଯେତେବେଳେ ଆସକ୍ତିରେ ଧନ୍ଦି ହୁଏ, ସେତେବେଳେ ଦୁଃଖ ତା'ର ନିତ୍ୟ ସାଥୀ ହୁଏ।

ଆମେ ଯାହାକୁ ଭଲପାଉଛୁ, ତାହାକୁ ହରାଇବାର ଭୟ ଆମ ମନରେ ଦୁଃଖ ଜନ୍ମାଏ। ଯାହାକୁ ଚାହୁଁଛୁ ନ ପାଇଲେ ମନ କ୍ଷୁବ୍ଧ ହୁଏ। ଏହି ଆସକ୍ତି ଓ ଆକାଂକ୍ଷା ହେଉଛି ଦୁଃଖର ମୂଳ କାରଣ। ଏହି କାରଣରୁ ମଣିଷକୁ



'ଦୁଃଖ ଖୋଜୁଥିବା ପ୍ରାଣୀ' ବୋଲି କୁହାଯାଇପାରେ। ଆଧୁନିକ ସମାଜରେ ଆମେ ଯାହାକୁ ଦେଖୁ ନିଜ ଜୀବନକୁ ତୁଳନା କରିବେ- ଆପଣ ସୁଖୀ କି? ତା'ର ଉତ୍ତର ଅନେକ ଢଙ୍ଗରେ ଆସିବ। ଏସବୁ ଦୁଃଖ ଅଧିକ ସ୍ପଷ୍ଟ। ପ୍ରତିଯୋଗିତା ଦୌଡ଼ରେ ମଣିଷ ନିଜକୁ ହରାଇବେଶଛି। ଅନ୍ୟଙ୍କ ସହିତ ତୁଳନା କରି ସେ ନିଜ ସୁଖକୁ ମାପୁଛି। ଅନ୍ୟଙ୍କ ସଫଳତା ତା'ର ମନରେ ଈର୍ଷା ଜନ୍ମାଉଛି। ଏହି ତୁଳନା ମନୋଭାବ ମଣିଷକୁ ନିଜେ ଦୁଃଖରେ ଫକେଇଦେଉଛି। ସେ ବାହ୍ୟ ଜଗତକୁ ବଦଳାଇବାକୁ ଚେଷ୍ଟା କରୁଛି, କିନ୍ତୁ ନିଜ ମନକୁ ଦେଖୁନାହିଁ କି ନିଜେ ବଦଳିବାକୁ ଚେଷ୍ଟା କରୁନି।

ଦୁଃଖର ଆଉ ଏକ କାରଣ ହେଉଛି ଅହଂକାର। 'ମୁଁ' ଓ 'ମୋର' ଭାବନା ମଣିଷକୁ ଦୁଃଖରେ ବାନ୍ଧି ରଖେ। ଯେତେବେଳେ କେହି ତା'ର ଅହଂକାରକୁ ଆଘାତ କରେ ସେ ମାନସିକ ଯନ୍ତ୍ରଣା ଭୋଗେ। ଯେଉଁ ମଣିଷ ଅହଂକାରକୁ ତ୍ୟାଗ କରିପାରେ, ତା'ର ଅଧିକାଂଶ ଦୁଃଖ ଦୂର ହୋଇଯାଏ। ତେବେ ଦୁଃଖ ମଣିଷର ଶତ୍ରୁ ନୁହେଁ, ବରଂ ଗୁରୁ। ଦୁଃଖ ଆମକୁ ଜୀବନର ସତ୍ୟ ଶିଖାଏ। ସୁଖରେ ଆମେ ଅସାବଧାନ ହେଉ। ଦୁଃଖ ଆମକୁ ଚିନ୍ତା କରିବାକୁ ବାଧ୍ୟ କରେ। ଦୁଃଖ ମଣିଷକୁ ପରିପକ୍ୱ କରେ। ତା'ର ମନକୁ ଗଭୀର କରେ। ଅନେକ କବି, ଦାର୍ଶନିକ ଓ ସନ୍ଥମାନେ ଦୁଃଖରୁ ନିଜ ଜ୍ଞାନର ଆଲୋକ ପାଇଛନ୍ତି। ସେଥିପାଇଁ ଦୁଃଖକୁ ଅସ୍ୱୀକାର କରିବା ନୁହେଁ, ତାକୁ ବୁଝିବା ଆବଶ୍ୟକ। ଚିନ୍ତା, ଭୟ, ସନ୍ଦେହ, ଆଶା ଆଶଙ୍କା ଏସବୁର ମନର ତରଙ୍ଗ। ମନ ଶାନ୍ତ ହୁଏ ତ ଦୁଃଖ ନଷ୍ଟ ହୋଇଯାଏ। ସତ୍ୟ ସୁଖ ବାହ୍ୟ ଜଗତରେ ନୁହେଁ, ଆତ୍ମାରେ ଅଛି। ଯେତେବେଳେ ମଣିଷ ନିଜ ସ୍ୱରୂପକୁ ଜାଣିପାରେ, ସେ ଦୁଃଖରୁ ମୁକ୍ତ ହୁଏ। ସେ ବୁଝିପାରେ ଯେ, ସୁଖ ଓ ଦୁଃଖ ଦୁହେଁ କ୍ଷଣିକ। ଜୀବନ ଏକ ପ୍ରବାହ। କେବେ ଆନନ୍ଦ, କେବେ ବିଷାଦ। ଏସବୁକୁ ସମଭାବରେ ଗ୍ରହଣ କରିବାରେ ହିଁ ଜୀବନର ସାର୍ଥକତା। ମଣିଷ ଯଦି ଦୁଃଖକୁ ଖୋଜିବା ବନ୍ଦ କରି ନିଜକୁ ଖୋଜିବା ଆରମ୍ଭ କରେ, ତେବେ ସେ ସତ୍ୟ ସୁଖକୁ ପାଇପାରିବ। ଆସକ୍ତି ଛାଡ଼ିବା, ଅହଂକାର ତ୍ୟାଗ କରିବା, ନିଷ୍କାମ କର୍ମ କରିବା ଓ ଆତ୍ମଚିନ୍ତନରେ ଲୀନ ହେବା ହେଉଛି ମୁକ୍ତିର ପଥ।

ଆଜିର ଯୁଗରେ ଦୁଃଖ ଅଧିକ ସୃଷ୍ଟି ହୋଇଯାଉଛି। ସୋସିଆଲ୍ ମିଡିଆରେ ହସୁଥିବା ମୁହଁଗୁଡ଼ିକୁ ଦେଖି ଆମେ ଭାବୁ ସେମାନେ ସବୁଠି ସୁଖୀ, କେବଳ ମୁଁ ଜଣେ ଦୁଃଖୀ। ଏହି ଭ୍ରମ ଆମକୁ ଭିତରୁ ଖାଇଯାଏ। ଆମେ ଅନ୍ୟଙ୍କ ଜୀବନକୁ ଦେଖି ନିଜ ଜୀବନକୁ ମୂଲ୍ୟହୀନ କରୁ। ଲାଇକ୍ ଓ ଅଦରକାରୀ ମତାମତରେ ଜୀବନର ବାସ୍ତବତାକୁ ମାପ କରୁ। ସୁଖରେ ଥାଇ ଦୁଃଖ ଖୋଜୁଥିବା ମଣିଷମାନେ ପ୍ରକାରାନ୍ତରେ ଅଯଥା ଦୁଃଖକୁ ଆବୋରି ବସନ୍ତି। ନିଜ ଭିତରେ ନିଜେ ଶଢ଼ିବା ଆରମ୍ଭ କରନ୍ତି। ଦୁଃଖ ଖୋଜି ଖୋଜି ଦୁନିଆ ପାଇଁ ଏକୁଲା ମନେହୁଅନ୍ତି। ନିଜ ପାଇଁ କିଛି ଲୋଡ଼ା ନାହିଁ ବୋଲି ଅନେକ କିଛି ଖୋଜିବାର ମାନସିକତା ହେତୁ ସାପ ପରି ନିଜ ଚାରିପଟେ ଘୋଡ଼େଇ ହୋଇ ରହେ ଅଶାନ୍ତି। ବାସ୍ତବରେ ଏଭଳି ମଣିଷ ଦୁଃଖ ଖୋଜନ୍ତିନି ବରଂ ତାଙ୍କ ଅଜ୍ଞାନତା ଓ ମୂଢ଼ପଣ ଆପଣାର ସମାଧିକୁ ସହଜରେ ତିଆରି କରନ୍ତି।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା
ମୋ: ୯୪୩୭୦୯୦୬୭୧

## ଏଇ ଭାରତରେ

ଆଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଏକ ଟିମର ବର୍ଜ୍ୟପରିଚାଳନା ଅତ୍ୟନ୍ତ ପ୍ରଶଂସନୀୟ। କର୍ଣ୍ଣାଟକ ବେଙ୍ଗାଲୁରୁ ନିକଟରେ ଥିବା ବିଲାପୁରା ଗାଁକୁ ସମ୍ପୂର୍ଣ୍ଣ ବର୍ଜ୍ୟମୁକ୍ତ କରାଯାଇପାରିଛି। ଦେଖିବାକୁ ଗଲେ ଏହି ଗୋଟିଏ ଗାଁକୁ ନେଇ ବିଲାପୁରା ପଞ୍ଚାୟତ ଗଠନ କରାଯାଇଛି ଏବଂ ଏହାର ଲୋକସଂଖ୍ୟା ୧୨,୦୦୦। ଏହି ଗାଁରେ ମଧ୍ୟ ଆଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟ ରହିଛି। ଗାଁର ଶେଷ ମୁଣ୍ଡରେ ସବୁବେଳେ ବର୍ଜ୍ୟ ଠୁଳ ହୋଇ ରହୁଥିଲା। ବର୍ଜ୍ୟ ସଫା କରିବାରେ ଛାତ୍ରଙ୍କ ଟିମ୍ ସହ ସ୍ଥାନୀୟ ପଞ୍ଚାୟତ ମିଶି କାର୍ଯ୍ୟ କରୁଛି, ଯାହା ୨୧ ସେପ୍ଟେମ୍ବର ୨୦୨୪ରୁ ଆରମ୍ଭ ହୋଇଥିଲା। ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକମାନେ ମଧ୍ୟ ଏ ଦିଗରେ ଛାତ୍ରଙ୍କ ସହଯୋଗ କରୁଛନ୍ତି। ଏବେ ବର୍ଜ୍ୟ ସଂଗ୍ରହ କରି ତାହାର ପୃଥକୀକରଣ ସକାଶେ ୭ ମହିଳାଙ୍କୁ ନିଯୁକ୍ତ କରାଯାଇଛି। ସେମାନଙ୍କୁ ପିପିଇ କିଟ୍ ମଧ୍ୟ ଯୋଗାଇ ଦିଆଯାଉଛି। ପ୍ରତ୍ୟେକ ଦିନ ଗାଡ଼ି ଦ୍ୱାରା ବର୍ଜ୍ୟ ସଂଗ୍ରହ କରାଯାଉଛି ଏବଂ ଏସ୍‌ଏଚ୍‌ଜି ଗ୍ରୁପ ମହିଳାମାନେ ଏହି ଗାଡ଼ି ଚଳାଉଛନ୍ତି।

## ୪୦ ବର୍ଷ ତଳେ ଧରିତ୍ରୀ

**୯ ଫେବୃଆରୀ ୧୯୭୭**

- ରାଜ୍ୟର ୩ଟି ପ୍ରକଳ୍ପ ସମେତ ୭୦ଟି ରାସ୍ତା ଓ ପୋଲ ନିର୍ମାଣ ପ୍ରକଳ୍ପ ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୨ କୋଟି ଟଙ୍କା ମଞ୍ଜୁର।
- ହିମାଚଳ ପ୍ରଦେଶର ଜ୍ୱାଳାମୁଖୀଠାରେ ତୈଳ ଓ ପ୍ରାକୃତିକ ବାଷ୍ପ କମିଶନ ପକ୍ଷରୁ ପୁନଃ ତୈଳ ଖନନ କାର୍ଯ୍ୟ ଆରମ୍ଭ।
- ଦୁଇଜଣ ମହାକାଶଚାରୀଙ୍କୁ ନେଇ ସୋଭିଏତ୍ ରୁଷିଆ ପୁଣି ଏକ ମହାକାଶଯାନ ଆକାଶକୁ ଉତ୍କ୍ଷେପଣ କରିଛି।

## ଚିରନ୍ତନୀ

ଆଖିର ଧରମ ହେବାକୁ ଚିର
ଛଳନାମୟ
ସହଜ ଗତିରେ ଚାହିଁବା ତା'ର
ଲାଗଇ ଭୟ।
-(ପ୍ରାଚୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | 9 | | 1 | | | | | |
| 4 | 1 | | 2 | | | | | |
| | | | 6 | | 3 | | | 1 |
| 6 | | | 3 | | 1 | | 4 | |
| 5 | 4 | 8 | | | | 2 | | |
| | | | 8 | | | | 5 | 7 |
| | 7 | | | | 8 | 5 | 3 | 9 |
| | 5 | | 1 | 3 | | 8 | | 4 |
| | | 4 | | | | 1 | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 5 | 2 | 4 | 9 | 3 | 6 | 1 |
| 4 | 9 | 3 | 1 | 7 | 6 | 2 | 8 | 5 |
| 6 | 1 | 2 | 8 | 3 | 5 | 7 | 4 | 9 |
| 3 | 6 | 4 | 9 | 1 | 8 | 5 | 2 | 7 |
| 9 | 7 | 8 | 4 | 5 | 2 | 1 | 3 | 6 |
| 2 | 5 | 1 | 7 | 6 | 3 | 4 | 9 | 8 |
| 5 | 4 | 6 | 3 | 9 | 1 | 8 | 7 | 2 |
| 1 | 2 | 7 | 6 | 8 | 4 | 9 | 5 | 3 |
| 8 | 3 | 9 | 5 | 2 | 7 | 6 | 1 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆୟୁଷମାନ କାର୍ଡ ଠିକ୍ ଭାବେ ବଣ୍ଟାଯାଉନି

ମହାଶୟ,

ଆୟୁଷମାନ ସ୍ୱାସ୍ଥ୍ୟ ବୀମା କାର୍ଡ ବଣ୍ଟନ ଠିକ ଭାବେ ହୋଇପାରୁନାହିଁ। କାର୍ଡ ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀମାନେ ତାହାକୁ ନ ବାଣ୍ଟି ନିଜ ନିଜ ଘରେ ମାସ ମାସ ଧରି ପକାଇ ରଖିବା ଦେଖାଯାଉଛି। ଫଳରେ ସରକାରୀ ଜନହିତକର ଯୋଜନାକୁ ଖୋଲାଖୋଲି ଭାବେ ଅବମାନନା କରାଯାଉଛି। ଏଥିସହ ଯଦି କେହିକେହି କାର୍ଡ ବଣ୍ଟନକାରୀ କର୍ମୀଙ୍କ ଘରେ ପହଞ୍ଚି କାର୍ଡ ମାଗୁଛନ୍ତି, ତେବେ ସେମାନଙ୍କଠାରୁ ଉତ୍କୋଚ ରାଶି ମଗାଯାଉଛି ବୋଲି ଅଭିଯୋଗ ଆସୁଛି। ନଚେତ୍ କାର୍ଡ ଆସିନାହିଁ ବୋଲି କୁହାଯାଉଛି। ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ମାଗଣାରେ ଚିକିତ୍ସା ଉପଲବ୍ଧ ବ୍ୟବସ୍ଥାରେ ଆସିଥିବା ଆୟୁଷମାନ କାର୍ଡ ସବୁକୁ ଘରକୁ ଘର ବୁଲି ବଣ୍ଟିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ଏହାସତ୍ତ୍ୱେ କାର୍ଡ ବଣ୍ଟନରେ ଆନ୍ତରିକତା ସହ ସାଧୁତା ତଥା ସହଯୋଗ ପ୍ରଦର୍ଶନ ନ କରିବା ଦୁର୍ଭାଗ୍ୟଜନକ। ଏହା ନୈତିକ ମୂଲ୍ୟବୋଧର ଅବକ୍ଷୟ ଏବଂ ଆଇନତଃ ଏକ ଦଣ୍ଡନୀୟ ଅପରାଧ। ଏଣୁ ଏଭଳି ଅବ୍ୟବସ୍ଥା ଦୂର କରିବା ସକାଶେ ପ୍ରଶାସନ ପଦକ୍ଷେପ ନେବା ଜରୁରୀ।

- ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୁରକ୍ଷିତ ନୁହନ୍ତି ଗଜରାଜ, ଆଠ ବର୍ଷରେ ମଲେଣି ୮ ହାତୀ

ବଇଣ୍ଡା,୮।୨(ପରିକ୍ଷିତ ସାହୁ)



ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡର ହାତୀମାନେ ଏବେ ଅସୁରକ୍ଷିତ ହୋଇପଡ଼ିଛନ୍ତି । ଏହି ବନଖଣ୍ଡର ହଣ୍ଡପା, ବାମୁର, ଧଣ୍ଡାତୋପା, ମାଧପୁର, ଆଠମଲ୍ଲିକ ରେଞ୍ଜରେ ବାରମ୍ବାର ହାତୀ ଉପଦ୍ରବ ହେଉଥିବାରୁ କେତେକ ବିଭିନ୍ନ କାରଣରୁ ମୃତ୍ୟୁବରଣ କରୁଛନ୍ତି। ସଚେତନତା ଅଭାବ ଯୋଗୁଁ ମଣିଷ ହାତୀ ମଧ୍ୟରେ ଲଢ଼େଇ ହେଉଛି । ଗତ ୮ ବର୍ଷରେ ଉକ୍ତ ଉପଖଣ୍ଡରେ ୮ ହାତୀ ମରିଥିବାବେଳେ ହାତୀ ମୃତ୍ୟୁ ଏବେ ସାଧାରଣରେ ଚିନ୍ତାର ବିଷୟ ପାଲଟିଛି। ବାରମ୍ବାର ହାତୀ ଉପଦ୍ରବ ହେଉଥିଲେ ହେଁ ବନ ବିଭାଗ ପକ୍ଷରୁ ଠିକ୍ ସମୟରେ ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ନିକଟସ୍ଥ ଜଙ୍ଗଲରୁ ହାତୀମାନେ ପ୍ରତିଦିନ ଆସି ବ୍ୟାପକ ଧାନ ସହ ପନିପରିବା ଫସଲ ନଷ୍ଟ କରୁଥିବା ଯୋଗୁ ଚାଷୀଙ୍କ ନିଦ ହଜିଯାଇଛି। ବାମୁର ଓ ଧଣ୍ଡାତୋପା ରେଞ୍ଜରେ ୧୦ଟି ହାତୀ ତାଣ୍ଡବ ଚଳାଇଥିଲେ ହେଁ ହାତୀଙ୍କୁ ଘଉଡ଼ାଇବାରେ ବନ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଅନେକ ସମୟରେ ହାତୀ ମଣିଷ ଲଢେଇ ଯୋଗୁ ହାତୀମାନେ ବଳି ପଡୁଥିବାବେଳେ ଆଉ କେତେବେଳେ ଜନ୍ତୁଶିକାର ପାଇଁ ବିଛା ଯାଇଥିବା ବାର୍‌ହା ଫାଶରେ ପଡ଼ି ମୃତ୍ୟୁବରଣ କରୁଛନ୍ତି । ବିଗତ ୮ ବର୍ଷ ମଧ୍ୟରେ ହଣ୍ଡପା ରେଞ୍ଜରେ ୧୪ ନଭେମ୍ବର ୨୦୧୮ରେ ସାପଘରା ପଞ୍ଚାୟତର ହେମାମୁରା ଜଙ୍ଗଲରେ ଏକ ଦନ୍ତା ହାତୀ ବିଦ୍ୟୁତ୍ ଫାଶରେ ପଡ଼ି ମୃତ୍ୟୁବରଣ କରିଥିଲା, ୨୫ ନଭେମ୍ବର ୨୦୧୯ରେ ଏହି ପଞ୍ଚାୟତର ଟେଣ୍ଟଲୋଇ ଜଙ୍ଗଲରେ ଏକ ଦନ୍ତା ହାତୀ ମୃତ୍ୟୁବରଣ କରିଥିଲା । ସେହିପରି ଉକ୍ତ ରେଞ୍ଜର ନାକିଚି ଜଙ୍ଗଲଠାରେ ୫ ଜୁନ ୨୦୨୧ରେ ଏକ ମାଈ ହାତୀ ମୃତ୍ୟୁବରଣ କରିଥିଲା। ସେହିପରି ମାଧପୁର ରେଞ୍ଜର ମୁଣ୍ଡାପଡ଼ା ଖେସ୍ରା ଜଙ୍ଗଲରେ ୧୫ ଅକ୍ଟୋବର ୨୦୨୨ରେ ଏକ ଅଣ୍ଡିରା ହାତୀ ମୃତ୍ୟୁବରଣ କରିଛି । ଠିକ୍ ସେହି ମାସ ମାଧପୁର ରେଞ୍ଜ ବର୍ଡର ଓ ବାମୁର ରେଞ୍ଜ ଶାନ୍ତିପୁର ଜଙ୍ଗଲରେ ୨୮ ଅକ୍ଟୋବର ୨୦୨୨ରେ ଏକ ମାଈ ହାତୀର ମୃତ୍ୟୁ ହୋଇଥିଲା। ସେହିପରି ୨୦୨୪ ମସିହା ଅକ୍ଟୋବର ୮ରେ ଧଣ୍ଡାତୋପା ରେଞ୍ଜ ପାଇକସାହି ସେକ୍ସନ ଶିଶୁ କଟା ଜଙ୍ଗଲରେ ଏକ ଅଣ୍ଡିରା ହାତୀର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିଲା। ସେହି ମାସ ୧୩ରେ ମାଧପୁର ରେଞ୍ଜରେ ଏକ ମାଈ ହାତୀର ମୃତ୍ୟୁ ହୋଇଥିଲା । କିଶୋରନଗର ବ୍ଲକ ବାମୁର ରେଞ୍ଜ କଦଳୀମୁଣ୍ଡା ପଞ୍ଚାୟତର ଖେସେଡା ଜଙ୍ଗଲରେ ୧୪ ଜାନୁଆରୀ ୨୦୨୬ରେ ଏକ ଅଣ୍ଡିରା ହାତୀର ମୃତଦେହ ଉଦ୍ଧାର କରାଯାଇଥିଲା। ଉକ୍ତ ବନଖଣ୍ଡରେ ବାରମ୍ବାର ବାହାର ବନଖଣ୍ଡର ହାତୀ ଆସି ଉପଦ୍ରବ ଚଳାଇଥିବାବେଳେ ହାତୀଙ୍କୁ ରୋକିବାରେ ବନ ବିଭାଗ ବିଫଳ ହେଉଛି । ଜଙ୍ଗଲରେ କାଠମାଫିଆ ସକ୍ରିୟ ହେଉଥିବାରୁ ଜଙ୍ଗଲ ସଫାହେଉଛି। ଫଳରେ ଖାଦ୍ୟାଭାବ ଯୋଗୁ ହାତୀ ଏବେ ଗ୍ରାମାଭିମୁଖୀ ହେଉଛନ୍ତି। ହାତୀ ଯୋଗୁ ଅନେକ ଲୋକଙ୍କ ଘର ଭାଙ୍ଗିବା ସହ ବହୁ ସମ୍ପତ୍ତି ନଷ୍ଟ ହେଉଛି। କିନ୍ତୁ ଜନ୍ତୁ ଶିକାର ପାଇଁ ପକାଯାଇଥିବା ବିଦ୍ୟୁତ୍ ଫାଶ ଯୋଗୁ ହାତୀମାନେ ମୃତ୍ୟୁବରଣ କରୁଛନ୍ତି । ହାତୀ ସୁରକ୍ଷା ପାଇଁ ସରକାର ବହୁ ଯୋଜନା ପ୍ରଚଳନ କଲେ ମଧ୍ୟ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। କେତେକ ଲୋକଙ୍କ ନିଜସ୍ୱ ସାର୍ଥ ପାଇଁ ଜଙ୍ଗଲ ନଷ୍ଟ କରିବା ସହ ଜନ୍ତୁ ଶିକାର କରୁଥିବାରୁ ଫାଶରେ ପଡ଼ି ହାତୀ ମୃତ୍ୟୁବରଣ କରୁଛନ୍ତି। ବନ ବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମରେ ସଚେତନ କରାଯାଉଥିଲେ ହେଁ ଏହାର କୌଣସି ପ୍ରଭାବ ପଡୁନାହିଁ । ଏନେଇ ଆଠମଲ୍ଲିକ ଡିଏଫ୍‌ଓ ସନ୍ତୋଷ କୋପୁଲା କହିଛନ୍ତି, ହାତୀକୁ ସୁରକ୍ଷା ଦେବା ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି । ହାତୀକୁ ସୁରକ୍ଷା ଦେବା ଲାଗି ବିଭିନ୍ନ ଗ୍ରାମରେ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ହାତୀ ଚଲାପଥକୁ ସଫା କରିବା ସହ ଚଲାପଥରେ ଉଚ୍ଚ ବିଦ୍ୟୁତ ଖୁଣ୍ଟ ଲଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଉଛି। ଏଥିପ୍ରତି ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ ।

## କଠିନ ପରିଶ୍ରମ କଲେ ସ୍ୱପ୍ନ ପୂରଣ ହେବ



### ବଇଣ୍ଡା ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ବଇଣ୍ଡା,୮।୨(ପରିକ୍ଷିତ ସାହୁ)

ପିଲାମାନେ ସବୁବେଳେ ସ୍ୱପ୍ନ ଦେଖିବା ସହ ଏଥିପାଇଁ କଠିନ ପରିଶ୍ରମ କଲେ ଆଗାମୀ ଦିନରେ ସଫଳତା ପାଇପାରିବେ ବୋଲି ଶନିବାର କିଶୋରନଗର ବ୍ଲକ ବଇଣ୍ଡା ଶିଶୁମନ୍ଦିରର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ସଭାପତି ଶରତ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ବୈଦିକ ଗଣିତ ସହସଂଯୋଜକ ପ୍ରସନ୍ନ କୁମାର ସାହୁ, ଅନ୍ୟତମ ଅତିଥି ଭାବେ ବଇଣ୍ଡା ଜନତା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଖମାରି ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ପାଦକ ନିତ୍ୟାନନ୍ଦ ବାରିକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କାର ବଣ୍ଟନ କରିଥିଲେ। ଏଥିସହ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟା ଜ୍ୟୋସ୍ନାମୟୀ ପ୍ରଧାନ, ବିନୀତା ପ୍ରଧାନ, ଗୁଲୁ ପ୍ରସାଦ ସାହୁ, ବାପୁଜୀ ଦେହୁରୀ, ନିରୁପମା ବାରିକ, ଗୌରୀ ଶତପଥୀ, ରମାକାନ୍ତ ସାହୁ, ଇତିଶ୍ରୀ ସାହୁ, ସୋମାଲିନ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ମାଟି ନେଉଥିବା ୩ ଟ୍ରାକ୍ଟର ଜବତ

ବଇଣ୍ଡା,୮।୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ପୋଲିସ ଓ ତହସିଲ ପ୍ରଶାସନ ପକ୍ଷରୁ ମିଳିତ ଚଢ଼ାଉ କରି ଶନିବାର ଖଣ୍ଡହତାର ଏକ ପୋଖରୀ ନିକଟରୁ ମାଟି ନେଉଥିବା ୩ ଟି ଟ୍ରାକ୍ଟରକୁ ଜବତ କରାଯାଇଛି। କିଛିଦିନ ହେବ ଉକ୍ତ ଅଞ୍ଚଳରୁ ବେଆଇନ ଭାବେ ମାଟି ଅନ୍ୟତ୍ର ଚାଲାଣ ହେଉଥିବା କିଶୋରନଗର ତହସିଲ ନିକଟରେ ଅଭିଯୋଗ ହୋଇଥିଲା। ପରେ ମିଳିତ ଭାବେ ଚଢ଼ାଉ କରାଯାଇଥିଲା।

**Gangadhar Meher University,**
Amruta Vihar, Sambalpur, Odisha-768001
Corrigendum. No. 498 /GMU, Date 7.2.2026

**Corrigendum**

In continuation of the Expression of Interest (EOI) published vide **Advertisement No.121/GMU, date 13.01.2026** for engagement of State PSU / Central PSU / Departmental Undertaking as Project Management Consultant (PMC) for construction of different buildings at Gangadhar Meher University, Sambalpur, it is hereby notified that modifications / clarifications are made to the said EOI. Please visit -www. gmuniversity.ac.in for details.

**Sd./- Registrar**

## ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉତ୍ସବ

ବଇଣ୍ଡା,୮।୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଓ ଶନିବାର ୨ଦିନ ଧରି ବିଦ୍ୟାଳୟ ନିକଟରେ ଥିବା ଏକ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପ୍ରକାରର କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ସଭାପତି କୃପାସିନ୍ଧୁ ନାୟକ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଦୟାନନ୍ଦ ସାହୁ, ଶରତଚନ୍ଦ୍ର ସାହୁ, ରଜନୀକାନ୍ତ ଦେହୁରୀ, ବସନ୍ତ ଗଡନାୟକ ପ୍ରମୁଖ ଯୋଗଦେଇଥିଲେ।

## ପ୍ରକୃତ ସଫଳତା ଦାୟିତ୍ୱବାନ ନାଗରିକ ହେବାରେ ନିହିତ: ରାଜ୍ୟପାଳ



### ପିଏମ୍‌ଶ୍ରୀ ପବିତ୍ର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି

ପବିତ୍ରନଗର, ୮।୨(ନିରୋଜ ପ୍ରଧାନ)

ଜୀବନରେ ପ୍ରକୃତ ସଫଳତା କେବଳ ବୃତ୍ତିଗତ ସଫଳତା କିମ୍ବା ଭୌତିକ ସମୃଦ୍ଧିରେ ନୁହେଁ, ବରଂ ଭଲ ମଣିଷ ଏବଂ ସମାଜରେ ଅର୍ଥପୂର୍ଣ୍ଣ ଅବଦାନ ରଖୁଥିବା ଦାୟିତ୍ୱବାନ ନାଗରିକ ହେବାରେ ନିହିତ ରହିଛି ବୋଲି ରବିବାର ଅନୁଗୋଳ ଜିଲାର କଣିହାଁସ୍ଥିତ ପିଏମ୍‌ଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ଲାଟିନମ ଜୁବିଲି ସମାରୋହରେ ଯୋଗଦେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ, ଦିନେ ତାଙ୍କ ପିତା ଏହି ବିଦ୍ୟାଳୟର ଛାତ୍ର ଥିଲେ ଏବଂ ଆଜି ସେହି ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ସମାରୋହରେ ଯୋଗଦେଇ ସେ ଆନନ୍ଦିତ । ଉକ୍ତ ସମାରୋହରେ ଢେଙ୍କାନାଳର ଏମ୍‌ପି ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପାଲଲହଡ଼ାର ବିଧାୟକ ଅଶୋକ ମହାନ୍ତି, ତାଳଚେରର ବିଧାୟକ ବ୍ରଜ କିଶୋର ପ୍ରଧାନ, ଅନୁଗୁଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ପ୍ଲାଟିନମ ଜୁବୁଲି କମିଟିର ସଭାପତି ସୁକାନ୍ତ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଭାରପ୍ରାପ୍ତ ଅଧ୍ୟକ୍ଷ ସିଦ୍ଧି ପ୍ରସାଦ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ସ୍ମରଣିକା ଓ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ ଉନ୍ମୋଚନ କରାଯାଇଥିଲା।

## କୁଚିଣ୍ଡା ଚାମ୍ପିୟନ, ଝାରସୁଗୁଡ଼ା ରନରଅପ୍



ବିଜେତା ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

ଆଠମଲ୍ଲିକ, ୮।୨ (ଉଦିପ୍ତ ପୁରୋହିତ)

ଅନୁଗୋଳ ଜିଲା ଅନ୍ତର୍ଗତ ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳ ପଡ଼ିଆରେ ଆଠମଲ୍ଲିକ କ୍ରୀଡ଼ା ସଂସଦ ତରଫରୁ ଆୟୋଜିତ ହୋଇଥିବା ଆଠମଲ୍ଲିକ କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କୁଚିଣ୍ଡା ଏବଂ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍‌ଟି ଅତି ସଂଘର୍ଷପୂର୍ଣ୍ଣ ଥିଲେ ମଧ୍ୟ କୁଚିଣ୍ଡା ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିବା ବେଳେ ଝାରସୁଗୁଡା ରନର ଅପ୍ ହୋଇଥିଲା। ମୁଖ୍ୟ ରେଫରି ଭାବେ ଶିବଶଙ୍କର ପଣ୍ଡା, ଲାଇନ୍‌ମ୍ୟାନ ଭାବେ ଗରିବ ବେହେରା, ସୁଜିତ ରାଜ ହଂସ ଖେଳ ପରିଚାଳନା କରିଥିବା ବେଳେ ଚତୁର୍ଥ ରେଫରି ଭାବେ ପପୁନ ବେହେରା ଉପସ୍ଥିତ ଥିଲେ । ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ମୁରାରୀ ପ୍ରସାଦ ମିଶ୍ର, ଯୁବନେତା ପିନା ପାଣିଗ୍ରାହୀ, ଯୁବ ଖବରଦାତା କମଳାକାନ୍ତ ମିଶ୍ର, ଆଠମଲ୍ଲିକ କ୍ରୀଡା ସଂସଦର ସମ୍ପାଦକ ରଞ୍ଜନ ମହାକୁଡ଼ ଉପସ୍ଥିତ ରହି ଉଭୟ ଦଳକୁ ଟ୍ରଫି ଓ ଆର୍ଥିକ ରାଶି ପ୍ରଦାନ କରିଥିଲେ । ଶିକ୍ଷକ ପ୍ରଦୀପ କୁମାର ବାହୁକ ଧାରା ବିବରଣୀ ପ୍ରଦାନ କରିଥିଲେ । ଆଠମଲ୍ଲିକ କ୍ରୀଡ଼ା ସଂସଦର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସଂସ୍କାରମୂଳକ ଶିକ୍ଷା ସମାଜକୁ ସୁଦୃଢ଼ କରିବ



### ଶ୍ରୀରାମକୃଷ୍ଣ ଶିଶୁ ବିଦ୍ୟାମନ୍ଦିରର ୧୭ତମ ବାର୍ଷିକ ଉତ୍ସବ

ଅନୁଗୋଳ, ୮।୨(ମାନସ ବିଶ୍ୱାଳ)

ଅନୁଗୋଳ ସହର ହାଟଛକସ୍ଥିତ ଶ୍ରୀ ରାମକୃଷ୍ଣ ଶିଶୁ ବିଦ୍ୟାମନ୍ଦିରର ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିରର ସଭାପତି ସୁଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ କହିଥିଲେ, ଶିଶୁମାନଙ୍କର ପ୍ରାଥମିକ ଶିକ୍ଷା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କେବଳ ପାଠ ପଢାଇ ଉଚ୍ଚ ଶିକ୍ଷିତ କରିଦେଲେ ହେବନାହିଁ ବରଂ ଶିଶୁମାନଙ୍କୁ ଆମ୍ଭେ ପ୍ରାଥମିକ ଅବସ୍ଥାରେ ସଂସ୍କାରମୂଳକ ଶିକ୍ଷା ପ୍ରଦାନ କରିବା ତେବେ ଆମ ସମାଜ ସୁଦୃଢ଼ ଓ ଶୃଙ୍ଖଳିତ ହୋଇପାରିବ। ଏଥିପ୍ରତି ସମସ୍ତ ପିତାମାତା ଯତ୍ନବାନ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ପ୍ରଧାନ ଯୋଗଦେଇ ମାତା ପିତା ହେଉଛନ୍ତି ଶିଶୁର ପ୍ରଥମ ଗୁରୁ। ତେଣୁ ଶିଶୁମାନଙ୍କ ଭବିଷ୍ୟତ ମାତା ପିତାଙ୍କ ଉପରେ ନିର୍ଭର କରେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଖଲାରୀ ସରପଞ୍ଚ ସସ୍ମିତା ଗଡ଼ନାୟକ, ସାମାଜିକ କର୍ମୀ ପର୍ଶୁରାମ ଦାଶ, ସମ୍ପାଦିକା ଜ୍ୟୋସ୍ନାରାଣୀ ପ୍ରଧାନ ପ୍ରମୁଖ ଯୋଗଦାନ କରି ଆଧୁନିକ ଯୁଗରେ ମୋବାଇଲ ଏକ ବଡ଼ ସମସ୍ୟା ସୃଷ୍ଟି କରୁଛି। ଶିଶୁମାନଙ୍କୁ ମୋବାଇଲଠାରୁ ଦୂରେଇ ରଖିବା ସହ ଯୋଗ, ଧ୍ୟାନ, ବ୍ୟାୟାମ କରିବା ଆବଶ୍ୟକ ଯଦ୍ୱାରା ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଘଟିବ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ବିଦ୍ୟାମନ୍ଦିରର ଆଚାର୍ଯ୍ୟା ସଂଯୁକ୍ତା ଭୋଇ, ଲିଲି ବେହେରାଙ୍କୁ ଉତ୍ତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ାର ଶ୍ରେଷ୍ଠ ଖେଳାଳି ଏବଂ ବାର୍ଷିକ କ୍ରୀଡ଼ାରେ ମ୍ୟୁଜିକଚେୟାର ଓ ଦୌଡ଼ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଅଭିଭାବକମାନଙ୍କୁ ଅତିଥିମାନେ ଟ୍ରଫି, ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପବିତ୍ର ଦେହୁରୀ ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଓଡ଼ିଆ ଅଧ୍ୟାପିକା ସବିତାରାଣୀ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଗୁରୁମା ନିରୁପମା ଗଡ଼ନାୟକ, ବନ୍ଦନା ତ୍ରିପାଠୀ, କବିତା ଶତପଥୀ, ବିନୋଦିନୀ ଦାଶ, ରତୁପର୍ଣ୍ଣା ଧୀର, ଲିପ୍ସା ରଥ, ଲିପ୍ସା ପ୍ରିୟ ଦର୍ଶିନୀ, ଲୋପାମୁଦ୍ରା ସାହୁ, ସ୍ୱର୍ଣ୍ଣପ୍ରଭା କର, ମଞ୍ଜୁଲିକା ପ୍ରଧାନ, ମଞ୍ଜୁ ଦେହୁରୀ, ପୁଷ୍ପ ଭୋଇ, ସିଦ୍ଧାର୍ଥ ସାହୁ, କୃଷ୍ଣ ପ୍ରଧାନ, ଚଗୁଲୁ ଗଡ଼ନାୟକ, ଦିଲୀପ ମଣ୍ଡଳ ପ୍ରମୁଖ ପରିଚାଳନା କରିଥିଲେ।

**OFFICE OF THE PANCHAYAT SAMITI, JAMDA**
e-mail : ori-jamada@nic.in

**Notice No: 02** **Date: 06.02.2026**

**No.19001/16/2526** : Sealed Tenders are invited from Registered Contractors towards Const. of VC Hall at Jamda Block Office that may be downloaded from the district website **https://mayurbhanj.odisha.gov.in**. The tender paper along with detail terms and conditions will be downloaded during office hour from **07.02.2026 to 19.02.2026**.

1. Sale of Tender Papers: - **07.02.2026 to 19.02.2026 up to 5.00 PM.**
2. Last Date of receipt of tender paper: - **19.02.2026 up to 5.00 PM.**
3. Date of opening of tender papers AT Block meeting Hall: - **20.02.2026 at 11.00 AM.**
4. Mode of receipt: **Through speed post/Registry post only** to **Block Development Officer, Jamda, At/Po- Jamda, Dist-Mayurbhanj Pin-757045**.
5. Envelope should be **super-scribed** with the name of the works for which tender paper is being submitted **otherwise will be rejected**.
6. The tender paper **received after due date or time** will liable for **rejection**.

Authority reserves the right to reject all or any of the tender without assigning any reasons thereof. Again the authority will not held responsible for any postal delay.

**Sd./- Block Development Officer, Jamda Mayurbhanj**

OIPR-19001/19274/1/25-26/0001

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
କ୍ଷୁଦ୍ର ଜଳସେଚନ ବିଭାଜନ, ଆନନ୍ଦପୁର

**OFFICE OF THE SUPERINTENDING ENGINEER, M.I. DIVISION, ANANDAPUR**
At/P.O : Salapada, Dist.-Keonjhar, Pin Code-758020

**e-Procurement Notice**
**Bid Identification No.-18/MIDA/2025-26**
E-mail ID : mianandapur@yahoo.co.in, eemidanandapur@gmail.com
**No.328 Date 05.02.2026**

**No.32001/36/2526** : The Superintending Engineer, Minor Irrigation Division Anandapur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Construction of 01(One) no. Check Dam (In-sream storage structures) under MATY scheme and 01 no. of Repair in ERM scheme |
| No. of Works | : | 02 (Two) Nos only |
| Estimated Cost | : | Varies from 23.83 lakhs to 36.60 lakh (Approximately) |
| Cost of Tender Paper | : | 6000/- (Non-refundable |
| Period of Completion | : | 4 (Four) Calendar months |
| Availablity of bid documents for sale and receipt through on-line | : | From dt.12.02.2026, 10.00 A.M. to dt.20.02.2026, up to 5.00 P.M. |
| Last date/Time of receipt of bids in the portal | : | 20.02.2026 (5.00PM) |
| Date of Technical bid opening through online | : | On dt.21.02.2026 at 10.00 A.M. in the Office of the S.E., M.I. Division, Anandapur |
| Mode of payment of Bid Cost | : | Online |
| Digital Signature Certificate of Bidder | : | The Bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website http:/dowrorissa.gov.in | | |
| Name & Address of the OIT | : | Superintending Engineer, Minor Irrigation Division, Anandapur, At/P.O/District - Keonjhar Email ID : mianandapur@yahoo.co.in |

Further details can be seen from the e-Procurement market place http://tendersorissa.gov.in

**Sd./- Superintending Engineer, M.I. Division, Anandapur**

OIPR-32001/32108/1/25-26/0001

## ସେଲ୍ସମ୍ୟାନ ସଂଘର ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର

ବନ୍ତଳା,୮।୨(ସୁଶିତ ସାହୁ)



ଅନୁଗୋଳ ବ୍ଲକ ବଡ଼କନ୍ତକୂଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ଏକ ମେଗା ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲା ମେଡିସିନ ସେଲ୍ସମ୍ୟାନ ସଂଘ ଦ୍ୱାରା ଆୟୋଜିତ ଏହି ଶିବିରକୁ ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣପ୍ରଭା ବିଶ୍ୱାଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନୁଗୋଳ ମୁଖ୍ୟ ଚିକିତ୍ସାଳୟର ଚର୍ମ ବିଶେଷଜ୍ଞ ଡା.ସମୀରନ ଦାସ, ଭେଷଜ ବିଶେଷଜ୍ଞ ଡ. ଅଫତାବ୍ ଅଲି ଖାଁ ଯୋଗଦେଇ ଆଖପାଖ ଗାଁରୁ ଆସିଥିବା ୨୧୦ ଜଣଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରି ଚିକିତ୍ସା କରିଥିଲେ। ସମସ୍ତଙ୍କୁ ମଲ୍ଟିଭିଟାମିନ, ଆଇରନ, କ୍ୟାଲସିୟମ, ବିପି, ସୁଗାର, ଓଆର୍‌ଏସ ପାଉଡ଼ର/ଲିକ୍ୱିଡ, ଆଦି ଆବଶ୍ୟକ ଔଷଧ ବଣ୍ଟନ କରାଯାଇଥିଲ। ସଂଘ ସଭାପତି ସନ୍ତୋଷ କୁମାର ବେହେରା, ସମ୍ପାଦକ ବାବୁଲା ବେହେରା, ଉପସଭାପତି ରାଜେନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ ପ୍ରଭାତ ସାହୁ, ଦୀପକ ରଞ୍ଜନ ଦାସ, ରଞ୍ଜନ ମହାନ୍ତି, ସୁଜିତ କୁମାର ସାହୁ, ଘନଶ୍ୟାମ ବେହେରା, ବିରଞ୍ଚି ସାହୁଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ, ମହିଳା ସଂଘ ସଦସ୍ୟା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**KHURDA IRRIGATION DIVISION, KHURDA**
No.32001/34/2526

Dist. : Khurda, Odisha-752056, Tel/Fax : 06755-796308, Mail id : eekhurdairrigationdivision@gmail.com

**'e'-Procurement Notice No.KHD-06 OF 2025-26, Dtd.04.02.2026**

1. Nam of the work : 17 (Seventeen) nos. of Civil Work, 2. Tender Cost : Varies from Rs.12.33 Lakhs to Rs.49.99 Lakhs, 3. Bid Document Cost : Rs.6000/-, 4. Bid Security : Varies from Rs.12,400/- to Rs.50,000/-, 5. Class of Contractor : B, C & D, 6. Period of Completion : 2 (two) & 4 (four) calendar months, 7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Khurda Irrigation Division, Khurda | KHD 06-01 of 2025-26 to KHD 06-17 of 2025-26 | 10.02.2026 at 11.00 A.M. | 19.02.2026 up to 5.00 P.M. | 20.02.2026 at 11.00 A.M. |

8. e-mail Id : eekhurdairrigationdivision@gmail.com
9. Date of lottery - **24.02.2026 at 11.00 A.M.**

Further detail conditions can be seen from the Govt. website www.tendersodisha.gov.in

**Sd/- Superintending Engineer Khurda Irrigation Division, Khurda**

OIPR-32001/32078/1/25-26/0020

# ଭୂତଳ ଜଳରେ ୟୁରାନିୟମ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

**"ଭୂତଳ ଜଳକୁ ୟୁରାନିୟମ ଆସିଥାଏ ମୁଖ୍ୟତଃ ଭୂଜନିତ ପ୍ରକ୍ରିୟା ମାଧମରେ। ତେବେ ତାହାର ଅତ୍ୟଧିକ ଉତ୍ତୋଳନକୁ ମଧ ଅନ୍ୟ ଏକ କାରଣ ରୂପେ ଗ୍ରହଣ କରାଯାଏ। ଡ୍ୟୁକ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ମତରେ ଭୂତଳ ଜଳାଧାର ତହିଁରେ ମିଶିବା ଲାଗି ଅଧିକ ମାତ୍ରାରେ ଦାୟୀ। ପୁନଶ୍ଚ ଏହାର ଘନତ୍ୱ ଅତ୍ୟଧିକ ଥିବା ସ୍ଥାନଗୁଡ଼ିକରେ 'ବାଇକାର୍ବୋନେଟ୍'ର ମାତ୍ରା ମଧ ଖୁବ୍ ବେଶି।"**



ଦ୍ରୁତ ସହରୀକରଣ, ଶିଳ୍ପାୟନ ତଥା ସଘନ କୃଷି ସହିତ ତାଳଦେଇ ବଢ଼ି ଚାଲିଛି ସମଗ୍ର ପୃଥିବୀରେ ଜଳ ପ୍ରଦୂଷଣ, ବିଶେଷ କରି ନଦୀ ଜଳ। ଏଣୁ ଅଧିକରୁ ଅଧିକ ବଢ଼ୁଛି ଭୂତଳ ଜଳ ଉପରେ ନିର୍ଭରଶୀଳତା। ତେବେ ଏହା ମଧ ପ୍ରଦୂଷଣମୁକ୍ତ ନୁହେଁ। ଅନେକ ସ୍ଥାନରେ ଏହାର ପାନୀୟ ତଥା ସେଚନ ଉପଯୋଗିତା ନ ଥିବା ଜଣାପଡ଼ିଲାଣି। ଏଥିରେ ଥିବା ବିଭିନ୍ନ ବିବିଧ ପ୍ରଦୂଷକମାନଙ୍କ ମଧ୍ୟରେ ମାରାତ୍ମକ ହେଲେ ଆର୍ସେନିକ, ଫ୍ଲୋରାଇଡ୍ ଏବଂ ସୀସା, ପାରଦ, କାଡମିୟମ ଆଦି ବିବିଧ ଭାରିଧାତୁ। ଏଗୁଡ଼ିକ ନାନାରୂପେ ଆମ ଶରୀର ମଧ୍ୟକୁ ପ୍ରବେଶ କରୁଛନ୍ତି। ଫଳରେ ସୃଷ୍ଟି ହେଉଛି ବିବିଧ ସ୍ୱାସ୍ଥ୍ୟ ସମସ୍ୟା। ଏବେ ଏଥିରେ ୟୁରାନିୟମର ମଧ ସନ୍ଧାନ ମିଳିଲାଣି। ଆମ ଦେଶର ୧୨ଟି ରାଜ୍ୟର ଭୂତଳ ଜଳ ଏହାଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହେବାର ଜଣାପଡ଼ିଛି।

ଏଗୁଡ଼ିକ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛି ପଞ୍ଜାବ। ସେଠାରେ ପ୍ରତି ୧୦ଟି କୂପର ଜଳ ମଧ୍ୟରୁ ତିନୋଟିରେ ଏହାର ଘନତ୍ୱ ଭାରତୀୟ ମାନକ ବ୍ୟୁରୋ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ନିର୍ଦ୍ଧାରିତ ନିରାପଦ ମାତ୍ରା 'ପ୍ରତି ବିଲିୟନ ଭାଗରେ ୩୦ ଭାଗ'ରୁ ଅଧିକ ହେବାର ଦେଖାଯାଇଛି। ହାରାହାରି ଭାବେ ଏହା ତା'ର ୧୭.୭ ଗୁଣ ଏବଂ କେତେକ ସ୍ଥାନରେ ଅତ୍ୟଧିକ ଅର୍ଥାତ୍ ପ୍ରତି ବିଲିୟନ ଭାଗରେ ୫୩୨ ଭାଗରେ ପହଞ୍ଚିଛି।

ପ୍ରାୟ ୨୯ ପ୍ରତିଶତ ଭୂତଳ ଜଳରେ ଅଧିକ ୟୁରାନିୟମ୍ ଥିବା ପଞ୍ଜାବକୁ ବାଦ୍ ଦେଲେ ଯେଉଁ ରାଜ୍ୟଗୁଡ଼ିକ ଏହାଦ୍ୱାରା ବିଶେଷଭାବରେ ପ୍ରଭାବିତ ସେଗୁଡ଼ିକ ହେଲେ ହରିୟାଣା (୧୪.୪ ପ୍ରତିଶତ), ଉତ୍ତର ପ୍ରଦେଶ (୯.୨ ପ୍ରତିଶତ), ରାଜସ୍ଥାନ (୮.୬ ପ୍ରତିଶତ), ଦିଲ୍ଲୀ (୩.୯ ପ୍ରତିଶତ), ଓଡ଼ିଶା (୦.୬୯ ପ୍ରତିଶତ), ତେଲଙ୍ଗାନା (୧.୪୩ ପ୍ରତିଶତ), ଛତିଶଗଡ଼ (୦.୧୨ ପ୍ରତିଶତ), ତାମିଲନାଡୁ (୩.୪ ପ୍ରତିଶତ) ଏବଂ ମଧ୍ୟପ୍ରଦେଶ (୧.୩ ପ୍ରତିଶତ)। ଏଗୁଡ଼ିକ ବ୍ୟତୀତ ୨୦୧୯ ମସିହାରେ ଅନୁଷ୍ଠିତ ସର୍ବେକ୍ଷଣ ଅନୁସାରେ ଭୂତଳ ଜଳରେ ମାତ୍ରାଧିକ ୟୁରାନିୟମ ଥିବା ଅନ୍ୟ ରାଜ୍ୟଗୁଡ଼ିକ ହେଲା- ଆନ୍ଧ୍ର ପ୍ରଦେଶ, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, ଗୋଆ, ବିହାର, କର୍ଣାଟକ, ପଶ୍ଚିମବଙ୍ଗ (ଗ୍ରାଉଣ୍ଡ ୱାଟର ଇୟର ବୁକ୍ ୨୦୨୧-୨୦୨୨ ଅନୁସାରେ)।

ଏହି ତେଜସ୍କ୍ରିୟ ଧାତୁଟି ଏକ ବୃକ୍‌ବିଷ। ଅତଏବ ଏହାଦ୍ୱାରା ସଂକ୍ରମିତ ଜଳ ପାନ କରୁଥିବା ଲୋକଙ୍କର ବୃକ୍କ ବା କିଡ୍‌ନୀ ଠିକ୍ ଭାବରେ କାମ କରେ ନାହିଁ ଏବଂ ତାହା ମଧ ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ପୁନଶ୍ଚ ୟୁରାନିୟମ ପ୍ରତି ଉନ୍ମୁକ୍ତ ରହିବା ଅସ୍ଥି କ୍ଷୟ, କିଡ୍‌ନୀ ଏବଂ ପରିସ୍ରା ନଳୀରେ କ୍ୟାନ୍‌ସରର କାରଣ ମଧ ହୋଇପାରେ। ଶିଶୁ, ବୃଦ୍ଧ ଓ ପୂର୍ବରୁ କୌଣସି କିଡ୍‌ନୀ ରୋଗରେ ପୀଡ଼ିତ ଥିବା ଲୋକ ଏହାଦ୍ୱାରା ଅଧିକ ପ୍ରଭାବିତ ହୁଅନ୍ତି। ୟୁରାନିୟମ ଏକ ତେଜସ୍କ୍ରିୟ ପଦାର୍ଥ ହୋଇଥିଲେ ହେଁ ପାନୀୟ ଜଳରେ ତାହା ରାସାୟନିକ ବିଷ ରୂପେ କାର୍ଯ୍ୟ କରେ।

ଭୂତଳ ଜଳକୁ ୟୁରାନିୟମ ଆସିଥାଏ ମୁଖ୍ୟତଃ ଭୂଜନିତ ପ୍ରକ୍ରିୟା ମାଧ୍ୟମରେ। ତେବେ ତାହାର ଅତ୍ୟଧିକ ଉତ୍ତୋଳନକୁ ମଧ ଅନ୍ୟ ଏକ କାରଣ ରୂପେ ଗ୍ରହଣ କରାଯାଏ। ଡ୍ୟୁକ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ମତରେ ଭୂତଳ ଜଳାଧାର ତହିଁରେ ମିଶିବା ଲାଗି ଅଧିକ ମାତ୍ରାରେ ଦାୟୀ। ପୁନଶ୍ଚ ଏହାର ଘନତ୍ୱ ଅତ୍ୟଧିକ ଥିବା ସ୍ଥାନଗୁଡ଼ିକରେ 'ବାଇକାର୍ବୋନେଟ୍'ର ମାତ୍ରା ମଧ ଖୁବ୍ ବେଶି। ଉକ୍ତ ରସାୟନଟି ଶିଳା ଉତ୍ସରୁ ୟୁରାନିୟମ ନିର୍ଗତ କରାଏ ବୋଲି ମତ ଦିଅନ୍ତି ଉକ୍ତ ଗବେଷକ ଦଳର ମୁଖ୍ୟ ରାଚେଲ କୋୟଟେ। ସେ ମଧ ସତର୍କ କରାନ୍ତି ଯେ, ଏହା ପଛରେ କେତେକ ମାନବକୃତ କାରଣ ମଧ ରହିଥାଇପାରେ। ଉଦାହରଣସ୍ୱରୂପ, ଅତ୍ୟଧିକ ଭୂତଳ ଜଳ ଉତ୍ତୋଳନ, ଏହାର ସ୍ତର ହ୍ରାସ କ୍ଷେତ୍ରରେ ରାସାୟନିକ ସାରର ବହୁଳ ବ୍ୟବହାର ଏବଂ ନାଇଟ୍ରେଟ୍ ପ୍ରଦୂଷଣ ଏହି ସମସ୍ୟାକୁ ବୃଦ୍ଧି କରାଇଥାଏ। ଦେଶର ପ୍ରାୟ ସମସ୍ତ ଭୂତଳ ଜଳାଧାରଗୁଡ଼ିକୁ ଅତ୍ୟଧିକ ଜଳ ବ୍ୟବହାର ଏବଂ ତାହାଦ୍ୱାରା ସୃଷ୍ଟି ହେଉଥିବା ସମସ୍ୟାଗୁଡ଼ିକ ବିଷୟରେ ଭାବା ଆଣବିକ କେନ୍ଦ୍ର ଏବଂ ହୋମିଭାବା ଜାତୀୟ ପ୍ରତିଷ୍ଠାନ ଦ୍ୱାରା ୨୦୨୧ ମସିହାରେ ନିଶ୍ଚିତ କରାଯାଇଥିଲା। ତହିଁରେ ଆର୍ସେନିକ, ଫ୍ଲୋରାଇଡ୍ ଏବଂ ୟୁରାନିୟମର ମାତ୍ରା ବୃଦ୍ଧି ହେବାର ଅନ୍ୟତମ ମୁଖ୍ୟ କାରଣ।

ଏଠାରେ ସୂଚନାଯୋଗ୍ୟ ଯେ, ଗତବର୍ଷ ଗବେଷଣା ପତ୍ରିକା 'ନେଚର'ରେ ପ୍ରକାଶିତ ଏକ ନିବନ୍ଧ ଅନୁସାରେ ବିହାରର ୬ଟି ଜିଲାରେ ମା' କ୍ଷୀରରେ ୟୁରାନିୟମର ସନ୍ଧାନ ମିଳିଛି। ଅବଶ୍ୟ ଏହା ତୁଳନାତ୍ମକ ଭାବରେ କମ୍। ତେବେ ଶିଶୁ ତାହା ଦୀର୍ଘଦିନ ଧରି ପାନ କରିବା ଦ୍ୱାରା ବିବିଧ ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି କରିପାରେ ବୋଲି ମନେ କରାଯାଉଛି। ସମ୍ଭବତଃ ମା'ର ଶରୀରରେ ଏହି ମୌଳିକ ପଦାର୍ଥଟି ପାନୀୟ ଜଳ ମାଧ୍ୟମରେ ହିଁ ଆସୁଛି। ଏପରି ସ୍ଥଳେ କ୍ଷେତରେ ସେଚିତ ଜଳରୁ ଏହା ଶସ୍ୟ ମଧ୍ୟକୁ ପ୍ରବେଶ କରିବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ।

ସାଧାରଣ ଭାବେ ଭୂତଳଜଳକୁ ୟୁରାନିୟମମୁକ୍ତ କରିବା ଲାଗି ଏବେ କୌଣସି ବ୍ୟବସ୍ଥା ନାହିଁ। ତେବେ ପାନୀୟ ଜଳକୁ ବିଶୋଧନ ଲାଗି ଭାବା ପରମାଣୁ ଗବେଷଣା କେନ୍ଦ୍ର ଏବଂ ମିଶ୍ର ବସ୍ତୁ ପରଦା ପଦ୍ଧତି ବା 'ହାଇବ୍ରିଡ ମେମ୍ବ୍ରେନ୍ ଟେକନିକ'ର ବିକାଶ ଘଟାଉଛି। ପୁନଶ୍ଚ ଓଲଟା ପରାସରଣ ବା 'ରିଭର୍ସ ଅସମୋସିସ୍' ପ୍ରକ୍ରିୟାରେ ଜଳକୁ ତହିଁରୁ ବିମୁକ୍ତ କରି ପାନୀୟ ରୂପେ ଯୋଗାଇବା ପାଇଁ ମଧ ବ୍ୟବସ୍ଥା ହେଉଛି।

-ଉଷାନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

**ଆଜି ଅନ୍ତର୍ଜାତୀୟ ଅପସ୍ମାର ଦିବସ**

## ସଚେତନତା ହିଁ ମୂଳ କଥା



ଅପସ୍ମାର ବା ଏପିଲେପ୍‌ସୀ ଏକ ପ୍ରକାର ମସ୍ତିଷ୍କ ରୋଗ। ଏହାକୁ 'ମୃଗୀ ରୋଗ' ବୋଲି ମଧ କହନ୍ତି। ରୋଗୀ ଓ ଜନସାଧାରଣଙ୍କଠାରେ ଏପିଲେପ୍‌ସୀ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ପ୍ରତିବର୍ଷ ଫେବୃଆରୀ ଦ୍ୱିତୀୟ ସୋମବାର ଦିନ ପାଳନ କରାଯାଇଥାଏ 'ଅନ୍ତର୍ଜାତୀୟ ଅପସ୍ମାର ଦିବସ' ବା 'ଇଣ୍ଟରନ୍ୟାଶନାଲ ଏପିଲେପ୍‌ସୀ ଡେ'। ଏ ନେଇ ଚଳିତବର୍ଷର ଥିମ୍ ରହିଛି- 'ମୋର ଅପସ୍ମାର ବା ଏପିଲେପ୍‌ସୀ ସମ୍ପର୍କିତ ବ୍ୟକ୍ତିଗତ ଅଭିଜ୍ଞତା'। ଏ ସମ୍ପର୍କରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, "ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିକୁ ସାଧାରଣତଃ ହଠାତ୍ ବାରମ୍ବାର ବାତ ମାରିଥାଏ। ମସ୍ତିଷ୍କସ୍ଥ ସ୍ନାୟୁକୋଷର କାର୍ଯ୍ୟଧାରାରେ ବିଘ୍ନ ତଥା ବିଶୃଙ୍ଖଳା ସୃଷ୍ଟି ହିଁ ଏଭଳି ଲକ୍ଷଣ ପ୍ରକାଶ ପାଇବାର କାରଣ। ପୃଥିବୀରେ ରହିଛନ୍ତି ପାଖାପାଖି ୫ କୋଟି ଏପିଲେପ୍‌ସୀ ରୋଗୀ। ବାତ ମାରିବାକୁ 'ଫିଟ୍‌ସ' ବୋଲି କହନ୍ତି। ଅଧାଅଧି ରୋଗୀଙ୍କ କ୍ଷେତ୍ରରେ ରୋଗର କୌଣସି କାରଣ ଠଉରେଇ ହୁଏ ନାହିଁ। ବାତ ମାରିବା ଆରମ୍ଭ ହେବା ପୂର୍ବରୁ ଯେଉଁ ସବୁ ସୂଚନା ପ୍ରକାଶ ପାଇଥାଏ, ତାକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହନ୍ତି। ଗନ୍ଧ ଛାଡ଼ିବାର କିଛି କୁଆଡ଼େ ସୂଚନା ନ ଥାଇ ହଠାତ୍ ଗନ୍ଧ ବାରିବାର ଅନୁଭବ, କୌଣସି ସୋର୍‌ଶବ୍ଦ ନ ଥାଇ ହଠାତ୍ ଶବ୍ଦ ଶୁଣିବାର ଅନୁଭବ, ପାଟି ଭିତରେ କିଛି ନ ଥାଇ ଆକସ୍ମିକ ଭାବରେ ସ୍ୱାଦ ଅନୁଭବ, କୌଣସି ଅସ୍ୱସ୍ତି ନ ଥାଇ ପେଟରେ ହଠାତ୍ ଅସ୍ୱସ୍ତି ଅନୁଭବ, ଆଖି ସାମ୍ନାରେ ହଠାତ୍ ଆଲୁଅ ଚକ୍‌ମକ୍ କରିବା ଇତ୍ୟାଦି ହେଉଛି 'ଅରା'ର କେତୋଟି ଲକ୍ଷଣ। ଏଥିପାଇଁ କରାଯାଇଥାଏ ଇଲେକ୍ଟ୍ରୋଏନ୍‌ସେଫାଲୋଗ୍ରାଫି ବା ଇ.ଇ.ଜି., ଭିଡିଓ ଇ.ଇ.ଜି., ମୁଣ୍ଡରେ ଏକ୍ସ-ରେ। ମସ୍ତିଷ୍କରେ ସି.ଟି. ସ୍କାନ୍, ଏମ୍.ଆର୍.ଆଇ. ସ୍କାନ୍, ପି.ଇ.ଟି. ସ୍କାନ୍, ରେଡିଓ ଆଇସୋଟୋପ୍ ସ୍କାନିଂ ଏବଂ ମ୍ୟାଗ୍ନେଟୋଏନ୍‌ସେଫାଲୋଗ୍ରାଫି ଆଦି ପରୀକ୍ଷା। ଏପିଲେପ୍‌ସୀର ପ୍ରକାର ବିବିଧ। ଏହାର ଚିକିତ୍ସା ପାଇଁ ଏକାଧିକ ଔଷଧ ଉପଲବ୍ଧ। ତେଣୁ ସ୍ନାୟୁରୋଗ ବିଶେଷଜ୍ଞଙ୍କ ପରାମର୍ଶରେ ଚିକିତ୍ସା କରାଇବା ବିଜ୍ଞତାର କାର୍ଯ୍ୟ।"

## ଅଜୀର୍ଣ୍ଣ ସମସ୍ୟା ଥିଲେ...



ସାଧାରଣତଃ ଯଦି ଖାଦ୍ୟ ଠିକ୍ ଭାବରେ ହଜମ ନ ହେଲା ତେବେ ଅଜୀର୍ଣ୍ଣ ସମସ୍ୟା ଦେଖାଯାଇଥାଏ। ଏହାପଛରେ ମଧ ଆଉ କେତୋଟି କାରଣ ରହିଛି। ଆବଶ୍ୟକତା ଠାରୁ ଅଧିକ ଖାଇବା, ଖାଇବାକୁ ଇଚ୍ଛା ନ ଥାଇ ଖାଇବା, ଖାଇବାରେ ଅନିୟମିତତା, ଅଧିକ ସମୟ ଉପବାସ ରହିବା କିମ୍ବା ତେଲମସଲାଯୁକ୍ତ ଖାଦ୍ୟ ଅଧିକ ଖାଇବା ଦ୍ୱାରା ଜଣେ ବ୍ୟକ୍ତି ଅଜୀର୍ଣ୍ଣ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଏଭଳି କେତେକ ଘରୋଇ ଉପଚାର ରହିଛି, ଯାହାକୁ ଅନୁସରଣ କଲେ ଏଥିରୁ କେତେକାଂଶରେ ଉପଶମ ମିଳିଥାଏ। ଖାଇ ସାରିବା ପରେ ଏକ ଚାମଚ ଅଦା ରସରେ ଲେମ୍ବୁ ଏବଂ ଅଳ୍ପ ମହୁ ମିଶାଇ ଏହି ମିଶ୍ରଣକୁ ଖାଆନ୍ତୁ। ପ୍ରତିଦିନ କିଛି ପରିମାଣରେ ନିମ୍ବ ରସ ସେବନ କରନ୍ତୁ। ଏହାଦ୍ୱାରା ପାଚନ କ୍ରିୟା ଆହୁରି ଦୃଢ଼ ହୋଇଥାଏ। ରାତିରେ ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ରିଭୋଜନ ଶେଷ କରନ୍ତୁ। ଏହାଦ୍ୱାରା ଖାଇଥିବା ଖାଦ୍ୟ ସହଜରେ ହଜମ ହୋଇଥାଏ। ରାତିରେ ସବୁବେଳେ ହାଲୁକା ଏବଂ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ଖାଇବା ପରେ ଅଳ୍ପ ପାନ ମଧୁରୀ ଚୋବାଇ ଖାଆନ୍ତୁ। ଏହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସୁଷମ ତଥା ଭିଟାମିନଯୁକ୍ତ ଖାଦ୍ୟ ଠିକ୍ ସମୟରେ ଖାଆନ୍ତୁ ଏବଂ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ଖାଦ୍ୟ ଖାଇବାର ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ। ଖାଦ୍ୟ ଖାଉଥିବା ବେଳେ ବାରମ୍ବାର ପାଣି ପିଇଲେ ତାହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କ୍ଷୀର

ନିୟମିତ କ୍ଷୀର ପିଇଲେ ତାହା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ତେବେ ଏହାର ଏକ ଖାସ୍ ଗୁଣ ରହିଛି। ତାହା କ'ଣ ଜାଣନ୍ତି? ପ୍ରତିଦିନ କ୍ଷୀର ପିଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥାଏ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। କ୍ଷୀରର ଅଧିକ ଉପକାରୀ ଗୁଣ ବିଷୟରେ ତର୍ଜମା କରିବା ସମୟରେ ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ ରୋଗପ୍ରତିରୋଧକ ଶକ୍ତିଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ଏହି ସର୍ଭେର ପରିସରଭୁକ୍ତ କରିଥିଲେ। ସର୍ଭେ ସମୟରେ ସେମାନଙ୍କୁ ଖାଦ୍ୟ ଖାଇବାକୁ ଦିଆଯିବା ସହ ନିୟମିତ କ୍ଷୀର ପିଇବାକୁ ସେମାନେ ପରାମର୍ଶ ଦେଇଥିଲେ। କେବଳ ସେତିକି ନୁହେଁ, ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏମାନଙ୍କର ରୋଗପ୍ରତିରୋଧକ ଶକ୍ତିରେ କେତେ ଉନ୍ନତି ଘଟୁଛି ତାହାକୁ ମଧ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ପରିଶେଷରେ ଜଣାପଡିଥିଲା ଯେ ସବୁଦିନ କ୍ଷୀର ପିଇବା ଫଳରେ ସେମାନଙ୍କର ରୋଗପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଦୃଢ଼ ହୋଇଛି।



## ମେଦବହୁଳତା ଓ ଭ୍ରାନ୍ତ ଧରଣା



ଆମ ଶରୀରରେ ଓଜନ ନିୟନ୍ତ୍ରଣରେ ରହିବା ଦରକାର। ଏହାକୁ ନେଇ କେତେକ ଭ୍ରାନ୍ତ ଧାରଣା ରହିଛି। ଅବ୍ୟବସ୍ଥିତ ଜୀବନଶୈଳୀ ଏବଂ ନିୟମିତ ବ୍ୟାୟାମ ନ କରିବା ଦ୍ୱାରା ଓଜନ ବଢ଼ିଥାଏ ବୋଲି ଧାରଣା ରହିଛି। ହେଲେ ଏହା ଅନେକାଂଶରେ ଠିକ୍ ନୁହେଁ। ବରଂ ସବୁବେଳେ ଚିନ୍ତାରେ ରହିବା, ହରମୋନ୍ କ୍ଷରଣ ଠିକ୍ ଭାବରେ ନ ହେବା ଦ୍ୱାରା ଓଜନ ବୃଦ୍ଧି ହୋଇଥାଏ। କେତେକ ଭାବିଥାଆନ୍ତି ଯେ ଅଧିକ ପତଳା ହୋଇଯିବା, ମେଦବହୁଳତା କମିଯିବା ଦ୍ୱାରା ଜଣେ ଦୁର୍ବଳ ହୋଇଯାଆନ୍ତି। ହେଲେ ଏଭଳି ଧାରଣା ଭୁଲ୍। ଓଜନ ଯଦି ଆବଶ୍ୟକତାଠାରୁ ଅଧିକ କମିଗଲା କିମ୍ବା ଜଣେ ଅଧିକ ପତଳା ହୋଇଯାଆନ୍ତି, ତେବେ ତାହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଆଉ ଏକ କଥା। କ୍ୟାଲୋରୀଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ମେଦବହୁଳତା ବଢ଼ିଥାଏ ବୋଲି ଭାବିବା ଆଦୌ ଠିକ୍ ନୁହେଁ। ଆମେ ପ୍ରତିଦିନ ଯେତିକି ଖାଦ୍ୟ ଖାଉଛେ ସେହି ଅନୁସାରେ ପରିଶ୍ରମ କରିବା ଦରକାର। ତେବେ ଓଜନ ଠିକ୍ ରହିବ। ମେଦବହୁଳତା କମାଇବା ଲାଗି କେତେକ ମନକୁ ମନ ଭିନ୍ନ ଭିନ୍ନ ପ୍ରଣାଳୀ ଆପଣେଇ ଥାଆନ୍ତି। ହେଲେ ଏଭଳି କରିବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➤ଯଦି ଆପଣଙ୍କର ବ୍ଲଡପ୍ରେସର ସମସ୍ୟା ରହିଛି ତେବେ ଏ ନେଇ ସତର୍କ ରହିବା ନିହାତି ଦରକାର। କାରଣ ଯଦି ଏହା ଦୀର୍ଘଦିନ ଧରି ଅସନ୍ତୁଳିତ ରହିଲା ତେବେ ତାହା ହୃଦ୍‌ରୋଗର କାରଣ ସାଜିବାର ଆଶଙ୍କା ରହିଛି।

➤ଟମାଟୋରେ ଅନେକ ପ୍ରକାର ଉପକାରୀ ଗୁଣ ରହିଛି। ତେଣୁ ସକାଳ ଜଳଖିଆରେ ଗୋଟିଏ କିମ୍ବା ଦୁଇଟି ଟମାଟୋ ସାମିଲ କରନ୍ତୁ।




➤ଆମର ମନ ସବୁବେଳେ ସକାରାତ୍ମକ ରହିବା ଦରକାର। କିନ୍ତୁ ଏହା ଅନେକ ସମୟରେ ସମ୍ଭବ ହୋଇ ନ ଥାଏ। ପ୍ରତିଦିନ କିଛି ସମୟ ପ୍ରାର୍ଥନା କରନ୍ତୁ। ଏହାଦ୍ୱାରା ମନ ଶାନ୍ତ ରହିଥାଏ ଏବଂ ମନରେ ସକାରାତ୍ମକ ଭାବନା ଜାଗ୍ରତ ହୋଇଥାଏ।

➤ଯଦି କୌଣସି ବ୍ୟକ୍ତି ଗୁରୁତର ରୋଗରେ ଆକ୍ରାନ୍ତ ତେବେ ତାଙ୍କ ସହ ସେହି ରୋଗ ବିଷୟରେ ଆଲୋଚନା ନ କରିବା ଭଲ। କାରଣ ଏହାଦ୍ୱାରା ତାଙ୍କ ମନରେ ନକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ।

➤ଅଙ୍ଗୁରରେ ଭିଟାମିନ୍-ସି ଅଧିକ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ବ୍ୟାକ୍ଟେରିଆ, ଭାଇରସ୍, ଇଷ୍ଟ ଆଦି ସଂକ୍ରମଣରୁ ମଧ ଏହା ଆମକୁ ସୁରକ୍ଷା ପ୍ରଦାନ କରେ।

➤ଗାଜର ଶରୀରର ଓଜନକୁ ସନ୍ତୁଳିତ ରଖେ, କାରଣ ଏଥିରେ ଫାଇବର୍ ପ୍ରଚୁର ପରିମାଣରେ ରହିଛି।

## ଅଦୃଶ୍ୟ ଆକ୍ରମଣକାରୀ : ମାଇକ୍ରୋପ୍ଲାଷ୍ଟିକ

(ଶେଷ ଭାଗ)

ବିଶ୍ୱ ସ୍ତରରେ, ମାଇକ୍ରୋପ୍ଲାଷ୍ଟିକ୍ ଏକ ସର୍ବବ୍ୟାପୀ ପ୍ରଦୂଷକ ପାଲଟିଛି। ଏଗୁଡ଼ିକୁ ଗଭୀର ସମୁଦ୍ର ଅବଶେଷ, ଧ୍ରୁବୀୟ ବରଫ ପାହାଡ଼, ଉଷ୍ମକଟିବନ୍ଧୀୟ ବର୍ଷାଜଳ ଏବଂ ମାନବ ରକ୍ତପ୍ରବାହରେ ଆବିଷ୍କାର କରାଯାଇଛି। ଗ୍ରେଟ୍ ପ୍ୟାସିଫିକ୍ ଆବର୍ଜନା ପ୍ୟାଚ୍ ଭଳି ବିପୁଳ ସଞ୍ଚୟ କ୍ଷେତ୍ରଗୁଡ଼ିକରେ ସମୁଦ୍ର ଗର୍ଭ ମଧ୍ୟରେ ପରିକ୍ରମା କରୁଥିବା ଟ୍ରିଲିୟନ ପ୍ଲାଷ୍ଟିକ୍ କଣିକା ରହିଛି। ଅପର୍ଯ୍ୟାପ୍ତ ବର୍ଜ୍ୟ ପରିଚାଳନା ଭିତ୍ତିଭୂମି ଥିବା ଅଞ୍ଚଳଗୁଡ଼ିକ, ବିଶେଷକରି ଏସିଆ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାର କିଛି ଅଂଶରେ ଅସମାନ ଭାବରେ ପ୍ରଭାବିତ ହୁଏ, ତଥାପି ସବୁଠାରୁ ଦୂରବର୍ତ୍ତୀ ଇକୋସିଷ୍ଟମ ମଧ ଏଥିରୁ ବଞ୍ଚିତ ନୁହେଁ। ଏହି ବିଶ୍ୱସ୍ତରୀୟ ସଞ୍ଚାଳନ ମାଇକ୍ରୋପ୍ଲାଷ୍ଟିକକୁ ପୃଥିବୀର ପ୍ରାକୃତିକ ଚକ୍ରରେ ଏକୀକୃତ କରେ, ଯେଉଁଠାରେ ସେମାନେ ବାୟୁ, ଜଳ, ମାଟି ଏବଂ ଜୀବଜଗତ ମଧ୍ୟରେ ନିରନ୍ତର ଗତି କରନ୍ତି।

ସମସ୍ୟାର ପରିମାଣ ସତ୍ତ୍ୱେ, ପ୍ରଶମନ ପାଇଁ ପଥ ରହିଛି। ଅନାବଶ୍ୟକ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା, ବର୍ଜ୍ୟବସ୍ତୁ ପରିଚାଳନା ପ୍ରଣାଳୀରେ ଉନ୍ନତି ଆଣିବା, ସାମଗ୍ରୀ ନବସୃଜନକୁ ଆଗକୁ ବଢ଼ାଇବା ଏବଂ ଏକକ-ବ୍ୟବହାର ପ୍ଲାଷ୍ଟିକ୍ ଏବଂ ଉଦ୍ଦେଶ୍ୟମୂଳକ ଭାବରେ ଯୋଡ଼ାଯାଇଥିବା ମାଇକ୍ରୋପ୍ଲାଷ୍ଟିକ୍ ପ୍ରତିବନ୍ଧକ ନୀତିଗୁଡ଼ିକୁ ସମର୍ଥନ କରିବା ଭବିଷ୍ୟତର ଏହାର ନିର୍ଗମନ ଯଥେଷ୍ଟ ହ୍ରାସ କରିପାରିବ। ଜୈବବିଘଟନଯୋଗ୍ୟ ସାମଗ୍ରୀ, ମାଇକ୍ରୋବାୟଲ୍ ପ୍ଲାଷ୍ଟିକ୍ ଅବକ୍ଷୟ ଏବଂ ଏନଜାଇମ୍-ଆଧାରିତ ପୁନଃଚକ୍ରଣ ଉପରେ ଗବେଷଣା ପ୍ରତିଶ୍ରୁତିପୂର୍ଣ୍ଣ ଦୀର୍ଘକାଳୀନ ସମାଧାନ ପ୍ରଦାନ କରେ। ବ୍ୟକ୍ତିଗତ କାର୍ଯ୍ୟ, ଯେତେବେଳେ ସମାଜ ମଧ୍ୟରେ ବହୁଳ ହୁଏ, ତାହା ମଧ ପଦ୍ଧତିଗତ ପରିବର୍ତ୍ତନକୁ ଚଳାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।



ମାଇକ୍ରୋପ୍ଲାଷ୍ଟିକ୍ ହେଉଛି ଆନ୍ଥ୍ରୋପୋସିର ଏକ ପରିଭାଷିତ ପ୍ରତୀକ, ଯାହା ସ୍ଥାୟିତ୍ୱ ଅପେକ୍ଷା ସୁବିଧାକୁ ପ୍ରାଥମିକତା ଦେଉଥିବା ଏକ ଫୋପଡ଼ା ସଂସ୍କୃତିକୁ ପ୍ରତିଫଳିତ କରେ। ସେମାନଙ୍କର ଉପସ୍ଥିତି ମାନବ ବ୍ୟବହାର ଧାରାକୁ ଦୂର ମହାସାଗର, ଦୂର ହିମବାହ ଏବଂ ଅଦୃଶ୍ୟ ଜୈବିକ ପ୍ରକ୍ରିୟା ସହିତ ସଂଯୋଗ କରେ। ମାଇକ୍ରୋପ୍ଲାଷ୍ଟିକ୍ ପ୍ରଦୂଷଣକୁ ସମାଧାନ କରିବା ପାଇଁ କେବଳ ପ୍ରଯୁକ୍ତିବିଦ୍ୟା ଏବଂ ନୀତିଗତ ସମାଧାନ ଆବଶ୍ୟକ ନୁହେଁ ବରଂ ପ୍ଲାଷ୍ଟିକ୍ ଏବଂ ପ୍ରାକୃତିକ ବିଶ୍ୱ ସହିତ ମାନବତାର ସମ୍ପର୍କର ମୌଳିକ ପୁନର୍ବିଚାର ମଧ ଆବଶ୍ୟକ। କେବଳ ସାମୂହିକ ଦାୟିତ୍ୱ ଏବଂ ନିରନ୍ତର କାର୍ଯ୍ୟ ମାଧ୍ୟମରେ ଅଦୃଶ୍ୟ ଆକ୍ରମଣକୁ ହ୍ରାସ କରାଯାଇପାରିବ ଏବଂ ପୃଥିବୀର ଇକୋସିଷ୍ଟମର ଅଖଣ୍ଡତାକୁ ସଂରକ୍ଷିତ କରାଯାଇପାରିବ।

- ଡ. ଶିବାନୀ ମହାପାତ୍ର
ମୋ: ୬୩୭୨୫୯୮୯୯୩

# ସମାନ ରାସ୍ତା ପାଇଁ ୨ଥର ଫଳକ ଲଗାଇ ଅର୍ଥ ଆତ୍ମସାତ ଅଭିଯୋଗ





**ବଅାଁରପାଳ,୮।୨(ସୁବାସ ଚନ୍ଦ୍ର ସାହୁ)**

ଅନୁଗୋଳ ଜିଲା ବଅାଁରପାଳ ବ୍ଲକ ଅନ୍ତର୍ଗତ ଗୋତମରା ଗ୍ରାମପଞ୍ଚାୟତରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଓଡ଼ିଶା ସରକାରଙ୍କ ଅନୁଦାନରେ ହୋଇଥିବା ପକ୍କାରାସ୍ତା ନିର୍ମାଣରେ ଗୋଟିଏ ସମାନ ରାସ୍ତାକୁ ୨ ଆର୍ଥିକ ବର୍ଷରେ ୨ଥର ବ୍ୟୟ ଅଟକଳ ମଞ୍ଜୁର ହୋଇ ଦୁର୍ନୀତି ହୋଇଥିବା ଉକ୍ତ ଗ୍ରାମବାସୀ ଅଭିଯୋଗ କରିବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ଗୋତମରା ଗ୍ରାମପଞ୍ଚାୟତରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଓଡ଼ିଶା ସରକାରଙ୍କ ଅନୁଦାନରେ ବର୍ଷ ୨୦୨୩-୨୪ରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅନୁଗୋଳ ତରଫରୁ ପକ୍କାରାସ୍ତା ନିର୍ମାଣ ପାଇଁ ୨ଲକ୍ଷ ୯ହଜାର ୯ଶହ ୯୯ ଟଙ୍କା ଅନୁମୋଦନ କରାଯାଇଥିଲା। ରାସ୍ତାଟି ପଞ୍ଚାୟତ ସମିତି ବଅାଁରପାଳଙ୍କ ସୌଜନ୍ୟରୁ କରାଯାଇଛି ବୋଲି ଏକ ସୂଚନା ଫଳକ ଲଗାଯାଇଥିଲା। ପୁନଶ୍ଚ ସେହି ସମାନ ରାସ୍ତାକୁ ନିର୍ମାଣ ପାଇଁ ଆର୍ଥିକ ବର୍ଷ ୨୦୨୪-୨୫ରେ ୨ଲକ୍ଷ ୫୨ହଜାର ୪୨୮ ଟଙ୍କା ଖର୍ଚ୍ଚ କରାଯାଇ ପକ୍କାରାସ୍ତା ନିର୍ମାଣ କରାଯାଇଛି ବୋଲି ଉକ୍ତ ସମାନ ଫଳକର ଅପରପାର୍ଶ୍ୱରେ ସୂଚନା ଦିଆଯାଇଛି। ଏନେଇ ସାଧାରଣରେ ପ୍ରଶ୍ନ ଉଠୁଛି, ଯେଉଁ ପକ୍କାରାସ୍ତା ନିର୍ମାଣ କରାଯାଇଛି ବୋଲି କୁହାଯାଉଛି, ସେହି ରାସ୍ତା ସରକାରଙ୍କର କିମ୍ବା ପଞ୍ଚାୟତର ନୁହେଁ। ଯେଉଁଠି ରାସ୍ତା ନିର୍ମାଣ କରାଯାଇଛି ବୋଲି କୁହାଯାଉଛି ତାହା କମ୍ପାନୀ ଅଧିଗୃହୀତ ଜମି। ଗୋଟେ କମ୍ପାନୀର ଅଧିଗୃହୀତ ଜମିରେ କିଏ ରାସ୍ତା ନିର୍ମାଣ ପାଇଁ ଅନୁମତି ଦେଲା ? ଯଦି ବି ପକ୍କାରାସ୍ତା ନିର୍ମାଣ କରାଯାଇଛି ତେବେ ସମାନ ରାସ୍ତା ପାଇଁ କିପରି ୨ ଟି ବିଲ୍ କରାଗଲା ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ବଅାଁରପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସଙ୍କୁ ପଚାରିବାରୁ ସେ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିଲେ, ସେ କାମର ସୂଚନା ଦେଇପାରିବେ ବୋଲି କହିଥିଲେ। କନିଷ୍ଠ ଯନ୍ତ୍ରୀ ସତ୍ୟଭାମା ନାୟକଙ୍କୁ ଉକ୍ତ ରାସ୍ତାକାମ ସମ୍ପର୍କରେ ପଚରା ଯିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ୨ ଦିନ ପରେ ରେକର୍ଡ ଦେଖି କାମ ସମ୍ପର୍କରେ ସୂଚନା ଦେବାକୁ କହିଥିଲେ। ପୁଣି ୨ ଦିନ ପରେ ପଚରାଯିବାରୁ ସେ କାମର କୌଣସି କାଗଜପତ୍ର ମିଳୁ ନ ଥିବା କହିଥିଲେ। ପରେ କେତେଜଣ ଗ୍ରାମବାସୀଙ୍କ ସହ ଘଟଣାସ୍ଥଳକୁ ଯାଇଥିବା ଦେଖିବାକୁ ମିଳିଥିଲା । ପୂର୍ବରୁ ଥିବା ସୂଚନା ଫଳକକୁ କେହି ଭାଙ୍ଗିଦେଇଛି। ଏହି ପକ୍କାରାସ୍ତା ନିର୍ମାଣରେ ବଡଧରଣର ଦୁର୍ନୀତି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି କରିଛନ୍ତି।

# ଲୋକାର୍ପଣ ହେଲା ପବିତ୍ର ମୋହନ ସ୍ମୃତିପୀଠ



## ପବିତ୍ର ପ୍ରଧାନଙ୍କ ଜୟନ୍ତୀ ପାଳିତ

**ପବିତ୍ରନଗର, ୮।୨(ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମରେ ପବିତ୍ର ମୋହନ ପ୍ରଧାନଙ୍କ ୧୧୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ଜିଲାପାଳ ଅବଦାଲ ଏମ୍. ଅଖତର ଯୋଗଦେଇଥିଲେ। ସମସ୍ତ ଅତିଥି ପୂର୍ବତନ ଉପମୁଖ୍ୟମନ୍ତ୍ରୀ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଗଡ଼ଜାତ ଆନ୍ଦୋଳନର ମୁଖ୍ୟ ପୁରୋଧା ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ସ୍ମୃତିଚାରଣ କରିବା ସହ ଗଡ଼ଜାତ ଆନ୍ଦୋଳନରେ ତାଙ୍କର ଭୂମିକା ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଥିଲା। ନବ ନିର୍ମିତ ପବିତ୍ର ମୋହନ ପ୍ରଧାନ ସ୍ମୃତିପୀଠକୁ ଲୋକାର୍ପଣ କରାଯିବା ସହ ପବିତ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା।

# ଶିକ୍ଷା ସମୃଦ୍ଧ ଭାରତ ଗଠନ ପାଇଁ ଏକ ମୁଖ୍ୟ ଉପାଦାନ

**ଓଡ଼ାପଡ଼ା,୮।୨(ରଞ୍ଜିତ ନାୟକ)**



ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ଼ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଅଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ବିବୁଧ ଗଡ଼ନାୟକ, ମୁଖ୍ୟବକ୍ତା ଭାବେ ରେଭେନ୍‌ସା ବିଶ୍ୱବିଦ୍ୟାଳୟର ଖବର ଓ ଗଣ ଯୋଗାଯୋଗ ବିଭାଗର ସହକାରୀ ପ୍ରଫେସର ଡ. ଦେବୀଲାଲ ମିଶ୍ର, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଜିଲାର ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ ତତ୍ତ୍ୱମସି ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଗଡ଼ନାୟକ ଶିକ୍ଷା ସମୃଦ୍ଧ ଭାରତ ଗଠନ ପାଇଁ ଏକ ମୁଖ୍ୟ ଉପାଦାନ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଡ. ଦେବୀଲାଲ ମିଶ୍ର ଶିକ୍ଷା ଓ ପ୍ରତିଭା ମଣିଷକୁ ମାର୍ଜିତ କରି ବିଶ୍ୱ ଦରବାରରେ ପରିଚିତ କରାଏ ବୋଲି ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଯୁକ୍ତ ୨ ସାଂସ୍କୃତିକ ବିଭାଗରେ ସୌମ୍ୟରଞ୍ଜନ ନାୟକ ଚାମ୍ପିୟନ ହୋଇଥିବାବେଳେ ଯୁକ୍ତ ୩ ସାଂସ୍କୃତିକ ବିଭାଗରେ ସତଫା ବେହେରା ଚାମ୍ପିୟନ ହୋଇଥିଲେ। ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ ଓ ଅଧ୍ୟାପକ ଡ. ଦେବାନନ୍ଦ ଦାସ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପକ ମନୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଡ. ଦେବାନନ୍ଦ ଦାସଙ୍କ ରଚିତ ଓ ନିର୍ଦ୍ଦେଶିତ 'ଆଶ୍ରୟ' ନାଟକ ଛାତ୍ରୀଛାତ୍ରଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇ ଉତ୍ସବଟିକୁ ସାଫଲ୍ୟମଣ୍ଡିତ କରିଥିଲେ।

# ବନ ବିଭାଗ ଗାଡିକୁ ଅଟକାଇ ମାଡ଼ ମାରିଲେ

**ବନ୍ତଲା,୮।୨(ସୁଶିତ ସାହୁ):** ଅନୁଗୋଳ ବନଖଣ୍ଡ ବନ୍ତଲା ବନାଞ୍ଚଳ ଅଧିକାରୀଙ୍କ ଗାଡିକୁ ଅଟକାଇ ଜବରଦସ୍ତ ସାହି କୋଠଘରକୁ ନେଇ ସେଠାରେ ମୋବାଇଲ ଛଡ଼ାଇବା ସହ ମାଡ଼ମାରିବା ଭଳି ସଙ୍ଗିନ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଶନିବାର ଏନେଇ ବନ୍ତଲା ରେଞ୍ଜର ପ୍ରସନ୍ନ କୁମାର ସାହୁ ବନ୍ତଲା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ସରକାରୀ ଗାଡିରେ ଫରେଷ୍ଟର ଶ୍ରୀନିବାସ ସାହୁ, ଡ୍ରାଇଭର ଟୁନା ସାହୁଙ୍କ ସହ ଆସୁଥିଲାବେଳେ ବାରଗୌଣିଆ ପଞ୍ଚାୟତ ବଡ଼ହିଂସର ଗାଁ ଲଙ୍ଗଳମୁଣ୍ଡା ଛକରେ ୪ଜଣ ଯୁବକ ଅଟକାଇଥିଲେ। ସେଠାରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଜବରଦସ୍ତ ଗାଡ଼ିକୁ ପାଇକ ସାହି କୋଠଘରେ ନିକଟରେ ରଖିଥିଲେ। ସେଠାରେ ତାଙ୍କୁ ଗାଡିରୁ ଆଣି ମାଡ଼ ମାରିବା ସହ ମୋବାଇଲ ଛଡ଼ାଇ ନେଇଥିଲେ। ଭାଗ୍ୟବଶତଃ ବନ୍ତଲା ପୋଲିସ ପାଟ୍ରୋଲିଂ ଟିମ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୁକ୍ତମାନେ ହେଲେ ବଡ଼ହିଂସ ଗାଁ ପାଇକ ସାହିର ହେମେରୀ ଗଡ଼ନାୟକ(୨୪), ମାୟାଧର ପ୍ରଧାନ(୪୪), କାନ୍ଦା ପ୍ରଧାନ(୫୫), ସୁମନ୍ତ ଗଡ଼ନାୟକ (୨୭)। ତାଙ୍କ ବିରୋଧରେ ମାମଲା ରୁଜୁକରି ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଯୋଗରେ ଦର୍ଶାଇଛନ୍ତି ରେଞ୍ଜର ସାହୁ । ଏନେଇ ବନ୍ତଲା ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଥିବା କହିଛନ୍ତି ଥାନା ଅଧିକାରୀ ନଟବର ନନ୍ଦ ।

# ଯୁବତୀ ନିଖୋଜ ଅଭିଯୋଗ

**ସନ୍ତ୍ରୀଛକ,୮।୨(ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଅାଁରପାଳ ଥାନା ଅଞ୍ଚଳରେ ରବିବାର ଜଣେ ଯୁବତୀ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବଅାଁରପାଳ ଥାନା ଅଧୀନରେ ଥିବା ଭୋଗବେରେଣୀ ଗ୍ରାମର ଯୁବତୀ ଶନିବାର ରାତିରେ ମା' ପାଖରେ ଶୋଇଥିବାବେଳେ କେଉଁଆଡ଼େ ପଳାଇଥିବା ତାଙ୍କ ମା' ବଅାଁରପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଜିଲୁ ସାହୁ ନାମକ ଜଣେ ଯୁବକ ତାଙ୍କ ଝିଅଙ୍କୁ ନେଇଥିବା ମା' ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

# ୩୩ ବର୍ଷ ପରେ ଏକାଠି ହେଲେ ସହପାଠୀ



**ଖମାର, ୮।୨ (ରଜନୀକାନ୍ତ ମହାରଣା)**

ପାଲଲହଡ଼ା ଉପଖଣ୍ଡ କୁଞ୍ଜାମ ହାଇସ୍କୁଲର ୧୯୯୩ ମ୍ୟାଟ୍ରିକ ବ୍ୟାଚ୍‌ର ୩୦ଜଣ ଛାତ୍ରୀଛାତ୍ରଙ୍କ କୁଞ୍ଜାମ ହାତୀପଥରଠାରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ଶିକ୍ଷାଦାନ ଦେଉଥିବା ଶିକ୍ଷକମାନଙ୍କୁ ନିମନ୍ତ୍ରଣ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ବ୍ୟାଚ୍‌ର ଛାତ୍ରୀଛାତ୍ରମାନେ କେହି ସରକାରୀ ଚାକିରି କରିଥିବା ବେଳେ କିଛି ବ୍ୟବସାୟ କରି ଆଗକୁ ବଢିଛନ୍ତି । ଦୀର୍ଘ ୩୩ ବର୍ଷ ପରେ ସମସ୍ତ ଛାତ୍ରୀଛାତ୍ରଙ୍କ ମିଳନ ଏକ ନିଆରା ଅନୁଭୂତି ଥିଲା । ଆଗାମୀ ଦିନରେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ହେବା ସହିତ କିଛି ରକ୍ତଦାନ ଶିବିର ଓ ସମାଜସେବା ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା।

# ସରୁନି ରାସ୍ତା ନିର୍ମାଣ କାର୍ଯ୍ୟ, ଜବରଦଖଲ ସାଜିଛି ବାଧକ

## ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଅଞ୍ଚଳବାସୀ

**ଅନୁଗୋଳ, ୮।୨(ମାନସ ବିଶ୍ୱାଳ)**



ଅନୁଗୋଳ ସହର ଉପକଣ୍ଠରେ ଅବସ୍ଥିତ ଗୀତାଗ୍ରାମ (ତୁରଙ୍ଗ ଜଙ୍ଗଲ) ଦେଇ ତୁରଙ୍ଗଠାରୁ ଏକ ଓସାରିଆ ରାସ୍ତା ରାଣିଗୋଡ଼ା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣାଧୀନ ରହିଛି। ଜବରଦଖଲ କାରଣରୁ ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ସ୍ଥାନୀୟ ଲୋକେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇ ନିରାଶ ହେବା ପରେ ଅନୁଗୋଳ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ଉକ୍ତ ରାସ୍ତାଟି ଗୀତାଗ୍ରାମବାସୀଙ୍କ ପାଇଁ ଏକମାତ୍ର ନିର୍ଭରଶୀଳ ହୋଇଥିବା ବେଳେ ଏହି ରାସ୍ତାକୁ ତାଳଚେର ଏଫସିଆଇ, କୁରୁଡୁଲୁ, କୁକୁଡାଙ୍ଗ ଆଦି ଗ୍ରାମର ଲୋକମାନେ ବାଇପାସ୍ ଭାବରେ ବ୍ୟବହାର କରିଥାନ୍ତି। ରାସ୍ତାଟି ସମ୍ପୂର୍ଣ୍ଣ ଖରାପ ହୋଇଯାଇଥିଲା। ଯାତାୟାତ ପାଇଁ ଅସୁରକ୍ଷିତ ଥିଲା। କାର୍ଯ୍ୟାଦେଶ ହେଲା ଓ କାମ ମଧ୍ୟ ଆରମ୍ଭ ହେଲା। ଇତି ମଧ୍ୟରେ କାମ ଶେଷ ହେବାକୁ ଯାଉଥିବା ବେଳେ ଗୀତାଗ୍ରାମ ଲକ୍ଷ୍ମୀ ଅଟାକଳ ପାଖରେ ତିନି ଚାରି ଘର ରାସ୍ତାକୁ ଅବରୋଧ କରିଥିବା ହେତୁ ରାସ୍ତା ନିର୍ମାଣ ଅସମ୍ପୂର୍ଣ୍ଣ ହୋଇରହିଛି। ଆଜି ବି ରାସ୍ତା ଉପରେ ଅପରିଷ୍କାର ପାଣି ପ୍ରବାହିତ ହେଉଛି। ଏ ନେଇ ତହସିଲଦାର, ଉପଜିଲାପାଳ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସମାଧାନ ନ ହେବାରୁ ଗୀତାଗ୍ରାମର ଶତାଧିକ ଲୋକ ଗ୍ରାମ କମିଟିର ସଭାପତି ବାସୁଦେବ ହୋତାଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ତାଙ୍କର ଦୃଷ୍ଟି ଆକର୍ଷଣ କରିବା ସହ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଜିଲାପାଳ ଅବଦଲ ଅହମ୍ମଦ ଅଖତର ତୁରନ୍ତ ଏହାର ସମାଧାନ ଦିଗରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଓ ଗ୍ରାମବାସୀଙ୍କୁ ମଧ୍ୟ ଶୀଘ୍ର ଶେଷ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବା ସମୟରେ ସର୍ବଶ୍ରୀ ନବକିଶୋର ସାମନ୍ତ, ଅଚ୍ୟୁତାନନ୍ଦ ଧର, ରାମଚନ୍ଦ୍ର ଦାସ, ପ୍ରସନ୍ନ ବିଶ୍ୱାଳ, ଗୋପାଳ ନାଥ, ବିଜୟ ପ୍ରଧାନ, ଦିଲୀପ ରାଉତ, ହେମନ୍ତ ଦାସ, ଉଦ୍ଧବ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

Modal Bidding Document
Government of Odisha
Health and Family Welfare Department,Odisha

**OFFICE OF THE DEAN-PRINCIPAL**
**GOVERNMENT MEDICAL COLLEGE HOSPITAL, PHULBANI, DIST: KANDHAMAL**

**QUOTATION/TENDER CALL NOTICE**

Advt. No. 01/2026 Dated. 06.02.2026

**No.10001/22/2526** : Sealed quotation /tenders are invited from interested reputed Travel Agency/Tour Operator/Private individuals for providing 1(no.) of AC petrol/Diesel driven vehicles having sitting capacity not more then 5(five) including driver. Which shall conform to the Terms and condition (Annexure-I & A) for official use in Dean & Principal of monthly rent basis. The application form of quotation/tender containing general Bid information & Terms and condition for Hiring Vehicles etc. will be available with website (https://kandhamal.odisha.gov.in. The Quotation completed in all respect should reach the undersigned on or before **02.03.2026** By the **5.00 PM.** through registered post/courier and shall be opened on **05.03.2026** at **11.30 AM** in presence of bidder or authorized representatives. The undersigned reserves the right to reject any or all the tender(s) without assigning any reason thereof.

Sd./- N.Behera, Dean & Principal
Govt. Medical College & Hospital,
Phulbani, Kandhamal

OIPR-10001/10270/1/25-26/0001

**OFFICE OF THE DIVISIONAL FOREST OFFICER, NAYAGARH DIVISION**

Phone/Fax: 06753-252226, Mob-9437052226, E-Mail: dfo.nayagarh@odisha.gov.in

No.8001/24/2526

**TENDER NOTICE**

Last date for sale of tender papers : 11.02.2026 (05.30 PM)
Last date for submission of tender papers : 13.02.2026 (01.30 PM)

Sealed tenders are invited by the undersigned from the "D & C" class Contractors for cutting, logging and dragging of Car timbers approximate 11106.37 Cft. of Lord Jagannath, Puri for 2026 Car festival from different Forest block of Nayagarh Forest Division, Khurdha Forest Division, Ghumusar South Division, Ghumusar North Division, Boudh Division, Bamra WL Division, Sonpur Division & Redhakhol Division. **The last date for submission of tender paper in this office is dt. 13.02.2026 up to 01.30 PM.** The tender received after **01.30 PM** on **dt.13.02.2026** will be rejected. The tender paper will be opened on the same day at **4.00 PM.** The tender paper can be obtained from this office @ Rs.1000/- per each paper from the date of publication of this advertisement in all working days up to **13.02.2026 (5.30 PM)**. The tenderers are required to submit E.M.D. in shape of Bank Draft worth of Rs. 1,00,000/- (Rupees one lakh) only drawn in any Nationalised Bank **in favour of the Divisional Forest Officer, Nayagarh** payable at State Bank of India, Main Branch, Nayagarh only alongwith the tender paper. Tender paper without E.M.D. will be rejected. For further details, the undersigned may be contacted during office hours of working days. The undersigned reserves the right to cancel any or all tender without assigning any reason thereof.

**TENTATIVE LIST OF CAR TIMBER TO BE SUPPLIED FOR CAR FESTIVAL, PURI 2026**

| Species | Length & Girth | No. of log | Approximate volume in Cft. |
|---|---|---|---|
| 1 | 2 | 3 | 4 |
| Asan | 12' x 3' | 220 logs | 1485.00 |
| Dhaura | 12' x 3' | 214 logs | 1444.50 |
| Asan | 20' x 3' | 90 logs | 1012.50 |
| Dhaura | 20' x 3' | 101 logs | 1136.25 |
| Dhaura | 20' x 4' | 12 logs | 240.00 |
| Dhaura | 20' x 6' | 06 logs | 270.00 |
| Asana | 40' x 3' | 30 logs | 675.00 |
| Dhaura | 40' x 3' | 43 logs | 967.50 |
| Dhaura | 40' x 3.6" | 21 logs | 1273.12 |
| Dhaura | 40' x 4' | 06 logs | 240.00 |
| Phasi | 14' x 6' | 72 logs | 2268.00 |
| Simili | 14' x 6' | 03 logs | 94.50 |
| | Total : | 818 Logs | 11106.37 |

Sd./- Divisional Forest Officer
Nayagarh Division

OIPR-8001/8026/1/25-26/0002

**GOVERNMENT OF ODISHA**
**REVENUE AND DISASTER MANAGEMENT DEPARTMENT**
**CORRIGENDUM**

No. RDM-LAA-BLS-0006-2025-47460/R&DM, dated 17 DEC 2025

**No.III-12** : In inviting a reference to this Department Notification No.22168 dated 19.06.2025 issued u/s 11(1) of the RFCTLA R&R Act, 2013 for acquisition of land measuring to **Ac.1.64** in Village-**Digapada**, P.S.-Balasore Sadar No.43, Tahasil-Remuna of Balasore district for construction of Tribhangapur Distributary and Odangi minor under Subarnarekha Irrigation Project, the following changes/insertion have been made for future reference and necessary action.

| Notification No. & date of Revenue & D.M. Department | For the words occurring in the last paragraph (in page No.2) | To be read as |
|---|---|---|
| No.22168 dated 19.06.2025 | The last line of last paragraph (in page No.2) the word is written as "ମୟୁରଭଞ୍ଜ" | The last line of last paragraph (in page No.2) the word shall be read as "ବାଲେଶ୍ୱର" |

All other entries as mentioned in the Notification No.22168 dated 19.06.2025 shall remain unchanged.

Sd./- (Suranjan Pradhan)
Additional Secretary to Government

OIPR-

**ODISHA STATE CIVIL SUPPLIES CORPORATION LTD. KENDRAPARA**

e-mail : cso.kendrapada@gmail.com

Tender Call Notice No. 257 Dt.31.01.2026

**No.7001/5/2526** : In pursuance of instructions communicated vide letter No.1403 dtd. 22.01.2026 of OSCSC Ltd, Bhubaneswar, the undersigned invites sealed tender / quotation from interested reputed Travel Agencies / Tour Operators or Private individuals for providing 2 (two) nos. of Non AC / AC vehicles one Petrol driven (Honda Amaze / Tata Altros / Maruti Celerio / Maruti Desires / Tata Tiago / Bolt / (Petrol Driven Vehicle for Official Purpose and another Diesel driven is Bolero & Ertiga etc.) for Paddy Procurement Operation for the KMS-2025-2026 (Only commercial registered vehicles are allowable). The tender selection programme will be as follows.

The Tender documents with terms and conditions and other details are also available in the District website at www.kendrapara.nic.in.

| Particulars of tender process | Programme Date |
|---|---|
| 1. Publication of tender notice in 02 (two) local edition of a leading Oriya daily of the state | By Dt.02.02.2026 |
| 2. Sale of tender paper (all working days) | From Dt. 02.02.2026 to 20.02.2026 (1 P.M.) |
| 3. Receipt of tender paper | From Dt. 02.02.2026 to 20.02.2026 (02 P.M.) |
| 4. Opening of tender paper & selection of tenders | 20.02.2026 at 4 P.M. in the Office Chamber of the ADM (Gen.) Kendrapara |

By Order of Collector, Kendrapara
Sd./- CSO-cum-District Manager
OSCSC Ltd., Kendrapara

OIPR-7001/7039/1/25-26/0002

इंडियन बैंक Indian Bank इलाहाबाद ALLAHABAD

ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ।

ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

***ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଇନ୍‌ଫୋସିଟି ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ |
|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ବିକ୍ରମ କେଶରୀ ଜେନା,** ପିତା: ଶ୍ରୀ ବିଦ୍ୟୁତ କୁମାର ଜେନା, ବର୍ତ୍ତମାନ ଠିକଣା: ବୈଷ୍ଣବ ବିହାର, ଫ୍ଲାଟ ନଂ.୨୦୧, ବ୍ଲକ-ସି, ବମିଖାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ସ୍ଥାୟୀ ଠିକଣା: ସା- କାନପୁର, ଥାନୁଆଲ, ଯାଜପୁର, ଓଡିଶା, ପିନ୍-୭୫୫୦୨୪। | **ଶ୍ରୀ ବିକ୍ରମ କେଶରୀ ଜେନା** ଙ୍କ ନାମରେ ଥିବା ଗୃହ / ଫ୍ଲାଟ ନଂ.୧୭୦୨, ୩ ବିଏଚ୍‌କେ, ନିର୍ମାଣ ଏରିଆ ୧୨୧୯ ବର୍ଗଫୁଟ (ନିର୍ମାଣ ଅଧୀନ) ସହିତ ସମୁଦାୟ ଏରିଆ ମଧ୍ୟରୁ ୯୪୫ ବର୍ଗଫୁଟ ୟୁଡିଏସ୍ ଜମି ଯାହାର ଡୋର୍ ନଂ., ପ୍ଲଟ ନଂ,୩୦୬ ଏବଂ ଅନ୍ୟ, ବ୍ଲକ ବି, ପଟିଆ, ଭୁବନେଶ୍ୱର, ପିନ୍-୭୫୧୦୨୪, ଏବଂ ସର୍ଭେ ନଂ. ଖାତା ନଂ.୪୭୪, ପଟିଆ ଗ୍ରାମ, ପଟିଆ ତାଲୁକ, ସବ୍ ରେଜିଷ୍ଟ୍ରେସନ ଭୁବନେଶ୍ୱର ଏବଂ ରେଜିଷ୍ଟ୍ରେସନ ଜିଲ୍ଲା ଖୋର୍ଦ୍ଧାରେ ଅବସ୍ଥିତ, ଚାରିପାର୍ଶ୍ୱରେ: ପୂର୍ବ- ଫ୍ଲାଟ ନଂ.୧୭୦୩, ପଶ୍ଚିମ- ଫ୍ଲାଟ ନଂ.୧୭୦୧, ଉତ୍ତର- ଖୋଲା ଯାଗା, ଦକ୍ଷିଣ- ବାରଣ୍ଡା / ଫ୍ଲାଟ ନଂ.୧୭୦୮। | ୦୬.୧୧.୨୦୨୫ | ୦୨.୦୨.୨୦୨୬ | ଟ.୭୮,୦୮,୨୮୩/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୦୭.୦୨.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ



ବେଙ୍ଗାଲୁରୁର ପ୍ୟାଲେସ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ରବିବାର କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ, କର୍ଣ୍ଣାଟକ କୃଷିମନ୍ତ୍ରୀ ଏନ୍. ଚଲୁଭରାୟା ସ୍ୱାମୀ ଓ ଅନ୍ୟମାନେ ଯୋଗ ଦେଇଛନ୍ତି।

# ପାକ୍ ଏଜେଣ୍ଟ ସହ ଗୌରବ, ତାଙ୍କ ସ୍ତ୍ରୀଙ୍କ ନିବିଡ଼ ସମ୍ପର୍କ: ହିମନ୍ତ

ଗୁଆହାଟୀ,୮।୨(ପି.ଟି.)

## ସି ଗ୍ରେଡ୍ ସିନେମାଠାରୁ ଅଧିକ ଖରାପ: ଗୌରବ



ହିମନ୍ତ ବିଶ୍ୱଶର୍ମା



ଗୌରବ ଗୋଗୋଇ

ଆସାମ କଂଗ୍ରେସ ସଭାପତି ତଥା ଏମ୍‌ପି ଗୌରବ ଗୋଗୋଇ ଏବଂ ତାଙ୍କ ସ୍ତ୍ରୀ ଏଲିଜାବେଥ କୋଲବର୍ନଙ୍କର ପାକିସ୍ତାନ ସହ ନିବିଡ଼ ସମ୍ପର୍କ ରହିଥିବା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରବିବାର ଅଭିଯୋଗ କରିଛନ୍ତି। ଉକ୍ତ ଦମ୍ପତି ଓ ପାକିସ୍ତାନୀ ନାଗରିକ ଅଲି ତୌକିର ଶେଖ୍‌ଙ୍କ ମଧ୍ୟରେ ଗଭୀର ସମ୍ପର୍କ ରହିଛି। ସେମାନଙ୍କ ଜରିଆରେ ଗୋଇନ୍ଦା ବ୍ୟୁରୋର ସୂଚନା ଗୋପନରେ ପଡ଼ୋଶୀ ଦେଶକୁ ଯାଉଥିବା ହିମନ୍ତ ଅଭିଯୋଗ କରିଛନ୍ତି। ଆସାମ ବିଧାନସଭା ନିର୍ବାଚନ ପୂର୍ବରୁ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରି ହିମନ୍ତ କହିଛନ୍ତି, କୋଲବର୍ନ ଭାରତରେ କାମ କରୁଥିବାବେଳେ ଶେଖ୍ ତାଙ୍କୁ ବେତନ ପ୍ରଦାନ କରିବା ବିଦେଶୀ ଅବଦାନ ନିୟନ୍ତ୍ରଣ ଆଇନ (ଏଫ୍‌ସିଆର୍‌ଏ) ନିୟମାବଳୀର ଉଲ୍ଲଂଘନ। ୨୦୧୩ରେ ଗୋଗୋଇ ଅତ୍ୟନ୍ତ ଗୋପନରେ ପାକିସ୍ତାନ ଗସ୍ତ କରିଥିଲେ। ସେଠାରେ ସେ କୌଣସି ତାଲିମ ନେଇଥିବା ବିଶ୍ୱାସ କରାଯାଉଛି। ତେଣୁ କଂଗ୍ରେସ ନେତା ନିଜର ଉକ୍ତ ଗସ୍ତକୁ ସ୍ୱଚ୍ଛ ପ୍ରମାଣିତ କରନ୍ତୁ, ନଚେତ ରାଷ୍ଟ୍ରଦ୍ରୋହ ଅଭିଯୋଗର ସମ୍ମୁଖୀନ ହେବେ ବୋଲି ଆସାମ ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ପାକିସ୍ତାନ ସହ ସମ୍ପୃକ୍ତି ନେଇ ହିମନ୍ତଙ୍କ ଅଭିଯୋଗକୁ ଆସାମ କଂଗ୍ରେସ ସଭାପତି ଥିବା ଗୋଗୋଇ ଖଣ୍ଡନ କରିବା ସହ ଏହାକୁ ମୂର୍ଖତା ଓ ଜାଲ୍ ବୋଲି କହିଛନ୍ତି। ସେ ଉକ୍ତ ଅଭିଯୋଗକୁ ସି ଗ୍ରେଡ୍ ସିନେମାଠାରୁ ଅଧିକ ଖରାପ ସୁପର ଫ୍ଲପ୍ ଭାବେ ଅଭିହିତ କରିଛନ୍ତି।


ହିମନ୍ତ କହିଥିଲେ, ଗୋଗୋଇ, କୋଲବର୍ନ ଏବଂ ଶେଖ୍‌ଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିଛି। କୋଲବର୍ନ ଓ ଶେଖ୍ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ରର ଅଂଶବିଶେଷ ବୋଲି ବିଶ୍ୱାସ କରାଯାଉଛି। ସେମାନେ ଭାରତ ସରକାରଙ୍କୁ ଅଣଦେଖା କରି ଏକ ସ୍ଥାନୀୟ ମ୍ୟୁନିସିପାଲ ଏଜେନ୍ସି ସହ କାମ କରୁଛନ୍ତି ଏବଂ ଆସାମ ପୋଲିସ ଦ୍ୱାରା ଏହାର ତଦନ୍ତ ହୋଇପାରୁ ନାହିଁ। ତେଣୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ସ୍ତରର ତଦନ୍ତ ପାଇଁ ସୁପାରିସ କରାଯାଇଥିବା ହିମନ୍ତ କହିଛନ୍ତି। ଭାରତ ବଦଳି ହେବା ପୂର୍ବରୁ ଶେଖ୍‌ଙ୍କ ପରିଚାଳିତ ଏଲ୍‌ଇଏଡି ପାକିସ୍ତାନ ନାମକ ସଂଗଠନରେ କୁଲବର୍ନ କାର୍ଯ୍ୟ କରୁଥିଲେ। ଭାରତରେ ସେ ଉକ୍ତ ଗ୍ରୁପ୍ ସହ କାର୍ଯ୍ୟ କରୁଥିବାବେଳେ ଏଲ୍‌ଇଏଡି ପାକିସ୍ତାନ ଏଲ୍‌ଇଏଡି ଇଣ୍ଡିଆକୁ ଟଙ୍କା ପଠାଇବା ପରେ ବେତନ ପାଇଥାନ୍ତି। ଏହା ଏଫ୍‌ସିଆର୍‌ଏ ନିୟମାବଳୀର ଉଲ୍ଲଂଘନ ବୋଲି ହିମନ୍ତ ଅଭିଯୋଗ କରିଛନ୍ତି।

# ୬ ବର୍ଷୀୟା ବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

ପାଟନା,୮।୨

ବିହାର ଦରଭଙ୍ଗା ସହରର ୟୁନିଭର୍ସିଟି ଥାନା ଅଞ୍ଚଳରେ ଜଣେ ୬ ବର୍ଷୀୟା ବାଳିକାଙ୍କୁ ରବିବାର ବଳାତ୍କାର ପରେ ହତ୍ୟା କରାଯାଇଛି। ସୂତ୍ର ଅନୁଯାୟୀ, ବାଳିକା ଜଣକ ଅନ୍ୟ ୨ ଜଣଙ୍କ ସହ ଖେଳିବା ପାଇଁ ଶନିବାର ସନ୍ଧ୍ୟାରେ ଘରୁ ବାହାରି ଆସି ଆଉ ଫେରି ନ ଥିଲେ। ଘରଲୋକେ ଓ ସମ୍ପର୍କୀୟମାନେ ତାଙ୍କ ସୁରକ୍ଷାକୁ ନେଇ ଚିନ୍ତିତ ହୋଇପଡ଼ିବା ସହ ଚାରିଆଡ଼େ ଖୋଜାଖୋଜି କରିଥିଲେ। ରବିବାର ଭୋର ସମୟରେ ଏକ ପୁଷ୍କରିଣୀ ନିକଟରେ କୁକୁର ଭୁକିବା ଶବ୍ଦ ଶୁଣି ଗାଁ ଲୋକେ ସେଠାକୁ ଧାଇଁଯାଇ ବାଳିକା ଜଣକର ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦରଭଙ୍ଗାର ବରିଷ୍ଠ ଏସ୍‌ପି ଯଦୁନାଥ ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ତଦନ୍ତ ଜାରି ରହିଛି। ବାଳିକାଙ୍କୁ ଅପହରଣ କରିଥିବା ଅଭିଯୁକ୍ତଙ୍କୁ ଅନ୍ୟ ୨ ବାଳିକା ଚିହ୍ନିଥିବା କହିବାରୁ ପୋଲିସ ସେମାନଙ୍କୁ ସିସିଟିଭି ଫୁଟେଜ୍ ଦେଖାଇଥିଲା। ସେଥିରୁ ବିକାଶ ମାହାତୋ ନାମକ ଉକ୍ତ ଅଞ୍ଚଳର ଜଣେ ଯୁବକଙ୍କୁ ସେମାନେ ଚିହ୍ନଟ କରିଥିଲେ। ପୋଲିସ ବିକାଶଙ୍କୁ ଗିରଫ କରିଛି।

# ବଡ଼ ଯୋଜନାରେ ଖର୍ଚ୍ଚ ହୋଇଛି ବଜେଟର ୪୦%




ନୂଆଦିଲ୍ଲୀ,୮।୨

ଚଳିତ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟରେ ସର୍ବବୃହତ୍ ଯୋଜନାଗୁଡ଼ିକ ନିମନ୍ତେ ଯେଉଁ ଅର୍ଥ ବ୍ୟୟବରାଦ ହୋଇଥିଲା, ସରକାର ୯ ମାସ ମଧ୍ୟରେ ତାହାର ମାତ୍ର ୪୦ ପ୍ରତିଶତରୁ ସାମାନ୍ୟ ଅଧିକ ବ୍ୟୟ କରିଥିବା ଜଣାପଡ଼ିଛି। ତେଣୁ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆବଣ୍ଟିତ ଅର୍ଥର ୭୫ ପ୍ରତିଶତରୁ କମ୍ ବ୍ୟୟ ହୋଇପାରେ ବୋଲି ଆଶା କରାଯାଉଛି। ରାଜ୍ୟଗୁଡ଼ିକ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ବଜେଟ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନୁମୋଦିତ ଭାଗ ଅନୁଯାୟୀ ପାଣ୍ଠି ବ୍ୟବସ୍ଥା କରିଥାନ୍ତି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅଧୀନରେ ଭିତ୍ତିଭୂମି ପରିଚାଳନା ଯୋଜନା, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା ଯୋଜନା ଏବଂ ଅନୁସୂଚିତ ଜାତି ଓ ଅନ୍ୟମାନଙ୍କ ପାଇଁ ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ଯୋଜନାରେ ସଂଶୋଧିତ ଆକଳନ ବଜେଟ ବ୍ୟୟବରାଦ ସହ ସମାନ ରହିଛି। ଅନ୍ୟ ୩ଟି ଯୋଜନା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍), ଅନୁସୂଚିତ ଜନଜାତିଙ୍କ ପାଇଁ ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି, ପ୍ରାକୃତିକ କୃଷି ଜାତୀୟ ମିଶନରେ ସଂଶୋଧିତ ଆକଳନ ବଜେଟ ଆକଳନର ୧୦୦ ପ୍ରତିଶତରୁ ଅଧିକ ହୋଇଛି। ଅବଶିଷ୍ଟ ୪୭ଟି ଯୋଜନାରେ ସଂଶୋଧିତ ଆକଳନ ବଜେଟ ବ୍ୟୟବରାଦଠାରୁ କମ୍ ରହିଛି। ପିଏମ୍ କୃଷି ସିଞ୍ଚାଇ ଯୋଜନା ପାଇଁ ବଜେଟରେ ୮୫୦ କୋଟି ଟଙ୍କା ରଖାଯାଇଥିବାବେଳେ ସଂଶୋଧିତ ଆକଳନରେ ତାହା ୧୫୦ କୋଟି ଟଙ୍କା ରହିଛି। ଅର୍ଥାତ୍ ବଜେଟ ବ୍ୟୟବରାଦର ୬ ଭାଗରୁ ଭାଗେ।

୫୩ଟି ଯୋଜନା ପାଇଁ ବଜେଟରେ ୫ ଲକ୍ଷ କୋଟି ଟଙ୍କାରୁ ଅଧିକ ଆକଳନ କରାଯାଇଥିବାବେଳେ ସଂଶୋଧିତ ଆକଳନ ୩.୮ ଲକ୍ଷ କୋଟି ଟଙ୍କା ବା ବଜେଟ ଆବଣ୍ଟନର ୭୪.୪ ପ୍ରତିଶତ। ଡିସେମ୍ବର ୩୧ରେ ଶେଷ ହୋଇଥିବା ୯ ମାସ ସୁଦ୍ଧା ୨ ଲକ୍ଷ କୋଟିରୁ ଅଧିକ ଅର୍ଥ ଛଡ଼ାଯାଇଛି, ଯାହାକି ବଜେଟ ମଞ୍ଜୁରୀର ମାତ୍ର ୪୧.୨ ପ୍ରତିଶତ ଏବଂ ସଂଶୋଧିତ ଆକଳନର ୫୫.୪ ପ୍ରତିଶତ। ପିଏମ୍‌କେଏସ୍‌ୱାଇ- ନିୟନ୍ତ୍ରିତ ଅଞ୍ଚଳ ବିକାଶ ଓ ଜଳ ପରିଚାଳନା, ପିଏମ୍ ଇବସ୍ ସେବା, ଧରତି ଆବା ଜନଜାତିୟା ଗ୍ରାମ ଉତ୍କର୍ଷ ଅଭିଯାନ, ଜଳ ଜୀବନ ମିଶନ/ଜାତୀୟ ଗ୍ରାମୀଣ ପାନୀୟ ଜଳ ମିଶନ, ପ୍ରାଥମିକ କୃଷି ଋଣ ସୋସାଇଟିଗୁଡ଼ିକର କମ୍ପ୍ୟୁଟରୀକରଣ ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ପାଇଁ ସଂଶୋଧିତ ଆକଳନ ବଜେଟ ଅଟକଳର ୪୦ ପ୍ରତିଶତରୁ କମ୍ ରହିଛି। ସେଥିରୁ ୬ଟି ଯୋଜନାରେ ବଜେଟର ୧୦ ପ୍ରତିଶତରୁ କମ୍ ଅର୍ଥ ଛଡ଼ାଯାଇଛି। ଜଳଜୀବନ ମିଶନ ବା ଜାତୀୟ ଗ୍ରାମୀଣ ପାନୀୟ ଜଳ ମିଶନ ପାଇଁ ବଜେଟରେ ୬୭ ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ୯ ମାସରେ ଖର୍ଚ୍ଚ ହୋଇଛି ୩୧ ହଜାର କୋଟି। ବିକଶିତ ଭାରତ ପାଇଁ ପିଏମ୍ ସ୍କୁଲ୍‌ସ ଯୋଜନା ପାଇଁ ବଜେଟରେ ୭,୫୦୦ ବ୍ୟୟବରାଦ ହୋଇଥିବାବେଳେ ଖର୍ଚ୍ଚ ହୋଇଛି ମାତ୍ର ୪୭୩ କୋଟି ଟଙ୍କା। ସେହିପରି ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନାରେ ୨,୧୪୦ କୋଟି ବଜେଟ ଅର୍ଥରୁ ଖର୍ଚ୍ଚ ହୋଇଛି ମାତ୍ର ୪୦ କୋଟି ଟଙ୍କା।

# ଘରୋଇ ବିମାନ ଦୁର୍ଘଟଣାରେ ୨ ଆହତ



ନୂଆଦିଲ୍ଲୀ,୮।୨

କର୍ଣ୍ଣାଟକର ବିଜୟପୁରା ଜିଲାରେ ରବିବାର ଅପରାହ୍ଣରେ ଏକ ଘରୋଇ ପ୍ରଶିକ୍ଷଣ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ୨ ଆସନ ବିଶିଷ୍ଟ ଉକ୍ତ ବିମାନରେ ପାଇଲଟ ଓ ଅନ୍ୟ ଜଣେ ଥିବାବେଳେ ସେମାନଙ୍କୁ ଆହତ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାରେ ବିମାନଟି ଖଣ୍ଡ ଖଣ୍ଡ ହୋଇଯାଇଛି। ରେଡବାର୍ଡ ଫ୍ଲାଇଙ୍ଗ୍ ଟ୍ରେନିଂ ଏକାଡେମୀ ଲିମିଟେଡ୍ ଉକ୍ତ ବିମାନ ଚଳାଉଥିଲା। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ସୂଚନା ଅନୁଯାୟୀ, ସେସ୍‌ନା୧୭୨ ନାମକ ଉକ୍ତ ବିମାନକୁ ବେଙ୍ଗାଲୁରୁଠାରୁ ପୂର୍ବରେ ୧୦୦ କି.ମି. ଦୂର ବଗାଲକୋଟ ନିକଟରେ ଅବତରଣ ପାଇଁ ବାଧ୍ୟ କରାଯାଇଥିଲା। ବିମାନଟି କାଲାବୁରାଗିରୁ ବେଲଗାଭି ଯାଉଥିଲା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ପ୍ରାରମ୍ଭିକ ସୂଚନାରୁ ଜଣାପଡ଼ିଛି।

# ଜାପାନ ନିର୍ବାଚନ: ଶାସକ ମେଣ୍ଟ ବିଜୟୀ ହେବ

ଟୋକିଓ,୮।୨

## ଏକ୍‌ଜିଟ୍ ପୋଲ୍ ରିପୋର୍ଟ

ଜାପାନ ପାର୍ଲାମେଣ୍ଟର ନିମ୍ନ ସଦନ ପାଇଁ ରବିବାର ଅନୁଷ୍ଠିତ ନିର୍ବାଚନରେ ପ୍ରଧାନମନ୍ତ୍ରୀ ସାନାଏ ଟାକାଇଚିଙ୍କ ମେଣ୍ଟ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ବିଜୟୀ ହେବା ଏକପ୍ରକାର ନିଶ୍ଚିତ ବୋଲି ଏକ୍‌ଜିଟ୍ ପୋଲ୍‌ରେ ପୂର୍ବାନୁମାନ କରାଯାଇଛି। ନିମ୍ନ ସଦନର ୪୬୫ ଆସନ ମଧ୍ୟରୁ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି ନେତୃତ୍ୱରେ ଶାସକ ମେଣ୍ଟ ଦୁଇ-ତୃତୀୟାଂଶରୁ ଅଧିକ ଆସନ ଜିତିପାରେ ବୋଲି କୁହାଯାଉଛି। ବୃହତ୍ ଜନାଦେଶ ଫଳରେ ଟାକାଇଚି ଅର୍ଥନୀତି ଏବଂ ସାମରିକ ସାମର୍ଥ୍ୟ ବୃଦ୍ଧି ଦିଗରେ ବଡ଼ ପଦକ୍ଷେପ ନେବା ସୁଯୋଗ ପାଇବେ। ଚାଇନା ସହ ଜାପାନର ଉତ୍ତେଜନା ବଢ଼ିଥିବାରୁ ଟାକାଇଚି ଆମେରିକା ସହ ସମ୍ପର୍କ ବଢ଼ାଇବାକୁ ଉଦ୍ୟମ ଚଳାଇଛନ୍ତି।

# ଦୋଳି ଖସି ଇନ୍ସପେକ୍ଟର ମୃତ, ୧୩ ଆହତ

ଚଣ୍ଡିଗଡ଼,୮।୨

## ଅପରେଟରଙ୍କ ସମେତ ୨ ଗିରଫ

ହରିୟାଣାର ଫରିଦାବାଦରେ ଚାଲିଥିବା ସୂରଜକୁଣ୍ଡ ମେଳାରେ ରବିବାର ସୁନାମି ସ୍ୱିଙ୍ଗ(ଦୋଳି) ଖସିପଡ଼ିବାରୁ ଜଣେ ପୋଲିସ ଇନ୍ସପେକ୍ଟରଙ୍କ ମୃତ୍ୟୁ ଘଟିବା ୧୩ ଜଣ ଗୁରୁତର ଆହତ ହୋଇଥିଲେ। ଦୋଳି ଖେଳ ଚାଲିଥିଲାବେଳେ ହଠାତ୍ ଏହା ଖସିପଡ଼ିଥିଲା। ଫଳରେ ଏହା ତଳେ ଅନେକ ଲୋକ ଚାପିହୋଇ ଆହତ ହୋଇଥିଲେ। ସେମାନଙ୍କ ଉଦ୍ଧାର କାର୍ଯ୍ୟରେ ପୋଲିସ କର୍ମଚାରୀ ନିୟୋଜିତ ଥିବାବେଳେ ଦୋଳିର ଏକ ଖଣ୍ଡ ଖୁଣ୍ଟିରେ ଥିବା ଇନ୍ସପେକ୍ଟର ଜଗଦୀଶ ପ୍ରସାଦଙ୍କ ମୁଣ୍ଡରେ ବାଜିଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଆହତମାନଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ରବିବାର ଦୋଳିର ଅପରେଟର ଏବଂ ଜଣେ କର୍ମଚାରୀଙ୍କୁ ଗିରଫ କରିଛି। ୫୮ ବର୍ଷୀୟ ଜଗଦୀଶ ୧୯୮୯ରେ ହରିୟାଣା ସଶସ୍ତ୍ର ପୋଲିସରେ ଯୋଗଦେଇଥିଲେ। ଆସନ୍ତା ମାର୍ଚ୍ଚରେ ସେ ଅବସର ଗ୍ରହଣ କରିଥାନ୍ତେ। ଶନିବାର ଲୋକଙ୍କୁ ଉଦ୍ଧାର କରୁଥିବାବେଳେ ତାଙ୍କ ଜୀବନ ଚାଲିଯାଇଛି।

# ଅଭିଶପ୍ତ ଗାଁରେ ୨ ମହଲା ଘର ନାହିଁ



ରାଜସ୍ଥାନର ଚୁରୁ ଜିଲା ସର୍ଦ୍ଦାରସହର ତହସିଲରେ ଅବସ୍ଥିତ ଉଦସର ଗାଁ ଏକ ଅଜବ କାହାଣୀ ପାଇଁ ଜଣାଶୁଣା। ଏହି ଗାଁରେ କେହି ଦୁଇ ମହଲା ଘର ତିଆରି କରିନାହାନ୍ତି। ସ୍ଥାନୀୟ ଲୋକେ କୁହନ୍ତି ଏହା ଏକ ଅଭିଶପ୍ତ ଗାଁ। କେହି ଏଠାରେ ଦୁଇ ମହଲା ଘର ତିଆରି କଲେ ତାଙ୍କ ପରିବାର କଷ୍ଟର ସମ୍ମୁଖୀନ ହେବେ। ବିଶ୍ୱାସ କରାଯାଏ, ଏହି ଗାଁକୁ ୭୦୦ ବର୍ଷ ପୂର୍ବେ ଅଭିଶାପ ଦିଆଯାଇଥିଲା। ଏହା ସମଗ୍ର ଗାଁର ଜୀବନକୁ ବଦଳାଇ ଦେଇଥିଲା। ଆଜି ମଧ୍ୟ ଏହି ଗାଁରେ କେହି ଦୁଇ ମହଲା ଘର ତିଆରି କରିବାକୁ ସାହସ କରନ୍ତି ନାହିଁ। କାହାଣୀ ଅନୁଯାୟୀ, ୭୦୦ ବର୍ଷ ପୂର୍ବେ ଏହି ଗାଁରେ ଭେମିଆ ନାମକ ବ୍ୟକ୍ତି ରହୁଥିଲେ। ଚୋରମାନେ ଗାଁ ଲୋକଙ୍କ ପଶୁ ଚୋରି କରିବାକୁ ଲାଗିଲେ। ଚୋରମାନଙ୍କୁ ଦେଖି ଭେମିଆ ସେମାନଙ୍କ ସହିତ ଏକା ଯୁଦ୍ଧ କଲେ। ସେମାନେ ତାଙ୍କୁ ଗୁରୁତର କରି ରକ୍ତାକ୍ତ ଅବସ୍ଥାରେ ଛାଡ଼ିଦେଲେ। ଚୋରମାନଙ୍କଠାରୁ ରକ୍ଷା ପାଇବା ପାଇଁ ଭେମିଆ ତାଙ୍କ ଶ୍ୱଶୁର ଘରକୁ ଦୌଡ଼ି ଦ୍ୱିତୀୟ ମହଲାରେ ଲୁଚି ରହିଲେ। ଚୋରମାନେ ତାଙ୍କୁ ପିଛା କରି ଧରି ପକାଇଲେ ଓ ନିର୍ମମ ଭାବରେ ମାଡ଼ ମାରିଲେ। ଶେଷରେ ସେମାନେ ତାଙ୍କ ଗଳା କାଟିଦେଲେ। ଭେମିଆ ଲଢ଼େଇ ଜାରି ରଖି ଗାଁ ସୀମାରେ ପହଞ୍ଚିଲେ ଓ ତାଙ୍କ ଶରୀର ଉଦସର ଗାଁରେ ପଡ଼ିଗଲା। ଯେତେବେଳେ ଭେମିଆଙ୍କ ସ୍ତ୍ରୀ ଏହା ଜାଣିଲେ, ସେ କ୍ରୋଧିତ ହୋଇ ଗାଁ ଲୋକଙ୍କୁ ଅଭିଶାପ ଦେଲେ, ଗାଁରେ ଦ୍ୱିତୀୟ ମହଲାରେ ଯିଏ ଘର ତିଆରି କରିବ ସେ କଷ୍ଟରେ ରହିବ। ସେହିଦିନଠାରୁ ଉକ୍ତ ଗାଁର ଲୋକେ ଦୁଇ ମହଲା ଘର କରିବାକୁ ସାହସ କରନ୍ତି ନାହିଁ।

# ବାଣିଜ୍ୟ, ପ୍ରତିରକ୍ଷାରେ ସହଯୋଗ ବଢ଼ାଇବେ ଭାରତ, ମାଲେସିଆ

କୁଆଲାଲୁମ୍ପୁର,୮।୨(ପି.ଟି.)

## ୧୧ ଚୁକ୍ତିନାମା ସ୍ୱାକ୍ଷରିତ

ବାଣିଜ୍ୟ, ପୁଞ୍ଜିନିବେଶ, ପ୍ରତିରକ୍ଷା, ଶକ୍ତି, ଆଧୁନିକ ଉତ୍ପାଦନ ଏବଂ ସେମିକଣ୍ଡକ୍ଟର ଆଦି ସର୍ବାଧିକ ପ୍ରାଥମିକତା ଥିବା ସେକ୍ଟରରେ ଭାରତ ଓ ମାଲେସିଆ ସମ୍ପର୍କ ବଢ଼ାଇବା ପାଇଁ ରବିବାର ପ୍ରତିଜ୍ଞାବଦ୍ଧ ହୋଇଛନ୍ତି। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ପାଇଁ ଉଭୟ ପକ୍ଷ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ମାଲେସିଆ ପ୍ରଧାନମନ୍ତ୍ରୀ ଅନ୍‌ୱାର ଇବ୍ରାହିମ୍‌ଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ପରେ ମୋଦି ଆତଙ୍କବାଦ ବିରୋଧରେ ଲଢ଼େଇରେ ଭାରତର ଆଭିମୁଖ୍ୟକୁ ଦୋହରାଇଛନ୍ତି। ଆତଙ୍କବାଦ ସମ୍ପର୍କରେ ଭାରତର ବାର୍ତ୍ତା ସ୍ପଷ୍ଟ, ଯେଉଁଥିରେ କୌଣସି ଦୋମୁହାଁ ନୀତି କିମ୍ବା ସାଲିସ୍ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେମିକଣ୍ଡକ୍ଟର ସେକ୍ଟର ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗ ବଢ଼ାଇବା ପାଇଁ ଏହି ଅବସରରେ ଭାରତ ଓ ମାଲେସିଆ ମଧ୍ୟରେ ମୋଟ ୧୧ଟି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ବାଣିଜ୍ୟରେ ଭାରତୀୟ ଟଙ୍କା ଏବଂ ମାଲେସିଆର ରିଙ୍ଗିଟ୍ ବ୍ୟବହାରକୁ ପ୍ରୋତ୍ସାହନ ଦେବା ଉଦ୍ୟମକୁ ଉଭୟ ମୋଦି ଏବଂ ଇବ୍ରାହିମ୍ ପ୍ରଶଂସା କରିଛନ୍ତି। ରଣନୀତିକ ଆସ୍ଥା ଜରିଆରେ ଆର୍ଥିକ ପରିବର୍ତ୍ତନର ମାର୍ଗକୁ ପ୍ରଶସ୍ତ କରିବୁ ବୋଲି ମୋଦି କହିବା ସହ ଭାରତ-ମାଲେସିଆ ସମ୍ପର୍କକୁ ସ୍ୱତନ୍ତ୍ର ବୋଲି କହିଛନ୍ତି। ଆମେ ସାମୁଦ୍ରିକ ପଡ଼ୋଶୀ ଏବଂ ଅନେକ ଶହ ବର୍ଷ ଧରି ଦୁଇ ଦେଶର ଲୋକଙ୍କ ମଧ୍ୟରେ ନିବିଡ଼ ତଥା ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରହିଆସିଛି ବୋଲି ପ୍ରଧାନମନ୍ତ୍ରୀ କହିବା ସହ ମାଲେସିଆରେ ଭାରତୀୟ କନ୍‌ସୁଲେଟ୍ ଜେନେରାଲ ସ୍ଥାପନ କରିବାକୁ ଘୋଷଣା କରିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମାଲେସିଆ ପ୍ରତିପକ୍ଷ ଅନ୍‌ୱାର ଇବ୍ରାହିମ୍।

ପ୍ରଧାନମନ୍ତ୍ରୀ ମୋଦି ରବିବାର ମାଲେସିଆରେ ପ୍ରମୁଖ ବ୍ୟବସାୟୀ ଓ ଶିଳ୍ପପତିମାନଙ୍କୁ ଭେଟି ଆଲୋଚନା କରିଛନ୍ତି। ଭାରତୀୟ ଅଭିବୃଦ୍ଧି ଉପରେ ସେଠାର କମ୍ପାନୀଗୁଡ଼ିକର ଆଗ୍ରହକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ସେ ପେଟ୍ରୋନାସ୍‌ର ଅଧ୍ୟକ୍ଷ ତଥା ଗ୍ରୁପ୍ ସିଇଓ ଟେଙ୍ଗ୍‌କୁ ମହମ୍ମଦ ତୌଫିକ, ବେର୍ଜାୟା କର୍ପୋରେଶନ ବୋର୍ଡର ପ୍ରତିଷ୍ଠାତା ଭିନ୍‌ସେଣ୍ଟ ଟାନ୍ ଚି ୟୁଉନ୍, ଖାଜାନା ନ୍ୟାଶନାଲ ବୋର୍ଡର ପରିଚାଳନା ନିର୍ଦ୍ଦେଶକ ଅମିରୁଲ ଫୈସଲ ୱାନ୍ ଜାହିର ଏବଂ ଫିସନ ଇଲେକ୍ଟ୍ରୋନିକ୍ସର ପ୍ରତିଷ୍ଠାତା ପୁଆ ଖେଇନ୍ ସେଙ୍ଗ୍‌କୁ ଭେଟିଥିଲେ।

# ପୂର୍ବ ଶତ୍ରୁତାରୁ ହତ୍ୟା, ୪ ଗିରଫ

## ଚା' ଦୋକାନ କର୍ମଚାରୀଙ୍କୁ ଛୁରି ଭୁସି ହତ୍ୟା ଘଟଣା

### ଧରାପଡ଼ିଲେ ଘଟଣାରେ ସମ୍ପୃକ୍ତ ନାବାଳକ



ରାଉରକେଲା, ୮।୨(ସଙ୍ଗୀତା ଜେନା)

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଷ୍ଟେଶନ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଚା' ଦୋକାନ କର୍ମଚାରୀଙ୍କୁ ଛୁରି ଭୁସି ହତ୍ୟା ଘଟଣାରେ ପୋଲିସ ରବିବାର ଜଣେ ନାବାଳକଙ୍କୁ ଧରିଥିବାବେଳେ ୪ ଜଣଙ୍କୁ ଗିରଫ କରିଛି। ୪ ଅଭିଯୁକ୍ତ ହେଲେ ଗୋପବନ୍ଧୁପାଲୀ ଖଟାଲ ବସ୍ତି ହନୁମାନ ମନ୍ଦିର ନିକଟରେ ରହୁଥିବା ( ମାଷ୍ଟରମାଇଣ୍ଡ) ମୋହିତ ବାଜରା(୧୯), ଗୋପବନ୍ଧୁପାଲୀ ୱାର୍ଡ଼ ନଂ. ୩ର ଶୁଭମ୍ ପାଶ୍ୱାନ(୧୯), ବନ୍ଧମୁଣ୍ଡା ରେଲୱେ ଷ୍ଟେଶନ ରୋଡର ସିନ୍ଧୁ ତନ୍ତୀ(୨୪), ବୈଷ୍ଣୋଦେବୀ ମନ୍ଦିର ନିକଟ ଟିମ୍ବରକଲୋନୀର ରାଜବୀର ରାମ(୨୪)। ସେମାନଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ଏକ ଛୁରି, ମହିନ୍ଦ୍ରା ବୋଲେରୋ, ଗୋଟିଏ ବାଲେନୋ କାର ଓ ୫ଟି ମୋବାଇଲ ଫୋନ୍ ଜବତ ହୋଇଛି। ସମସ୍ତଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟାକାଣ୍ଡ ହୋଇଥିବା ରବିବାର ଅପରାହ୍ନ ୨ଟାରେ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ସୂଚନା ପ୍ରଦାନ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଉତ୍ତରପ୍ରଦେଶ ବଲିଆ ଜିଲା ମୂଳନିବାସୀ ଅବିନାଶ ଯାଦବ (୩୫) ଗୋପବନ୍ଧୁପାଲୀ ଅଞ୍ଚଳରେ ରହି ରାଉରକେଲା ଷ୍ଟେଶନ ନିକଟ ଏକ ଚା' ଦୋକାନରେ କାମ କରୁଥିଲେ। ଶୁକ୍ରବାର ରାତି ପ୍ରାୟ ୯ଟା ୪୫ରେ ଅମର ଭବନ ନିକଟରେ ଶୌଚାଳୟରୁ ବାହାରୁଥିବାବେଳେ ଅବିନାଶଙ୍କୁ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ହଠାତ୍ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଅମର ଭବନ ବିବାହ ମଣ୍ଡପରେ ଡିଜେ ବାଜୁଥିବା ଯୋଗୁ ତାଙ୍କ ଚିତ୍କାର କେହି ଶୁଣି ପାରି ନ ଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜେପି ହସ୍ପିଟାଲକୁ ନିଆଯିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକ କାମ କରୁଥିବା ଚା' ଦୋକାନୀ ମାଲିକ ଦେବେନ୍ଦ୍ର ଯାଦବ ଥାନାରେ ଦେଇଥିବା ଏତଲା ଅନୁଯାୟୀ ପୋଲିସ ହତ୍ୟା ମାମଲା(ନଂ ୧୨୪/୨୬) ରୁଜୁ କରି ତଦନ୍ତ କରୁଥିଲା। ଏହାପାଇଁ ୨ଟି ସ୍ୱତନ୍ତ୍ର ଟିମ୍ ରାଉରକେଲା ଏସ୍‌ପିଙ୍କ ନେତୃତ୍ୱରେ ଗଠନ ହୋଇଥିଲା। ହତ୍ୟାର ୩୬ ଘଣ୍ଟା ମଧ୍ୟରେ ଅବିନାଶଙ୍କ ହତ୍ୟାରେ ସମ୍ପୃକ୍ତ ନାବାଳକ ଓ ୪ ଅଭିଯୁକ୍ତଙ୍କୁ ଧରିବାରେ ରାଉରକେଲା ପୋଲିସ ସଫଳ ହୋଇଛି। ଅଭିଯୁକ୍ତ ସିନ୍ଧୁଙ୍କ ବିରୋଧରେ ରାଉରକେଲାର ବିଭିନ୍ନ ଥାନାରେ ୩୬ଟି ଆପରାଧିକ ମାମଲା, ଶୁଭମଙ୍କ ୪ଟି, ନାବାଳକଙ୍କ ଗୋଟିଏ ଅପରାଧିକ ରେକର୍ଡ ରହିଥିବା ଜଣାପଡ଼ିଛି। ଏସ୍‌ପି ୱାଧୱାନୀ କହିଛନ୍ତି, ଶୁକ୍ରବାର ରାତିରେ ୩ ଜଣ ଅଭିଯୁକ୍ତ ଅବିନାଶଙ୍କୁ ଧାରୁଆ ଛୁରିରେ ଛାତିରେ ବାରମ୍ବାର ଭୁସି ଫେରାର ହୋଇଯାଇଥିଲେ। ୩ ଅଭିଯୁକ୍ତ କାଣ୍ଡ ଭିଆଇ ସାରିବା ପରେ ୨ ଜଣଙ୍କ ସହଯୋଗ ଲୋଡ଼ି ବନ୍ଧମୁଣ୍ଡା ଅଞ୍ଚଳରେ ରହୁଥିଲେ। ତେବେ ହତ୍ୟା ଅଭିଯୁକ୍ତଙ୍କୁ ସହଯୋଗ ଓ ଘରେ ଲୁଚାଇବା ଅଭିଯୋଗରେ ମୋଟ ୫ଜଣ ଧରାପଡ଼ିଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର, ଡିଏସ୍‌ପି ଯତୀନ୍ଦ୍ର କୁମାର ସେଠୀ, ପ୍ଲାଣ୍ଟସାଇଟ୍ ଥାନା ଅଧିକାରୀ ବିବସ୍ୱ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଅବିନାଶ ଉତ୍ତରପ୍ରଦେଶ ବଲିଆ ମାଲିପୁର ଅଞ୍ଚଳର। ସେ ପ୍ରାୟ ୧୦ ବର୍ଷ ହେଲା ଗୋପବନ୍ଧୁପାଲୀ ଅଞ୍ଚଳରେ ରହୁଥିଲେ। ରାଉରକେଲା ରେଳ ଷ୍ଟେଶନ ପାର୍କିଂ ଲଟ୍‌ରେ ଥିବା ଧର୍ମେନ୍ଦ୍ର ଯାଦବଙ୍କ ଚା'ଦୋକାନରେ କାମ କରୁଥିଲେ। ଆସନ୍ତା ଜୁନ୍ ୧୯ରେ ତାଙ୍କ ବିବାହ ଧାର୍ଯ୍ୟ ହୋଇଥିଲା।

# ମହିଳାଙ୍କୁ ଅସଦାଚରଣ ନେଇ ହୋମଗାର୍ଡଙ୍କୁ ମାଡ଼

## ଭିଡିଓ ଭାଇରାଲ ପରେ ମୁଖ୍ୟାଳୟକୁ ବଦଳି

ଚଣ୍ଡିଖୋଲ/ବଡ଼ଚଣା,୮।୨(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି)



ଜଣେ ମହିଳାଙ୍କୁ ବାରମ୍ବାର ପିଛା କରିବା, ଖରାପ ଦେଖିବା ଓ ଖରାପ ଇଙ୍ଗିତ କରିବା ଜଣେ ହୋମଗାର୍ଡଙ୍କ ପାଇଁ ମହଙ୍ଗା ପଡ଼ିଛି। ଗ୍ରାମର ମହିଳାମାନେ ରବିବାର ଏକଜୁଟ ହୋଇ ସମ୍ପୃକ୍ତ ହୋମଗାର୍ଡଙ୍କୁ ମାଡ଼ମାରି ପୋଲିସ ଜିମା ଦେଇଛନ୍ତି। ଏଭଳି ଏକ ଘଟଣା ଘଟିଛି ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଧାନ ମଣ୍ଡଳ ଫାଣ୍ଡିରେ। ଏହି ଘଟଣାର ଭିଡିଓ ଭାଇରାଲ ଓ ଥାନା ଅଧିକାରୀଙ୍କ ସୂଚନା ଆଧାରରେ ଯାଜପୁର ଏସ୍‌ପି ସମ୍ପୃକ୍ତ ହୋମଗାର୍ଡଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଧାନମଣ୍ଡଳ ଫାଣ୍ଡିରେ କାର୍ଯ୍ୟରତ ଜଣେ ହୋମଗାର୍ଡ ନିକଟସ୍ଥ ଧାନମଣ୍ଡଳ ନିକଟରେ ଘରଭଡ଼ା ନେଇ ରହୁଥିଲେ। ସେ ଫାଣ୍ଡି ଗାଡ଼ି ଚଳାଉଥିଲେ। ଅଭିଯୋଗ ଅନୁଯାୟୀ, ଧାନମଣ୍ଡଳ ଗ୍ରାମର ଜଣେ ମହିଳାଙ୍କୁ ସେ ଖରାପ ଦୃଷ୍ଟିରେ ଦେଖୁଥିଲେ ଏବଂ ବେଳେବେଳେ ଖରାପ ଇଙ୍ଗିତ ମଧ୍ୟ କରୁଥିଲେ। ସମ୍ପୃକ୍ତ ମହିଳାଙ୍କ ସମେତ ସାହିର ଅନ୍ୟ ମହିଳାମାନେ ଏହାକୁ ବାରଣ କଲେ ମଧ୍ୟ କୌଣସି ପ୍ରଭାବ ପଡ଼ି ନ ଥିଲା। ତେଣୁ ଗ୍ରାମ ମହିଳାମାନେ ଏହାର ମୁକାବିଲା କରିବା ପାଇଁ ପ୍ରସ୍ତୁତି ହୋଇଥିଲେ। ସକାଳେ ଏକ ଗଛମୂଳରେ ହୋମଗାର୍ଡ ଜଣକ ଲୁଡି ବସିଥିଲେ। ଏହି ସମୟରେ ପୂର୍ବ ପ୍ରସ୍ତୁତି ଅନୁସାରେ ସାହିର କେତେଜଣ ମହିଳା ଆସି କାହିଁକି ଏଠି ବସିଛ ବୋଲି ପଚାରି ପ୍ରବଳ ମାଡ଼ ମାରିବା ସହିତ ତାଙ୍କୁ ଧାନମଣ୍ଡଳରୁ ତୁରନ୍ତ ବିଦା କରିବାକୁ ଦାବି କରିଥିଲେ। ଏପରିକି ଫାଣ୍ଡି ନିକଟକୁ ନେଇ ହୋହାଲ୍ଲା କରିଥିଲେ। ମାଡ଼ ମାରିବା ସମୟର ଭିଡିଓକୁ କେହି ସାମାଜିକ ଗଣମାଧ୍ୟମରେ ପ୍ରସାରିତ କରିଥିଲେ। ଏହାପରେ ବଡ଼ଚଣା ଥାନା ଅଧିକାରୀ ସୁରେନ୍ଦ୍ର କୁମାର ଜେନା ଘଟଣା ସମ୍ପର୍କରେ ଯାଜପୁର ଏସ୍‌ପିଙ୍କୁ ଅବଗତ କରାଇଥିଲେ। ଏନେଇ କୌଣସି ଅଭିଯୋଗ ହୋଇ ନାହିଁ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

# ନିବେଶ ନାଁରେ ୫୦ ଲକ୍ଷ ଠକେଇ

## କୋଲକାତାରୁ ଜଣେ ସାଇବର ଠକ ଗିରଫ

ଭୁବନେଶ୍ୱର,୮।୨(ତ୍ରିନାଥ ମହାନ୍ତି)

ନିବେଶ ନାଁରେ ୫୦ ଲକ୍ଷ ଟଙ୍କା ଠକେଇ ହୋଇଥିବା ନେଇ ସାଇବର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅରବିନ୍ଦ ପାଉଲଙ୍କୁ କୋଲକାତା ହୁଗୁଲିରୁ ଗିରଫ କରିଛି। ତାଙ୍କ ନିକଟରୁ ଏଟିଏମ୍ କାର୍ଡ, ପାଶ୍‌ବୁକ୍ ଓ ଅନ୍ୟାନ୍ୟ ଦସ୍ତାବିଜ ଜବତ ହୋଇଛି। ଠକେଇର ଶିକାର ବ୍ୟକ୍ତିଜଣକ ହେଉଛନ୍ତି ଭଗବାନପୁରରେ ରହୁଥିବା ଭାଗୀରଥି ମହାନ୍ତି। ଏକ ଅଜଣା ନମ୍ବରରୁ ତାଙ୍କ ନିକଟକୁ ମେସେଜ୍ ଆସିଥିଲା। ଅନ୍‌ଲାଇନ୍‌ରେ ଟଙ୍କା ବିନିଯୋଗ କରି ଦୁଇଗୁଣା ପାଇବାର ଲୋଭ ଦିଆଯାଇଥିଲା। ଭାଗୀରଥି ଉକ୍ତ ନମ୍ବରକୁ ଯୋଗାଯୋଗ କରିବା ପରେ ସାଇବର ଠକ ତାଙ୍କୁ ଏକାଧିକ ହ୍ୱାଟ୍ସଆପ୍ ଗ୍ରୁପରେ ଆଡ୍ କରି



ଅରବିନ୍ଦ ପାଉଲ

ଅନ୍‌ଲାଇନ୍ ଟ୍ରେଡିଂ ପାଇଁ ପରାମର୍ଶ ଦେଉଥିଲେ। ଏଥିସହ ତାଙ୍କୁ ଏକ ଆପ୍‌ରେ ଟଙ୍କା ଲଗାଇବାକୁ କହି ଆକାଉଣ୍ଟ ନମ୍ବର ଦେଉଥିଲେ। ଭାଗୀରଥି ଉକ୍ତ ନମ୍ବରରେ ବିଭିନ୍ନ କିସ୍ତିରେ ୫୦ ଲକ୍ଷ ୧୬ ହଜାର ଟଙ୍କା ଜମା କରିଥିଲେ। ଏହାପରେ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଟଙ୍କା ଉଠାଇବାକୁ କୁହାଯାଇଥିଲା। ହେଲେ ଭାଗୀରଥି ନିର୍ଦ୍ଧାରିତ ସମୟରେ ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଏପରିକି ସେ ଯୋଡ଼ି ହୋଇଥିବା ଆପରେ ତାଙ୍କ ଆକାଉଣ୍ଟ ବ୍ଲକ୍ ହୋଇଯାଇଥିଲା। ସେ ଠକାମିର ଶିକାର ହୋଇଥିବା ଜାଣି ସାଇବର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରିବା ପରେ ଏହି ନେଟ୍‌ୱର୍କ କୋଲକାତା, ମହାରାଷ୍ଟ୍ର ଏବଂ ଗୁଜରାଟକୁ ଲମ୍ବିଥିବା ଜଣାପଡ଼ିଥିଲା। ଭାଗୀରଥିଙ୍କ ଆକାଉଣ୍ଟରୁ ଯାଇଥିବା ଟଙ୍କା ମହାରାଷ୍ଟ୍ର ଏବଂ ଗୁଜରାଟରେ ଏକାଧିକ ଆକାଉଣ୍ଟକୁ ଯାଇଥିବା ଜଣାପଡ଼ିଥିଲା। ତେବେ ପ୍ରଥମ ଟଙ୍କା ଅଭିଯୁକ୍ତ ଅରବିନ୍ଦଙ୍କ ଆକାଉଣ୍ଟକୁ ଯାଇଥିଲା। ତେଣୁ ପୋଲିସ ଟିମ୍ କୋଲକାତା ହୁଗୁଲିରେ ଚଢ଼ାଉ କରି ଅରବିନ୍ଦଙ୍କୁ ଗିରଫ କରିବା ସହ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

ଏହି ଅନ୍‌ଲାଇନ୍ ଟ୍ରେଡିଂ ର‍୍ୟାକେଟ ଦେଶର ବିଭିନ୍ନ ସ୍ଥାନକୁ ଲମ୍ବିଛି। ସାଇବର ଠକ ହ୍ୱାଟ୍ସଆପରେ ଲିଙ୍କ୍ ପଠାଉଥିବା ସହ ଟେଲିଗ୍ରାମ୍ ଆପ୍‌ରେ ଗ୍ରୁପ୍ କରି ଲୋକଙ୍କୁ ଠକୁଛନ୍ତି। ଗତ ଜାନୁଆରୀରୁ ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରରେ ୧୫ଜଣ ଲୋକ ଏଭଳି ଠକାମିର ଶିକାର ହୋଇଛନ୍ତି। ତେଣୁ ଏଭଳି ଅଜଣା ଲିଙ୍କ୍ ଓ ଗ୍ରୁପ୍ ସହ ଯୋଡ଼ି ହୋଇ ଟଙ୍କା ନ ଲଗାଇବାକୁ କମିଶନରେଟ ପୋଲିସ ପରାମର୍ଶ ଦେଇଛି।

# ଝିଅର ପ୍ରେମ ବିବାହକୁ ବିରୋଧ

## ମାଡ଼ ଖାଇଲେ ମା', ମାଉସୀ

ଭଦ୍ରକ,୮।୨(ସନାତନ ରାଉତ)

ପ୍ରେମ ବିବାହକୁ ବିରୋଧ କରିବାରୁ ଝିଅର ଶାଶୁଘର ଲୋକଙ୍କଠାରୁ ମାଡ଼ ଖାଇଲେ ମା' ଓ ମାଉସୀ। ଆକ୍ରମଣରେ ମା', ମାଉସୀଙ୍କ ସମେତ ୪ଜଣ ଆହତ ହୋଇଛନ୍ତି। ଭଦ୍ରକ ବ୍ଲକ ସାବରଙ୍ଗ ଥାନା ଅଧୀନ ଗୋପାଳବିନ୍ଧା ଗ୍ରାମରେ ଶନିବାର ଅପରାହ୍ନରେ ଏଭଳି ଘଟଣା ଘଟିଛି। ଆହତମାନେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, କେଶପୁର ଗ୍ରାମର ସସ୍ମିତା ପଣ୍ଡାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କର ୨୨ ବର୍ଷୀୟା ଝିଅ ପରିବାରର ବିରୋଧ ସତ୍ତ୍ୱେ ସେହି ଗ୍ରାମର ଜଣେ ଯୁବକଙ୍କୁ କିଛିଦିନ ତଳେ ପ୍ରେମ ବିବାହ କରିଥିଲେ। ଏହି ବିବାହକୁ ବିରୋଧ କରି ସସ୍ମିତା ଓ ତାଙ୍କ ଭଉଣୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଝିଅକୁ ଫେରାଇ ଆଣିବା ପାଇଁ ସେମାନେ ବାରମ୍ବାର ଥାନାକୁ ଯାଇ ଯୋଗାଯୋଗ କରୁଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ତାଙ୍କ ଭଉଣୀ ରଶ୍ମିତା ଗୁପ୍ତ ଟଙ୍କା ଆଦାୟ କରିବାକୁ ସେହି ଗାଁ ଦେଇ ଯାଉଥିବା ବେଳେ ଝିଅର ଶାଶୁଘର ଲୋକେ ତାଙ୍କୁ ଗାଁ ଦାଣ୍ଡରେ ଅଟକାଇ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ରଶ୍ମିତା ଥାନାକୁ ଯାଉଥିବା ବେଳେ ଖବରପାଇ ସସ୍ମିତା ଜଣେ ସମ୍ପର୍କୀୟଙ୍କ ସହ ବାଇକ୍‌ରେ ଥାନାକୁ ଯାଉଥିଲେ। ଯିବା ବାଟରେ ସେମାନଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିବା ସସ୍ମିତା ଅଭିଯୋଗରେ ଦର୍ଶାଇଛନ୍ତି। ସସ୍ମିତାଙ୍କ ଅଭିଯୋଗକ୍ରମେ ଏକ ମାମଲା(ନଂ.୪୩/୨୬) ରୁଜୁ ହୋଇଛି। ଅପରପକ୍ଷେ ସସ୍ମିତାଙ୍କ ଝିଅର ଶାଶୁଘର ଲୋକେ ସେମାନଙ୍କୁ ଆକ୍ରମଣ କରାଯାଇଥିବା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏନେଇ ଏକ ମାମଲା (ନଂ.୪୫/୨୬) ରୁଜୁ ହୋଇଛି। ସାବରଙ୍ଗ ଥାନାଧିକାରୀ ଶାନ୍ତନୁ କୁମାର ଜେନା କହିଛନ୍ତି, ପ୍ରେମ ବିବାହକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ପରେ ୬ଜଣ ଆହତ ହୋଇଛନ୍ତି। ଉଭୟ ପକ୍ଷରୁ ଅଭିଯୋଗ ହୋଇଥିବା ବେଳେ ୨ଟି ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# Business

# ବଜାରରେ ହୋଣ୍ଡାର ୨ ନୂଆ ଉତ୍ପାଦ





ଭୁବନେଶ୍ୱର,୮।୨(ଅନୁରାଧା ମହାରଣା)

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ଦୁଇଟି ନୂଆ ଉତ୍ପାଦ ବଜାରରେ ଉପଲବ୍ଧ ହୋଇଛି। ଡିଓ ୧୨୫ ଏକ୍ସ-ଏଡିସନ୍‌ର ମୂଲ୍ୟ ୮୭,୭୩୩ ଟଙ୍କା ରହିଥିବାବେଳେ ଶାଇନ୍ ୧୨୫ ଲିମିଟେଡ୍ ଏଡିଶନ୍‌ର ମୂଲ୍ୟ ୮୬,୨୧୧ ଟଙ୍କା (ଦିଲ୍ଲୀ-ଏକ୍ସ ଶୋ'ରୁମ୍) ରହିଛି। ଉଭୟ ସ୍ୱତନ୍ତ୍ର ଏଡିଶନ୍‌ର ଗାଡ଼ି ଆକର୍ଷଣୀୟ ନୂଆ ଗ୍ରାଫିକ୍ସ ଓ ପ୍ରିମିୟମ ଡିଜାଇନ ଉନ୍ନତି ସହ ଆସିଛି। ଏଚ୍‌ଏମ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ସୁତ୍‌ସୁମୁ ଓଟାନି କହିଛନ୍ତି, ହୋଣ୍ଡାରେ ଆମେ ସର୍ବଦା ଏଭଳି ଉତ୍ପାଦ ଆଣିବାକୁ ଉଦ୍ୟମ କରୁଛୁ, ଯାହା ଭାରତର ନୂଆ ପିଢ଼ିର ଚାଳକଙ୍କ ଆକାଂକ୍ଷା ସହ ଖାପ ଖାଉଥିବ। ଏଚ୍‌ଏମ୍‌ଏସ୍‌ଆଇର ନିର୍ଦ୍ଦେଶକ (ସେଲ୍ସ ଓ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ହୋଣ୍ଡାର ନିଜସ୍ୱ ଜେନ୍-ଜି ଡିଜାଇନ ଟିମ୍ ଦ୍ୱାରା ବିକାଶ କରାଯାଇଥିବା ଡିଓ ୧୨୫ ଏକ୍ସ-ଏଡିସନ ଏକ ଶକ୍ତିଶାଳୀ ଓ ଯୁବସୁଲଭ ଶକ୍ତିକୁ ଆକାର ପ୍ରଦାନ କରିଛି, ଯାହାକୁ ଆଜିର ଯୁବ ଚାଳକଙ୍କ ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରିବାକୁ ଗଠନ କରାଯାଇଛି।

# ଓଡ଼ିଶାରେ ଏଆଇ ପାର୍କ ପାଇଁ ୨୦ ହଜାର କୋଟି ନିବେଶ ପ୍ରସ୍ତାବ

ଭୁବନେଶ୍ୱର,୮।୨(ଅନୁରାଧା ମହାରଣା)

ଓଡ଼ିଶା ଏକ ନୂତନ ଡିଜିଟାଲ ପରିବର୍ତ୍ତନ ଯୁଗର ଦ୍ୱାରଦେଶରେ ଠିଆ ହୋଇଛି। ରାଜ୍ୟରେ ପ୍ରଚୁର ଭୌତିକ ସାମର୍ଥ୍ୟ ରହିଆସିଛି। ଏହା ଖଣିଜ ପଦାର୍ଥରେ ସମୃଦ୍ଧ, ଶକ୍ତି ବଳକା ଏବଂ ଶିଳ୍ପ ବିକାଶରେ ଦୃଢ଼ ରହିଛି। ଏହି ରଣନୀତିକ ସୁବିଧାକୁ ଡିଜିଟାଲ ଇଣ୍ଟେଲିଜେନ୍ସରେ ପରିବର୍ତ୍ତନ ଲାଗି ପ୍ରୟାସ କରାଯାଉଛି। ଏକ ସାର୍ବଭୌମ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ କ୍ଷମତା ହବ ବିକାଶ ପାଇଁ ଓଡ଼ିଶା ସର୍ବମ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହା ଓଡ଼ିଶାକୁ ଭାରତର ଅଗ୍ରଣୀ ଏଆଇ କ୍ଷମତା ପ୍ରଦାନକାରୀ ଭାବରେ ଉଭା କରିଛି। ରାଜ୍ୟରେ ଏଆଇ ପାର୍କ ବିକାଶ ପାଇଁ ୨୦ ହଜାର କୋଟି ଟଙ୍କାର ନିବେଶ ପ୍ରସ୍ତାବ ରହିଛି। ସର୍ବମ ଏଆଇ ଓଡ଼ିଶା ସରକାରଙ୍କ ସହାୟତାରେ ୨୫ ହଜାର ଜିପିୟୁ ହୋଷ୍ଟ କରିବାକୁ ସକ୍ଷମ ଏକ ୫୦ ମେଗାୱାଟ ଏଆଇ ଅପ୍ଟିମାଇଜ୍ ସୁବିଧା ବିକଶିତ କରିବାକୁ ଯୋଜନା କରିଛି। ଏହି ଭିତ୍ତିଭୂମିକୁ ସ୍ପ୍ରିଡ ଉଦ୍ଦେଶ୍ୟ ନେଇ ଡିଜାଇନ କରାଯିବ। ପ୍ରଥମତଃ, ଏହା ରାଜ୍ୟର ଏଆଇ ସାର୍ବଜନୀନ ଉପଯୋଗିତା ଭାବରେ କାର୍ଯ୍ୟ କରିବ। ଏହା ଇ-ଗଭର୍ଣ୍ଣାନ୍ସ, ସାଟେଲାଇଟ ଏବଂ ପାଣିପାଗ ତଥ୍ୟ ବ୍ୟବହାର କରି କୃଷି ପରାମର୍ଶ, ସ୍ୱାସ୍ଥ୍ୟସେବା ଟ୍ରାଏଜ ଏବଂ ନାଗରିକ ସହାୟତା ତଥା ବହୁଭାଷୀ ନାଗରିକ ସେବା ଇଣ୍ଟରଫେସ୍‌କୁ ସମର୍ଥନ କରିବ। ଫଳରେ ଜନସଂଖ୍ୟା ପାଇଁ ଅଧିକ ସୁଲଭ ଏବଂ ପ୍ରତିକ୍ରିୟାଶୀଳ ଜନସେବାକୁ ସକ୍ଷମ କରାଯାଇପାରିବ। ଏହା ଓଡ଼ିଶାକୁ ଭାରତ କମ୍ପ୍ୟୁଟ ମେରୁଦଣ୍ଡ ଭାବରେ ସ୍ଥାନିତ କରିବ। ଯଦି ସାର୍ବଭୌମ କ୍ଷମତା ବ୍ୟାପକ ଭାବେ ନିର୍ମାଣ କରା ନ ଯାଏ, ତେବେ ଭାରତରେ ଏଆଇ ଅଭିବୃଦ୍ଧି କମ୍ପ୍ୟୁଟ-ସୀମିତ ହେବ। ତେଣୁ ଏହି ହବ କେବଳ ଓଡ଼ିଶାକୁ ସେବା କରିବ ନାହିଁ ବରଂ ଅନ୍ୟ ରାଜ୍ୟ ଏବଂ ଜାତୀୟ ପ୍ଲାଟଫର୍ମଗୁଡ଼ିକୁ ନିର୍ଭରଯୋଗ୍ୟ, ଉତ୍ପାଦନ-ଗ୍ରେଡ ଏଆଇ କ୍ଷମତା ପ୍ରଦାନ କରି ଏକ ଦେଶବ୍ୟାପୀ କମ୍ପ୍ୟୁଟ ଗ୍ରିଡ ପ୍ରଦାନ କରିବ।

# ରୁଷିଆ ମେଡିକାଲ ୟୁନିଭର୍ସିଟିରେ ଛୁରାମାଡ଼, ୪ ଭାରତୀୟ ଛାତ୍ର ଆହତ

ମସ୍କୋ,୮।୨

ରୁଷିଆର ଉଫାସ୍ଥିତ ମେଡିକାଲ ୟୁନିଭର୍ସିଟି ହଷ୍ଟେଲ୍ସ ହଲରେ ରବିବାର ବିଦେଶୀ ଛାତ୍ରମାନଙ୍କ ଉପରେ ଜଣେ ସ୍ଥାନୀୟ ଯୁବକ ଛୁରିରେ ଆକ୍ରମଣ କରିଛି। ଏହି ଘଟଣାରେ ୪ ଭାରତୀୟ ଛାତ୍ରଙ୍କ ସମେତ ୮ଜଣ ଆହତ ହୋଇଛନ୍ତି। ଯୁବକ ଜଣଙ୍କୁ ଗିରଫ କରିବାକୁ ଯାଇ ୨ ପୋଲିସ ଅଧିକାରୀ ମଧ୍ୟ ଆହତ ହୋଇଛନ୍ତି। ଆକ୍ରମଣର କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ଯୁବକଙ୍କୁ ପୋଲିସ ଗିରଫକରି ପଚରାଉଚରା କରୁଥିବା ଆଭ୍ୟନ୍ତରୀଣ ସୁରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ୯ ମାସର ଆର୍ଥିକ ଫଳାଫଳ ଘୋଷଣାକଲା ଏଲ୍ଆଇସି

ଭୁବନେଶ୍ୱର,୮।୨(ଅନୁରାଧା ମହାରଣା)

ଭାରତୀୟ ଜୀବନ ବିମା ନିଗମ (ଏଲଆଇସି) ୨୦୨୫ ଡିସେମ୍ବର ୩୧ରେ ସମାପ୍ତ ୯ ମାସର ଆର୍ଥିକ ଫଳାଫଳରେ ଉତ୍ସାହଜନକ ପ୍ରଦର୍ଶନ ଦର୍ଶାଇଛି। ଏହି ଅବଧିରେ ଟିକସ ପରେ ଲାଭ ୧୬.୬୮% ବୃଦ୍ଧି ପାଇ ୩୩,୧୯୮ କୋଟି ଟଙ୍କାରେ ପହଞ୍ଚିଛି। ସମଗ୍ର ପ୍ରିମିୟମ ଆୟ ୯.୦୨ ପ୍ରତିଶତ ବଢ଼ି ୩,୭୧,୨୯୩ କୋଟି ଟଙ୍କା ହୋଇଛି। ବ୍ୟକ୍ତିଗତ ବ୍ୟବସାୟରେ ନନ-ପାର୍ ଏପିଇ ୪୭.୪୪% ବୃଦ୍ଧି ପାଇ ୧୦,୦୪୫ କୋଟି ଟଙ୍କାରେ ପହଞ୍ଚିଛି, ଯାହା ବ୍ୟକ୍ତିଗତ ବ୍ୟବସାୟରେ ଏହାର ଅଂଶକୁ ୩୬.୪୬ ପ୍ରତିଶତକୁ ବଢ଼ାଇଛି। ସମଗ୍ର ଏପିଇ ୧୫.୮୮ ପ୍ରତିଶତ ବଢ଼ି ୪୪,୦୦୭ କୋଟି ଟଙ୍କା ହୋଇଛି। ନୂଆ ବ୍ୟବସାୟର ମୂଲ୍ୟ (ଭିଏନ୍‌ବି) ୨୨.୭୫% ବଢ଼ି ୮,୨୮୮ କୋଟି ଟଙ୍କା ହୋଇଛି ଏବଂ ନେଟ ଭିଏନବି ମାର୍ଜିନ ୧୭୦ ବେସିସ ପଏଣ୍ଟ ବୃଦ୍ଧି ପାଇ ୧୮.୮%ରେ ପହଞ୍ଚିଛି। ଆସେଟ୍ ଅଣ୍ଡର୍ ମ୍ୟାନେଜମେଣ୍ଟ ୮.୦୧ ପ୍ରତିଶତ ବଢ଼ି ୫୯,୧୬,୬୮୦ କୋଟି ଟଙ୍କା ହୋଇଛି। ସଲଭେନ୍ସି ଅନୁପାତ ୨.୦୨ରୁ ବଢ଼ି ୨.୧୯ ହୋଇଛି ଏବଂ ଖର୍ଚ୍ଚ ଅନୁପାତ ୧୩୨ ବେସିସ ପଏଣ୍ଟ ହ୍ରାସ ପାଇ ୧୧.୭୫%ରେ ପହଞ୍ଚିଛି। ପ୍ରଥମ ବର୍ଷ ପ୍ରିମିୟମ ଆଧାରରେ ଏଲଆଇସିର ବଜାର ଅଂଶ ୫୭.୭୫% ରହିଛି। ଏଲଆଇସିର ସିଇଓ ଆର୍. ଦୋରାଇସ୍ୱାମୀ କହିଛନ୍ତି ଯେ ନନ-ପାର୍ ଅଂଶ ଓ ଭିଏନବି ମାର୍ଜିନରେ ଉନ୍ନତି ସହ ବିମା ସଖୀ ଯୋଜନା ଅଧୀନରେ ୨.୭୫ ଲକ୍ଷରୁ ଅଧିକ ମହିଳା ଏଜେଣ୍ଟ ନିଯୁକ୍ତ ହୋଇଛନ୍ତି ଏବଂ କମ୍ପାନୀ ୨୦୪୭ ସୁଦ୍ଧା 'ସମସ୍ତଙ୍କ ପାଇଁ ବୀମା' ଲକ୍ଷ୍ୟ ଆଡ଼କୁ ଅଗ୍ରସର ହୋଇଛି।

# ସମ୍ପୂର୍ଣ୍ଣ ହୋଇଛି ୧୬୨ ଅମୃତ ଭାରତ ଷ୍ଟେଶନ କାର୍ଯ୍ୟ

## ଅଶ୍ୱିନୀ ବୈଷ୍ଣବଙ୍କ ସୂଚନା

ଭୁବନେଶ୍ୱର,୮।୨
(ଅନୁରାଧା ମହାରଣା)



ଅଶ୍ୱିନୀ ବୈଷ୍ଣବ।

ଦେଶରେ ଷ୍ଟେଶନଗୁଡ଼ିକର ପୁନର୍ବିକାଶ ପାଇଁ ରେଳ ମନ୍ତ୍ରାଳୟ ଅମୃତ ଭାରତ ଷ୍ଟେଶନ ଯୋଜନା ଆରମ୍ଭ କରିଛି। ଏହି ଯୋଜନା ଅଧୀନରେ ଦେଶରେ ୧୬୨ଟି ଅମୃତ ଭାରତ ଷ୍ଟେଶନର କାର୍ଯ୍ୟ ସମାପ୍ତ ହୋଇଥିବା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଯୋଜନା ଅନୁସାରେ, ଷ୍ଟେଶନ ଏବଂ ଆଖପାଖ ଅଞ୍ଚଳର ଉନ୍ନତି ସହରର ଉଭୟ ପାର୍ଶ୍ୱ ସହିତ ଷ୍ଟେଶନର ସଂଯୋଗୀକରଣ ଷ୍ଟେଶନ ଭବନର ଉନ୍ନତୀକରଣ କରାଯାଉଛି। ପ୍ରତୀକ୍ଷା କକ୍ଷ, ଶୌଚାଳୟ, ବସିବା ବ୍ୟବସ୍ଥା, ଜଳ ବୁଥଗୁଡ଼ିକର ଉନ୍ନତି କରାଯାଉଛି। ଯାତ୍ରୀ ଯାତାୟାତ ଅନୁକୂଳ ପ୍ରଶସ୍ତ ଫୁଟ ଓଭର ବ୍ରିଜ୍, ଏୟାର କନକୋର୍ସ ବ୍ୟବସ୍ଥା, ଲିଫ୍ଟ, ଏସ୍କାଲେଟର, ରାମ୍ପର ବ୍ୟବସ୍ଥା ପ୍ଲାଟଫର୍ମ ଚଟାଣ ଏବଂ ପ୍ଲାଟଫର୍ମ ଛାତର ଉନ୍ନତି ବ୍ୟବସ୍ଥା କରାଯାଉଛି। ସେହିପରି ୱାନ ଷ୍ଟେଶନ ୱାନ ପ୍ରଡକ୍ଟ ଭଳି ଯୋଜନା ମାଧ୍ୟମରେ ସ୍ଥାନୀୟ ଉତ୍ପାଦ ପାଇଁ କିଓସ୍କ ବ୍ୟବସ୍ଥା, ପାର୍କିଂ କ୍ଷେତ୍ର, ବହୁମୁଖୀ ସଂଯୋଗୀକରଣ ଦିବ୍ୟାଙ୍ଗଜନଙ୍କ ପାଇଁ ସୁବିଧା, ଉନ୍ନତ ଯାତ୍ରୀ ସୂଚନା ବ୍ୟବସ୍ଥା, ପ୍ରତ୍ୟେକ ଷ୍ଟେଶନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ଲାଉଞ୍ଜ, ବ୍ୟବସାୟିକ ବୈଠକ ପାଇଁ ମନୋନୀତ ସ୍ଥାନ, ଲ୍ୟାଣ୍ଡସ୍କେପିଙ୍ଗ ଇତ୍ୟାଦି ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଯୋଜନାରେ ସ୍ଥାୟୀ ଏବଂ ପରିବେଶ ଅନୁକୂଳ, ଆବଶ୍ୟକତା ଅନୁଯାୟୀ ବାଲାଷ୍ଟଲେସ ଟ୍ରାକ ଇତ୍ୟାଦି ବ୍ୟବସ୍ଥା, ପର୍ଯ୍ୟାୟ ଏବଂ ସମ୍ଭାବ୍ୟତା ଏବଂ ଦୀର୍ଘକାଳୀନ ଷ୍ଟେଶନରେ ସିଟି ସେଣ୍ଟର ସୃଷ୍ଟି କରିବାର ପରିକଳ୍ପନା କରାଯାଇଛି। ଏହି ଯୋଜନା ଅଧୀନରେ ବିକାଶ ପାଇଁ ଏ ପର୍ଯ୍ୟନ୍ତ ୧୩୩୭ଟି ଷ୍ଟେଶନ ଚିହ୍ନଟ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୬୨ଟି ଷ୍ଟେଶନରେ କାର୍ଯ୍ୟ ଶେଷ ହୋଇଛି। ରେଳ ଷ୍ଟେଶନରେ ମାଗଣା ଷ୍ଟଲ ଆବଣ୍ଟନ ପାଇଁ ବର୍ତ୍ତମାନର ନୀତିରେ କୌଣସି ବ୍ୟବସ୍ଥା ନାହିଁ।

# ଟାଟା ଷ୍ଟିଲକୁ ୨୭୩୦ କୋଟିର ନେଟ୍ ଲାଭ

ଭୁବନେଶ୍ୱର,୮।୨
(ଅନୁରାଧା ମହାରଣା)

ଟାଟା ଷ୍ଟିଲ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ୨୭୩୦ କୋଟି ଟଙ୍କାର ନେଟ୍ ଲାଭ ହାସଲ କରାଯାଇଛି। ଏହା ଗତବର୍ଷ ତୁଳନାରେ ୭୫% ବୃଦ୍ଧି ପାଇଛି। ୨୦୨୫ ଅକ୍ଟୋବରରୁ ଡିସେମ୍ବର ତିନି ମାସରେ କମ୍ପାନୀର ଆୟ ୫୭,୦୦୨ କୋଟି ଟଙ୍କା ଏବଂ ଏବିଟଡା ୮୩୦୯ କୋଟି ଟଙ୍କା ହୋଇଛି। ଏବିଟଡା ଗତ ବର୍ଷ ତୁଳନାରେ ୩୯% ବୃଦ୍ଧି ପାଇଛି। ଭାରତରେ କମ୍ପାନୀର ଆୟ ୩୫,୭୨୫ କୋଟି ଟଙ୍କା ଓ ଏବିଟଡା ୮୧୯୭ କୋଟି ଟଙ୍କା ହୋଇଛି, ଯାହା ୨୩% ମାର୍ଜିନ ସୃଷ୍ଟି କରିଛି। ଅଶୋଧିତ ଇସ୍ପାତ ଉତ୍ପାଦନ ଗତ ବର୍ଷ ତୁଳନାରେ ୧୨% ବଢ଼ି ୬.୩୪ ନିୟୁତ ଟନ୍ ହୋଇଛି। ନେଦରଲାଣ୍ଡସରେ କମ୍ପାନୀର ଆୟ ୫୫ ନିୟୁତ ୟୁରୋ ଓ ଏବିଟଡା ୫୫ ନିୟୁତ ୟୁରୋ ହୋଇଛି। ତରଳ ଇସ୍ପାତ ଉତ୍ପାଦନ ୧.୬୮ ନିୟୁତ ଟନ୍ ଓ ଯୋଗାଣ ୧.୪୦ ନିୟୁତ ଟନ୍ ହୋଇଛି।

ବ୍ରିଟେନରେ କମ୍ପାନୀର ଆୟ ୪୬୮ ନିୟୁତ ପାଉଣ୍ଡ ଓ ଡେଲିଭରି ୦.୫୧ ନିୟୁତ ଟନ୍ ରହିଛି। କମ୍ପାନୀ ଏହି ତିନି ମାସରେ ପୁଞ୍ଜି ବ୍ୟୟ ୩୨୯୧ କୋଟି ଟଙ୍କା ଏବଂ ୯ ମାସରେ ୧୦,୩୭୦ କୋଟି ଟଙ୍କା ରହିଛି। ନିଟ୍ ଋଣ ତ୍ରୟମାସିକ ଭିତ୍ତିରେ ୫୨୦୬ କୋଟି ଟଙ୍କା ହ୍ରାସ ପାଇଁ ୮୧,୩୩୪ କୋଟି ଟଙ୍କାରେ ପହଞ୍ଚିଛି। ଟାଟା ଷ୍ଟିଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପରିଚାଳନା ନିର୍ଦ୍ଦେଶକ ଟି. ଭି. ନରେନ୍ଦ୍ରନ କହିଛନ୍ତି , 'ଆମର ବିଶ୍ୱ ପରିଚାଳନା ପରିବେଶ ଟାରିଫ୍, ଭୂ-ରାଜନୈତିକ ପରିବର୍ତ୍ତନ ଏବଂ ନୀତି ପାର୍ଥକ୍ୟ ଯୋଗୁ ପ୍ରଭାବିତ ହେଉଛି। ଟାଟା ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ମୁଖ୍ୟ ଆର୍ଥିକ ଅଧିକାରୀ କୌଶିକ ଚଟ୍ଟୋପାଧ୍ୟାୟ କହିଛନ୍ତି, ଆହ୍ୱାନପୂର୍ଣ୍ଣ ପରିଚାଳନା ପରିବେଶ ସତ୍ତ୍ୱେ ଟାଟା ଷ୍ଟିଲ ସ୍ଥିର ପ୍ରଦର୍ଶନ ଦେଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଇଂଲଣ୍ଡର ରୋମାଞ୍ଚକ ବିଜୟ

ମୁମ୍ବାଇ,୮।୨

ଚଳିତ ଟି୨୦ ବିଶ୍ୱକପ୍‌ରେ ରବିବାର ଅପରାହ୍ନରେ ଖେଳାଯାଇଥିବା ଏକ ରୋମାଞ୍ଚକ ପୂର୍ଣ୍ଣ ମ୍ୟାଚ୍‌ରେ ଇଂଲଣ୍ଡ ୪ ରନରେ ନେପାଳକୁ ହରାଇ ଦେଇଛି। ଇଂଲଣ୍ଡ ଦ୍ୱାରା ପ୍ରଦତ୍ତ ୧୮୫ ରନର ଟାର୍ଗେଟକୁ ନେଇ ଓହ୍ଲାଇଥିବା ନେପାଳ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୬ ଉଇକେଟ ହରାଇ ୧୮୦ ରନ କରିପାରି ଥିଲା। ମ୍ୟାଚ୍‌ରେ ଇଂଲଣ୍ଡ ପାଇଁ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ୱିଲ ଜ୍ୟାକ୍ସଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଇଂଲଣ୍ଡ ଆସନ୍ତା ୧୧ ତାରିଖରେ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ଭେଟିବ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୮୪ ରନ କରିଥିଲା। ଦଳ ପାଇଁ ଜେକବ ବେଥେଲ ୫୫ (୪ ଲେଖାଏ ଚୌକା ଓ ଛକା) ଓ ଅଧିନାୟକ ହ୍ୟାରୀ ବ୍ରୁକ ୫୩ (୪ ଚୌକା ଓ ୩ ଛକା) ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ୱିଲ ଜ୍ୟାକ୍ସ ୧୮ ବଲରେ ୩୯ (୧ ଚୌକା ଓ ୪ ଛକା) ଓ ଜୋସ ବଟଲର ୨୬ (୫ ଚୌକା) ରନ୍ କରିଥିଲେ। ନେପାଳ ପକ୍ଷରୁ ଦିପେନ୍ଦ୍ର ସିଂ ଆଇରି ଓ ନନ୍ଦନ ଯାଦବ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ନେପାଳ ପାୱାରପ୍ଲେ ଓଭର ମଧ୍ୟରେ ଦୁଇ ଓପନର ଅସିଫ ଶେଖ (୭) ଓ କୁଶାଳ ଭୁର୍ତ୍ତେଲ (୨୯ ରନ୍, ୪ ଚୌକା ଓ ୧ ଛକା)ଙ୍କୁ ହରାଇଥିଲା। ଅଧିନାୟକ ରୋହିତ ପୌଡେଲ (୩୯ରନ, ୨ ଲେଖାଏ ଚୌକା ଓ ଛକା) ଓ ଦିପେନ୍ଦ୍ର ସିଂ ଆଇରି (୪୪ରନ, ୬ ଚୌକା ଓ ୧ ଛକା) ତୃତୀୟ ଉଇକେଟରେ ୫୪ ବଲରେ ଦ୍ରୁତ ୮୨ ରନ ଯୋଡ଼ିଥିଲେ। ହେଲେ ଦୁଇ ସେଟ୍ ବ୍ୟାଟର କ୍ରମାଗତ ଓଭରରେ ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ଲୋକେଶ ବାମ ୨୦ ବଲରେ ବିସ୍ଫୋରକ ବ୍ୟାଟିଂ କରି ୩୯ (୪ ଚୌକା ଓ ୨ ଛକା) ରନ କରି ଅପରାଜିତ ରହିଥିଲେ। ତାଙ୍କ ଇନିଂସ ଯୋଗୁ ନେପାଳ ପାଖରେ ବିଜୟ ସୁଯୋଗ ସୃଷ୍ଟି ହୋଇଥିଲା। ଦଳକୁ ଅନ୍ତିମ ଓଭରରେ ଜିତିବା ପାଇଁ ୧୦ ରନ ଦରକାର ଥିବା ଇଂଲଣ୍ଡର ସାମ୍ କୁରାନ ଚମତ୍କାର ବୋଲିଂ କରି ନେପାଳକୁ କେବଳ ୫ ରନ କରିବାକୁ ଦେଇଥିଲେ। ଫଳରେ ନେପାଳ ୨୦ ଓଭରରେ ୬ ଉଇକେଟ ହରାଇ ୧୮୦ ରନ କରିବାକୁ ସକ୍ଷମ ହୋଇଥିଲା।

### ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ: ୨୦ ଓଭରରେ ୧୮୪/୭ (ଜେକବ ବେଥେଲ-୫୫, ହ୍ୟାରୀ ବ୍ରୁକ-୫୩, ୱିଲ ଜ୍ୟାକ୍ସ-୩୯*, ଦିପେନ୍ଦ୍ର ହସିଂ ଆଇରି-୨/୨୩, ନନ୍ଦନ ଯାଦବ-୨/୨୫)। ନେପାଳ: ୨୦ ଓଭରରେ ୧୮୦/୬ (ଦିପେନ୍ଦ୍ର ସିଂ ଆଇରି-୪୪, ରୋହିତ ପୌଡେଲ-୩୯, ଲୋକେଶ ବାମ-୩୯*, ଲିଆମ ଡସନ-୨/୨୧)।



ଶେଷ ଓଭରରେ ଚମତ୍କାର ବୋଲିଂ କରି ଇଂଲଣ୍ଡକୁ ଜିତାଇଥିବା ସାମ୍ କୁରାନଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

## ଟି୨୦ ବିଶ୍ୱକପ୍

(ଆଜିର ମ୍ୟାଚ୍)

**ସ୍କଟଲାଣ୍ଡ ବନାମ ଇଟାଲୀ**
ସ୍ଥାନ: କୋଲକାତା, ସମୟ: ପୂର୍ବାହ୍ନ ୧୧ଟା

**ଜିମ୍ବାୱେ ବନାମ ଓମାନ**
ସ୍ଥାନ: କଲମ୍ବୋ, ସମୟ: ଅପରାହ୍ନ ୩ଟା

**ଦକ୍ଷିଣ ଆଫ୍ରିକା ବନାମ କାନାଡ଼ା**
ସ୍ଥାନ: ଅହମଦାବାଦ, ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଜିଓ ହଟ୍‌ଷ୍ଟାର

# ଓପନ ଚେସ୍: ସଞ୍ଜୀବନ ଚାମ୍ପିୟନ



ପୁରସ୍କାର ସହ ଚାମ୍ପିୟନ ସଞ୍ଜୀବନ ନାୟକ।

ଭୁବନେଶ୍ୱର, ୮।୨ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୯ମ ରାଧା ରମଣ ପାଣିଗ୍ରାହୀ ସ୍ମାରକୀ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ବଡଗଡସ୍ଥିତ ଓଁ ଗୁରୁକୁଳ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସଞ୍ଜୀବନ ନାୟକ ୪.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ବିଶ୍ୱନାଥ ମହାପାତ୍ର, ସ୍ୱପ୍ନିଲ ପ୍ରିୟଦର୍ଶୀ ଓ ରଶ୍ମିତା ପାତ୍ର ୪ ପଏଣ୍ଟ ଲେଖାଏ ପାଇ ପଛକୁପଛ ରହିଛନ୍ତି। ମୁଖ୍ୟ ପୁରସ୍କାର ବ୍ୟତୀତ ବିଭିନ୍ନ ବୟସ ଓ ବାଳିକା ବର୍ଗରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ଏବଂ ୩ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ ବିଶ୍ୱନାଥ ଗୋପାଳ ପ୍ରସାଦ ଓ ସ୍କୁଲ ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ କନୋଜ ବେହୁରା, ସ୍ୱର୍ଗତ ରାଧାରମଣଙ୍କ ବୋହୂ ଶୁଭଲକ୍ଷ୍ମୀ ପାଣିଗ୍ରାହୀ, ନାତୁଣୀ ଶୁଭଶ୍ରୀ ପାଣିଗ୍ରାହୀ ଓ ଶୁଭସ୍ମିତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ସୁପର-୮ ପାଇଁ ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୮।୨ (ତପନ ସ୍ୱାଇଁ)

ନଗେଶ ଟ୍ରଫି ଜାତୀୟ ଦୃଷ୍ଟିବାଧିତ ପୁରୁଷ କ୍ରିକେଟ ପ୍ରତିଯୋଗିତାର ସୁପର-୮ ପର୍ଯ୍ୟନ୍ତ ଚଳିତ ମାସ ୯ରୁ ୧୩ ପର୍ଯ୍ୟନ୍ତ ଦିଲ୍ଲୀରେ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଦଳର ୧୬ ଦିନିଆ ପ୍ରଶିକ୍ଷଣ ଏବଂ ପ୍ରସ୍ତୁତି ଶିବିର ହାଇ-ଟେକ୍ ମେଡିକାଲ କଲେଜ ଗ୍ରାଉଣ୍ଡରେ ହେବାପରେ ରବିବାର ଦଳ ଘୋଷଣା କରାଯାଇଛି। ଦିଲ୍ଲୀରେ ପହଞ୍ଚି ଯାଇଥିବା ଓଡ଼ିଶା ଦଳ ଏହାର ପ୍ରଥମ ସୁପର-୮ ମ୍ୟାଚ ସୋମବାର ଉତ୍ତରାଖଣ୍ଡ ବିପକ୍ଷରେ ଖେଳିବ।

**ନଗେଶ ଟ୍ରଫି ଜାତୀୟ ଦୃଷ୍ଟିବାଧିତ କ୍ରିକେଟ**

**ଓଡ଼ିଶା ଦଳ:** ଲିଙ୍ଗରାଜ ରାଉତରା (ଅଧିନାୟକ), କାଳିଆ ପ୍ରଧାନ, ଦେବରାଜ ବେହେରା, ଅନିଲ କୁମାର ମଲିକ, ରଞ୍ଜନ କୁମାର ହାଁସଦା, ବାଦଲ ଦୀପ, ପଙ୍କଜ ଭୁଏ, ଲାଲପ୍ରସାଦ ସୋରେନ, ଅଞ୍ଜନ ସିଂ, ରାମଦାସ ଗୁଡ୍ଡୁ, ସୁକଦେବ ସୋରେନ, ସୁଖରାମ ମାଝି, ଧନପତି ଗୌଡ଼। କୋଚ୍: ଚନ୍ଦ୍ରଶେଖର ପଟ୍ଟନାୟକ, ମ୍ୟାନେଜର: ମହମ୍ମଦ ଜାଫର ଇକ୍‌ବାଲ।

# ସର୍ଭିସେସ୍‌କୁ ସନ୍ତୋଷ ଟ୍ରଫି

ଧାକୁଖାନା(ଆସାମ),୮।୨(ପି.ଟି.)

ଜାତୀୟ ଫୁଟବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିର ୭୯ତମ ସଂସ୍କରଣରେ ସର୍ଭିସେସ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ସର୍ଭିସେସ ୧-୦ ଗୋଲରେ କେରଳକୁ ପରାସ୍ତ କରି ଏହି ସଫଳତା ପାଇଛି। ଏହା ସର୍ଭିସେସର ଅଷ୍ଟମ ସନ୍ତୋଷ ଟ୍ରଫି ଟାଇଟଲ। ମ୍ୟାଚ୍‌ଟି ୯୦ ମିନିଟ୍ ପର୍ଯ୍ୟନ୍ତ ଗୋଲ ଶୂନ୍ୟ ରହିଥିଲା। ଅତିରିକ୍ତ ସମୟର ଦ୍ୱିତୀୟାର୍ଦ୍ଧରେ ଅଭିଷେକ ପାୱାର (୧୦୯ତମ ମିନିଟ୍) ଗୋଲ ଦେଇଥିଲେ। ସର୍ଭିସେସ ଅନ୍ତିମ ଥର ୨୦୨୩-୨୪ ସିଜନରେ ଚାମ୍ପିୟନ ହୋଇଥିଲା। ସେହିଭଳି ଅନ୍ତିମ ଥର ୨୦୧୨-୧୩ ସଂସ୍କରଣ ଫାଇନାଲରେ ସର୍ଭିସେସ ଓ କେରଳ ପରସ୍ପରକୁ ଭେଟିଥିଲେ। ସେଥର ସର୍ଭିସେସ ପେନାଲ୍ଟି ଶୁଟ୍‌ଆଉଟ(୪-୩)ରେ ବିଜୟୀ ହୋଇଥିଲା।

# ଆଫଗାନିସ୍ତାନକୁ ହରାଇଲା ନ୍ୟୁଜିଲାଣ୍ଡ

ଚେନ୍ନାଇ, ୮।୨ (ପି.ଟି.)

ଟିମ୍ ସିଫର୍ଟଙ୍କ ଆକ୍ରମଣାତ୍ମକ ଅର୍ଦ୍ଧଶତକ ସହାୟତାରେ ନ୍ୟୁଜିଲାଣ୍ଡ ଚଳିତ ଆଇସିସି ଟି୨୦ ବିଶ୍ୱକପ୍ ଗ୍ରୁପ୍ 'ଡି'ର ଏକ ମ୍ୟାଚରେ ଆଫଗାନିସ୍ତାନକୁ ୫ ଉଇକେଟରେ ହରାଇ ଦେଇଛି। ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ଗୁଲ୍‌ବଦିନ ନାଇବ୍ (୬୩ ରନ)ଙ୍କ ଅର୍ଦ୍ଧ ଶତକ ସହାୟତାରେ ନିର୍ଦ୍ଧାରିତ ଓଭରରେ ୬ଉଇକେଟ ବିନିମୟରେ ୧୮୨ ରନ କରିଥିଲା। ଦଳର ସ୍କୋରରେ ସିଦ୍ଦିକୁଲ୍ଲା ଅଟଲ (୨୯ରନ) ଓ ରହମାନୁଲ୍ଲା ଗୁରବାଜ (୨୭)ଙ୍କ ଉପଯୋଗୀ ଅବଦାନ ମଧ୍ୟ ଥିଲା। ଜବାବରେ ନ୍ୟୁଜିଲାଣ୍ଡ ସିଫର୍ଟଙ୍କ ୬୫ ଏବଂ ଗ୍ଲେନ ଫିଲିପ୍ସଙ୍କ ୪୨ ରନ ସହାୟତାରେ ୧୭.୫ ଓଭରରେ ୫ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ୧୮୩ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ନ୍ୟୁଜିଲାଣ୍ଡ ଏକଦା ମାତ୍ର ୧୪ ରନ ସ୍କୋରରେ ଏହାର ଦୁଇଜଣ ବ୍ୟାଟରଙ୍କୁ ହରାଇ ଦେଇଥିବା ବେଳେ ସିଫର୍ଟ ଓ ଫିଲିପ୍ସ (୨୫ ବଲ୍‌ରେ ୪୨ରନ) ତୃତୀୟ ଉଇକେଟରେ ୪୭ବଲ୍‌ରୁ ମୂଲ୍ୟବାନ ୭୪ ରନ ଯୋଗ କରି ଦଳର ସ୍ଥିତିରେ ସୁଧାର ଆଣିଥିଲେ।

### ସଂକ୍ଷିପ୍ତ ସ୍କୋର

ଆଫଗାନିସ୍ତାନ: ୨୦ଓଭରରେ ୧୮୨/୬ (ଗୁଲ୍‌ବଦିନ ନାଇବ-୬୩; ଲୋକି ଫର୍ଗୁସନ-୨/୩୨)। ନ୍ୟୁଜିଲାଣ୍ଡ: ୧୭.୫ ଓଭରରେ ୧୮୩/୫ (ଟିମ୍ ସିଫର୍ଟ-୬୫; ମୁଜିବୁର ରହମନ-୨/୩୧)।

# ସରିତାଙ୍କ ଶତକ, ଓଡ଼ିଶାର ଦ୍ୱିତୀୟ ବିଜୟ

**କଟକ,୮।୨ (କୁମାରଶ୍ରୀ):** ସିନିୟର ମହିଳା ଏକଦିବସୀୟ ଟ୍ରଫିରେ ଓଡ଼ିଶା ବିଜୟ ଧାରା ଜାରି ଅବ୍ୟାହତ ରଖିଛି। ରାଜକୋଟର ନିରଞ୍ଜନ ସାହ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଦ୍ୱିତୀୟ ଲିଗ୍‌ରେ ଓଡ଼ିଶା ୧୦୬ରନରେ ଆସାମକୁ ପରାସ୍ତ କରିଛି। ଲଗାତର ଦ୍ୱିତୀୟ ବିଜୟ ସହ ୮ ପଏଣ୍ଟ ହାସଲ କରିଥିବା ଓଡ଼ିଶା ଏଲିଟ ଗ୍ରୁପ-ଏ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ୧୦ ତାରିଖରେ ଉତ୍ତରପ୍ରଦେଶ ବିପକ୍ଷରେ ଦଳ ୩ୟ ଲିଗ୍ ମ୍ୟାଚ୍ ଖେଳିବ। ଆସାମ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲେ। ସରିତା ମେହେରଙ୍କ ଶତକୀୟ(୧୨୭ବଲରୁ ୧୦୦ରନ) ପାଳି ଏବଂ ଅଧିନାୟିକା ସୁଶ୍ରୀଙ୍କ ଅପରାଜିତ ୮୫ରନ ସହାୟତାରେ ଓଡ଼ିଶା ୪ ଉଇକେଟ ହରାଇ ୨୭୮ରନ ସଂଗ୍ରହ କରିଥିଲା। ଜବାବରେ ଆସାମର ପାଳି ୧୭୨ରନରେ ସୀମିତ ରହିଥିଲା। ଗାୟତ୍ରୀ ଗୁରୁଙ୍ଗ ସର୍ବାଧିକ ୪୨ରନ କରିଥିଲେ। ଓଡ଼ିଶା ପକ୍ଷରୁ ଶୁଭ୍ର ନିର୍ଝରିଣୀ ସ୍ୱାଇଁ ୩ଟି ଉଇକେଟ ଅକ୍ତିଆର କରିଥିବା ବେଳେ ରୀମାଲକ୍ଷ୍ମୀ ଏକ୍କା ଏବଂ ତରଣା ପ୍ରଧାନଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା। ଶତକୀୟ ପାଳି ଖେଳିଥିବା ସରିତାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

# ଟିମ୍ ଅଫ୍ ଦି ଟୁର୍ନାମେଣ୍ଟରେ ବୈଭବ ସୂର୍ଯ୍ୟବଂଶୀ

**ଦୁବାଇ, ୮।୨ (ପି.ଟି.):** ଆଇସିସି ୧୬ ବର୍ଷରୁ କମ୍ ବିଶ୍ୱକପ୍ ଉଦ୍‌ଯାପିତ ହେବା ପରେ ଟିମ୍ ଅଫ୍ ଦି ଟୁର୍ନାମେଣ୍ଟ ମନୋନୀତ କରାଯାଇଛି। ଏଥିରେ ସ୍ଥାନ ପାଇଥିବା ୩ଜଣ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ବ୍ୟାଟିଂ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀ। ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ଇଂଲଣ୍ଡ ବିପକ୍ଷ ଫାଇନାଲରେ ୮୦ ବଲରୁ ୧୭୫ ରନ ସ୍କୋର କରିଥିଲେ। ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ୧୨ ଜଣିଆ ଦଳରେ ସେ କନିଷ୍କ ଚୌହାନ ଓ ହେନିଲ ପଟେଲଙ୍କ ସହ ଯୋଗ ଦେଇଛନ୍ତି। ଭାରତ ରେକର୍ଡ ୬ଷ୍ଠ ଥର ପାଇଁ ଟାଇଟଲ ବିଜେତା ହୋଇଥିଲା।

**୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍ ଟିମ୍ ଅଫ୍ ଦି ଟୁର୍ନାମେଣ୍ଟ:** ବୈଭବ ସୂର୍ଯ୍ୟବଂଶୀ (ଭାରତ) ଭିରାନ ଚାମୁଣ୍ଡିଥା (ଶ୍ରୀଲଙ୍କା), ଫୈଜଲ ଖାନ୍ ଶିନୋଜାଦା (ଆଫଗାନିସ୍ତାନ), ଥୋମାସ ରିଉ [ଉଇକେଟକିପର, ଅଧିନାୟକ] (ଇଂଲଣ୍ଡ), ଅଲିଭର ପିକ୍ (ଅଷ୍ଟ୍ରେଲିଆ), ବେନ୍ ମାୟେସ (ଇଂଲଣ୍ଡ), କନିଷ୍କ ଚୌହାନ (ଭାରତ), ନୁରିସ୍ତାନୀ ଓମାରଜାଇ (ଆଫଗାନିସ୍ତାନ), ଭିଟେଲ ଲାୱିସ (ୱେଷ୍ଟଇଣ୍ଡିଜ), ଅଲି ରାଜା (ପାକିସ୍ତାନ), ମାନି ଲୁମ୍ସଡେନ୍ (ଇଂଲଣ୍ଡ), ହେନିଲ ପଟେଲ (ଭାରତ)।

# ଜାତୀୟ ମାଉଣ୍ଟେନ୍ ସାଇକ୍ଲିଂରେ ଭାଗନେବ ଓଡ଼ିଶା

**କଟକ, ୮।୨ (କୁମାରଶ୍ରୀ):** ଫେବୃଆରୀ ୧୦ରୁ ଅରୁଣାଚଳପ୍ରଦେଶରେ ୨୨ତମ ଜାତୀୟ ମାଉଣ୍ଟେନ୍ ସାଇକ୍ଲିଂ ପ୍ରତିଯୋଗିତା ଆରମ୍ଭ ହେବ। ଏଥି ନିମନ୍ତେ ଘୋଷିତ ରାଜ୍ୟ ଦଳ ଆଜି ଅରୁଣାଚଳପ୍ରଦେଶ ଯାତ୍ରା କରିଛି। ଦଳରେ ଟିକେଶ୍ୱର ମାଝୀ, ସି ହେମ୍ବ୍ରମ, ସୂରଜ କୁମାର ସେଠୀ, ଐଶକାନ୍ତ ଜେନା, ରବୀନ୍ଦ୍ର ହେମ୍ବ୍ରମ, ଜିତେନ୍ଦ୍ର କୁମାର ଦାସ, ତନୁଜ କହଁର, ରାଜ ଟପ୍ପୋ, ପରମିତା ପୂର୍ତ୍ତି, ନମିତା ଧାରୁଆ ସାମିଲ ହୋଇଛନ୍ତି। ପ୍ରଦ୍ୟୁମ୍ନ ବିଶୋୟୀ, ଅନିତା କୁମାରୀ, ଅଜୟ ବିଶ୍ୱାସ ମ୍ୟାଚ ଅଫିସିଆଲ ଭାବେ ଦଳ ସହ ଯାତ୍ରା କରିଛନ୍ତି। ଓଡ଼ିଶା ସାଇକ୍ଲିଂ ସଂଘ ସମ୍ପାଦକ ପ୍ରସନ୍ନ କୁମାର ରାଉତ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସେମିରେ ଉତ୍ତରାଖଣ୍ଡ

**ଜାମଶେଦପୁର,୮।୨:** ଚଳିତ ରଣଜୀ ଟ୍ରଫି ଘରୋଇ ଟୁର୍ନାମେଣ୍ଟରେ ରବିବାର ଉତ୍ତରାଖଣ୍ଡ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଏଠାରେ ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ଅଭୟ ନେଗି ଓ ମୟଙ୍କ ମିଶ୍ରାଙ୍କ ପେସର-ସ୍ପିନ ଯୋଡ଼ିର ଘାତକ ବୋଲିଂ ଯୋଗୁ ଉତ୍ତରାଖଣ୍ଡ ଏକ ଇନିଂସ ୬ ରନ୍‌ରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଭେଟେରାନ ବାମହାତୀ ସ୍ପିନର ମୟଙ୍କ ୫ ଓ ପେସର ନେଗି ୪ ଉଇକେଟ ନେଇଥିଲେ। ପ୍ରଥମ ଇନିଂସରେ ଝାଡ଼ଖଣ୍ଡ ୨୩୫ ରନ କରିଥିବା ଉତ୍ତରାଖଣ୍ଡ ୩୭୧ ରନ କରିଥିଲା। ୧୩୬ ରନରେ ପଛୁଆ ଥିବା ଝାଡ଼ଖଣ୍ଡ ଦ୍ୱିତୀୟ ଇନିଂସରେ ୧୩୦ ରନରେ ଅଲଆଉଟ୍ ହୋଇଯାଇଥିଲା।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ ବିକ୍ରିହେବ। 6372753860, 7008095537. D-3215




Wellness relax body massage & jointpain treatment by female therapist. 6372110065. D-76951

All types of physiotherapy and massage contact 9556924059/ 7656969134. D-3339

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3332

LOST

Before Executive Magistrate, Digapahandi, affidavit No.- A/46-27.01.2026, I, Gopal Das Gupta (74), S/o.- Ramnath Gupta, Vill./P.O./P.S.- Digapahandi, on dated 21.01.2026 about 7 PM when I was travelling from bike I lost my bag on the way carrying original sale deed vide document No.- 3334/1986 and did not traced it out. If anybody finds it kindly inform the above address or Police Station Digapahandi. D-3338

ଧରିତ୍ରୀ
Scan & Pay
ଧରିତ୍ରୀ ଖ୍ୱାସିଫାଏଡ୍ ବିଜ୍ଞାପନ ବାବଦରେ ପେମେଣ୍ଟ କରିବା ପାଇଁ QR Code ସ୍କାନ୍ କରି ପେମେଣ୍ଟ UPI App ମାଧ୍ୟମରେ ସହଜରେ କରିପାରିବେ।
BHIM UPI
ପେମେଣ୍ଟ କରିବା ପରେ Screenshot
classifieddharitri@gmail.com
ରେ ପଠାନ୍ତୁ।

AFFIDAVIT

By virtue of an affidavit before the Executive Magistrate, Bhadrak, I, Basantilata Misra, Age- 71Yrs., W/o.- Muralidhar Misra, At/P.O.- Kheranga, P.S.- Chandabali, Dist.- Bhadrak, Odisha, 756131 declare that CISF department, Nalco, Angul has mentioned my name in family pension paper Basanti lata Mishra, D.O.B.- 05.09.1957 but in my Aadhaar card and other documents correct name is Basantilata Misra, D.O.B.- 15.07.1954, both are same and one person. Henceforth, I will be known as Basantilata Misra for all future purposes. D-3340

By virtue of an affidavit sworn before the Executive Magistrate, Tirtol, vide affidavit No.497 dated-03.02.2026, it is hereby declare that Rabi Narayan Das and Baishnab Charan Das are one and the same person (myself). Similarly, Keshab Das and Keshab Charan Das are one and the same person (my father). This declaration is made for correction, clarification and all legal and official purposes. D-3335

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨ (ଶ୍ରୀ ଆଶୁତୋଷ ସାମଲ, ଓ.ଏ.ଏସ୍.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ ଆର୍. ପି. କେସ୍ ନଂ.- [illegible]

ପ୍ରେମଶୀଳା ମିଶ୍ର .............ବାଦୀ
ବନାମ
ନାରାୟଣ ପ୍ରସାଦ ପଟ୍ଟନାୟକ ଏବଂ ଅନ୍ୟମାନେ .........ପ୍ରତିବାଦୀ
ନୋଟିସ ସି.ପି.ସି. ଅର୍ଡର- ୫ ରୁଲ୍- ୨୦ ମୁତାବକ

ପ୍ରତିବାଦୀ ନଂ.- ୧. ନାରାୟଣ ପ୍ରସାଦ ପଟ୍ଟନାୟକ, ପିତା- ସ୍ୱର୍ଗତ ଯୁଗଳ ଚରଣ ପଟ୍ଟନାୟକ, ସା.- ଓଗାଳପଡ଼ା, ପୋଷ୍ଟ- ଯାଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.- ୨. ରମାକାନ୍ତ ବେହେରା, ପିତା- ଲିଙ୍ଗରାଜ ବେହେରା, ସା- ପ୍ଲଟ୍ ନଂ.- ଏମ୍-୪/୩୭, ଆଚାର୍ଯ୍ୟ ବିହାର, ଥାନା- ସହିଦ ନଗର, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀ ନମ୍ବର- ୧ ଓ ୨ଙ୍କୁ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇଦିଆଯାଉଅଛି ଯେ ବାଦୀମାନେ ନିମ୍ନଲିଖିତ ଜମିକୁ ଦଲିଲ ଓ ଦଖଲ ଦୃଷ୍ଟେ ରେକର୍ଡ କରିବାପାଇଁ ଉକ୍ତ ରିଭିଜନ କେସ୍ ଦାଖଲ କରିଅଛନ୍ତି। ସମସ୍ତ ପ୍ରତିବାଦୀମାନଙ୍କୁ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ପଠାଯାଇଥିଲେ ହେଁ ଉପରୋକ୍ତ ପ୍ରତିବାଦୀମାନଙ୍କୁ ନୋଟିସ ଜାରି ନ ହୋଇ ଫେରିଆସିଅଛି। ଉଦ୍ୟବସରରେ ଉକ୍ତ କେସ୍‌ର ଶୁଣାଣି ତା. ୦୭.୦୨.୨୦୨୬ ରିଖ ଦିବା ୧୧:୩୦ ଘଟିକାକୁ ସ୍ଥିର କରାଯାଇଅଛି। ଜମିର ବିବରଣୀ ନିମ୍ନରେ ଦିଆଗଲା:

ଜମିର ବିବରଣୀ
ମୌଜା- ଓଗାଳପଡ଼ା, ତହସିଲ- ଜଟଣୀ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ସାବିକ ଖାତା ନଂ.- ୧୩୬, ସାବିକ ପ୍ଲଟ୍ ନଂ.- ୪୧୯, ଏରିଆ ଏ.୦.୧୭୫ଡି. ସ୍ଥଧରୁ ଏ.୦.୦୨୫ଡି. ଓ ସାବିକ ପ୍ଲଟ୍ ନଂ.- ୧୪୨, ଏ.୦.୦୭୦ଡି. ସ୍ଥଧରୁ ଏ.୦.୦୪୫ଡି., ହାଲ୍ ଖାତା ନଂ.- ୩୦୧, ହାଲ୍ ପ୍ଲଟ୍ ନଂ.- ୨୭୧୦, ଏରିଆ ଏ.୦.୧୫୦ଡି ସ୍ଥଧରୁ ଏ.୦.୦୭୫ଡି., ହାଲ୍ ପ୍ଲଟ୍ ନଂ.- ୨୭୧୧, ଏରିଆ ଏ.୦.୦୭୦ଡି ସ୍ଥଧରୁ ଏ.୦.୦୪୫ଡି.।

ଏଣୁ ଉପରୋକ୍ତ ପ୍ରତିବାଦୀ ନମ୍ବର- ୧ ଓ ୨ ନିଜେ କିମ୍ବା କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ କୋର୍ଟ ନମ୍ବର- ୨ରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା.
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
D-3322

ମନେ ପଡ଼ନ୍ତି
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି


ସ୍ୱ.ପ୍ରତାପ ଚନ୍ଦ୍ର ବରାଳ
ଆବିର୍ଭାବ: ୨୦.୦୫.୧୯୬୨ | ତିରୋଧାନ: ୨୦.୦୨.୨୦୨୫
(Retired Establishment Officer, Directorate of Prison & Correctional Services, Bhubaneswar, Odisha)
ଶୋକସନ୍ତପ୍ତ: ବରାଳ ପରିବାରବର୍ଗ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ସହଯୋଗୀ
D-3338

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ସଂସ୍କୃତି, ସାହିତ୍ୟ ପାଇଁ ସାମାଜିକ ଗଣମାଧମ ଏକ ସତର୍କଘଣ୍ଟି

## ୪୭ ବର୍ଷରେ ସନ୍ଧ୍ୟାତାରା



ଉତ୍ସବରେ ଆୟୋଜିତ ଆଲୋଚନାଚକ୍ରରେ ଅତିଥିମାନେ ।

ଢେଙ୍କାନାଳ,୮।୨(ରତନ ନାୟାର)

ସୃଜନଶୀଳତା ପାଇଁ ସାମାଜିକ ଗଣମାଧମ କ୍ଷତିକାରକ। ବିଶେଷକରି ୧୬ ବର୍ଷରୁ କମ ପିଲାମାନେ ଆଜିର ଯୁଗରେ ମୋବାଇଲରେ ସାମାଜିକ ଗଣମାଧମ ମଧ୍ୟରେ ବୁଡି ରହୁଛନ୍ତି । ଫଳରେ ସେମାନଙ୍କ ମଧ୍ୟରେ ସୃଜନଶୀଳତା କମିଯାଉଛି । ବର୍ତ୍ତମାନ ବହୁ ଦେଶ ମଧ୍ୟ ସେମାନଙ୍କ ଦେଶରେ ୧୬ବର୍ଷରୁ କମ୍ ପିଲାଙ୍କ ପାଇଁ ସାମାଜିକ ଗଣମାଧମକୁ ବାରଣ କଲେଣି। ବିଶେଷକରି ଆମର ଓଡିଆ ସଂସ୍କୃତି, ସାହିତ୍ୟ ଓ ସମାଜ ପାଇଁ ସାମାଜିକ ଗଣମାଧମ ଏକ ସତର୍କଘଣ୍ଟି ବୋଲି ବିଶିଷ୍ଟ ସ୍ତମ୍ଭକାର ତଥା ଓଡ଼ିଶା ସରକାରଙ୍କ ଅଗ୍ନିଶମ, ଗୃହରକ୍ଷୀ ବାହିନୀ ଓ ବେସାମରିକ ପ୍ରତିରକ୍ଷା ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। ଏଥିପାଇଁ ସମସ୍ତେ ସଚେତନ ହେବା ନିମନ୍ତେ ସେ ଆହ୍ୱାନ ଦେଇଛନ୍ତି।

ଢେଙ୍କାନାଳର ପ୍ରମୁଖ ସନ୍ଧ୍ୟାତାରା ସାହିତ୍ୟ ସଂସଦ ୪୭ବର୍ଷରେ ପଦାର୍ପଣ କରିଛି । ଏହି ଉପଲକ୍ଷେ ଅନୁଷ୍ଠାନ ପକ୍ଷରୁ ରବିବାର ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍‌ଠାରେ ସାରସ୍ୱତ ମହୋତ୍ସବ ଓ ରାଜ୍ୟସ୍ତରୀୟ ଲେଖକ ସମାବେଶ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନ ସାଢେ ୧୦ଟାରେ ଉତ୍ସବକୁ ବିଶିଷ୍ଟ ସ୍ତମ୍ଭକାର ଓ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ, ସାମାଜିକ ଗଣମାଧମ ସବୁବେଳେ ସତ୍ୟାଶ୍ରୟ ହେବା କଥା । କିନ୍ତୁ ବର୍ତ୍ତମାନ ଏହା ଅତ୍ୟଧିକ ମିଥ୍ୟାଶ୍ରୟୀ ହୋଇଛି, ଯାହା ସମାଜ ପାଇଁ କ୍ଷତିକାରକ । ଏହି ଅବସରରେ 'ସାମାଜିକ ଗଣମାଧମ:ସୃଜନଶୀଳତା ପାଇଁ ସତର୍କଘଣ୍ଟି' ଶୀର୍ଷକ ବୌଦ୍ଧିକ ଆଲୋଚନାରେ ପ୍ରସଙ୍ଗକୁ ଅବତାରଣା କରିଥିଲେ। ଅନୁଷ୍ଠାନର ଉପସଭାପତି ପ୍ରଶାନ୍ତ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ ପ୍ରଫେସର ଯୋଗାନନ୍ଦ ସାହୁଙ୍କୁ ଇଂ. ରୁଦ୍ରପ୍ରସାଦ ଗୀତିକବି ସମ୍ମାନ-୨୦୨୬ ଓ ବିଶିଷ୍ଟ ବ୍ୟଙ୍ଗକବି ସତ୍ୟାନାଶଙ୍କୁ ହାସ୍ୟବିଦୁଷୀ ହାସ୍ୟବ୍ୟଙ୍ଗ ସମ୍ମାନ-୨୦୨୬ରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ନୃସିଂହ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ମନୋରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମଧ୍ୟାହ୍ନ ୧୨ଟା ୧୫ରେ ଅନୁଷ୍ଠିତ ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟାଧୀଶ ଆଦିତ୍ୟ କୁମାର ମହାପାତ୍ର କହିଥିଲେ, ଭାଷା ବଞ୍ଚିଲେ ସାହିତ୍ୟ ସମୃଦ୍ଧ ହେବ। ଆମର ମାତୃଭାଷା ଓଡିଆ ସମୃଦ୍ଧ ହେଲେ ଅସ୍ମିତାକୁ ନେଇ ଆମେ ଗର୍ବିତ ହେବା ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଗୋପାଳକୃଷ୍ଣ ମହାପାତ୍ର ଓ ବିଶିଷ୍ଟ କଥାକାର ଗୌରହରି ଦାସ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଗାଳ୍ପିକ ଭବାନୀ ଶଙ୍କର ମିଶ୍ର ଉତ୍ସବରେ ସଭାପତିତ୍ୱ କରିଥିଲେ । ସମ୍ପାଦକ ବିଭୂତି ଭୂଷଣ ବେହେରା ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସ୍ମରଣିକା 'ସନ୍ଧ୍ୟାତାରା' ଉନ୍ମୋଚିତ ହୋଇଥିଲା । ଚଳତବର୍ଷ ଅନୁଷ୍ଠାନ ପକ୍ଷରୁ ସାରସ୍ୱତ ପ୍ରତିଭା ସମ୍ମାନରେ ବିଶିଷ୍ଟ ସାହିତ୍ୟିକ ଡ. ଦୁର୍ଗାମାଧବ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉପସଭାପତି ଭବାନୀକାନ୍ତ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ। ଅପରାହ୍ନ ୨ଟାରେ ସଙ୍ଗୀତ ମୂର୍ଚ୍ଛନା ଏବଂ ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନ ପକ୍ଷରୁ ନିବେଦିତା ତ୍ରିପାଠୀ, ସସ୍ମିତା ମିଶ୍ର, ଶୁଭଶ୍ରୀ ରାଉତ, ଗୀତାଞ୍ଜଳି ସାହୁ, ବବିତା ଧୀର, ବେଣୁଧର ମହାରଣା ପ୍ରମୁଖ କବିତାଗୁଡିକୁ ସଂଯୋଜନା କରିଥିଲେ । ଅନୁଷ୍ଠାନର ପ୍ରମୁଖ ସଦସ୍ୟ ଶରତ ମିଶ୍ର ଭରଦ୍ୱାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଅଭିମନ୍ୟୁ ସାହୁ, ନିରଦାନନ୍ଦ ନନ୍ଦ, ଭ୍ରମରବର ହୋତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଗଣେଶ ମିଶ୍ର ଓ ସାଥି ସଙ୍ଗୀତ ପରିବେଷଣ କରିଥିଲେ ।

# ଆଲୁମ୍‌ନି ଆସୋସିଏଶନ କାର୍ଯ୍ୟକାରିଣୀ ବୈଠକ



## ସ୍ୱୟଂଶାସିତ ମାନ୍ୟତା ସ୍ଥଗିତକୁ ନେଇ କ୍ଷୋଭ

ଢେଙ୍କାନାଳ,୮।୨(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଆଲୁମ୍‌ନି ଆସୋସିଏଶନର କାର୍ଯ୍ୟକାରିଣୀ ବୈଠକ ରବିବାର ମହାବିଦ୍ୟାଳୟର ରିଡିଙ୍ଗ୍‌ରୁମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଲୁମ୍‌ନି ଆସୋସିଏଶନ ସଭାପତି ଡ. ଅଭୟ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଢେଙ୍କାନାଳ ସ୍ୱୟଂଶାସିତ ମହାବଦ୍ୟାଳୟର ମାନ୍ୟତା ସ୍ଥଗିତ ରଖାଯାଇଥିବା ନେଇ ବୈଠକରେ ଦୁଃଖ ଓ ପରିତାପର ବିଷୟ ବୋଲି ସଭ୍ୟମାନେ କହିବା ସହିତ ଏହାକୁ ନେଇ କ୍ଷୋଭବ୍ୟକ୍ତ କରିଥିଲେ । ମହାବିଦ୍ୟାଳୟର ବହୁମୁଖୀ ପ୍ରଶାସନିକ ଗୃହ ନିର୍ମାଣ, ଶ୍ରେଣୀଗୃହ ନିର୍ମାଣ, ସ୍ୱତନ୍ତ୍ର ପିଜି ବ୍ଲକ ନିର୍ମାଣ, ଖାଲି ପଡ଼ିଥିବା ଅଧାପିକା ଅଧାପକ ଓ କର୍ମଚାରୀ ପୂରଣ ସହିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦାବିକୁ ନେଇ ଆଲୋଚନା ହୋଇଥିଲା । ଏ ସଂକ୍ରାନ୍ତରେ ଖୁବଶୀଘ୍ର ଆସୋସିଏଶନ ପକ୍ଷରୁ ଏକ କମିଟି ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗ ସହ ଆଲୋଚନା କରିବ ବୋଲି ସଭାପତି କହିଥିଲେ । ଏଥିପାଇଁ ଉପଦେଷ୍ଟା ପ୍ରଦ୍ୟୁମ୍ନ ରଥଙ୍କ ଅଧ୍ୟକ୍ଷତାରେ ଉପସଭାପତି ବେଣୁଧର ସାହୁ, କୋଷାଧ୍ୟକ୍ଷ ସୁନିଲ ଦାଶ, ଯୁଗ୍ମ ସମ୍ପାଦକ ଶରତ ସାହୁ ଓ ସମ୍ବିତ ସାହୁଙ୍କୁ ନେଇ ଏକ ଉପ କମିଟି ଗଠନ କରାଯାଇଥିଲା । ଏହି କମିଟିର ରିପୋର୍ଟ ଉପରେ ପରବର୍ତ୍ତି ପଦକ୍ଷେପ ନିଆଯିବ । ଆଲୁମ୍‌ନି ଆସୋସିଏଶନରେ ବାର୍ଷିକ ମୋଟ ୭୦,୮୦୦ଟଙ୍କା ଆଦାୟ ହୋଇଥିବା ବେଳେ ୪୭,୫୨୮ଟଙ୍କା ଖର୍ଚ୍ଚ କରାଯାଇଛି । ବଳକା ୨୩,୨୭୨ଟଙ୍କା ବ୍ୟାଙ୍କ ଖାତାରେ ଜମା କରାଯାଇଛି। ବର୍ତ୍ତମାନ ସୁଦ୍ଧା ମୋଟ ୬୯ଜଣ ସଭ୍ୟ ସଂଗୃହୀତ ହୋଇଥିବା ବେଳେ ଏହାକୁ ବ୍ୟାପକ କରିବା ଆବଶ୍ୟକ ବୋଲି ସମ୍ପାଦକ ବିଶ୍ୱନାଥ ବେହେରା କହିଥିଲେ। ଉପସଭାପତି ସୁକାନ୍ତ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

# ପାଞ୍ଚଦିନିଆ ଶିକ୍ଷକ କର୍ମଶାଳା ପାଲଟିଲା ରଣାଙ୍ଗନ

## ନିଶାସକ୍ତ ପ୍ରଧାନ ଶିକ୍ଷକଙ୍କ ଉନ୍ମତ୍ତକାଣ୍ଡ

ପରଜଙ୍ଗ, ୮।୨
(ନିଗମାନନ୍ଦ ଦଳବେହେରା)

କୁମୁସି ଉଚ୍ଚ ବିଦ୍ୟାଳୟରେ ଚାଲିଥିଲା ପାଞ୍ଚଦିନିଆ ଶିକ୍ଷକ କର୍ମଶାଳା । ଭାଗ ନେଇଥିଲେ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ। କିନ୍ତୁ ହଠାତ୍ କର୍ମଶାଳା ପାଲଟିଥିଲା ରଣାଙ୍ଗନ । ଅଶ୍ଳୀଳ ଭାଷା ପ୍ରୟୋଗ କରିବା ସହ ଉପସ୍ଥିତ ଶିକ୍ଷକଙ୍କୁ ଲୁହା ହତା ଧରି ମାରିବାକୁ ଉଠିଲେ ନିଶାସକ୍ତ ଶିକ୍ଷକ। କୁମୁସି ସେବାଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର୍ଷଣ ପ୍ରଧାନ ନିଶାସକ୍ତ ଅବସ୍ଥାରେ ସେଠାରେ ଉପସ୍ଥିତ ଥିବା ଅନ୍ୟ ଶିକ୍ଷକଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରିବାକୁ ଉଦ୍ୟମ କରିଛନ୍ତି । ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀଙ୍କ ଠାରୁ ଆରମ୍ଭ କରି ଉପସ୍ଥିତ ଥିବା ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଅଶ୍ଳୀଳ ଭାଷା କହିଥିଲେ। ଉପସ୍ଥିତ ଶିକ୍ଷକମାନେ ଏ ନେଇ ସାଆନ୍ଦା ଫାଣ୍ଡିରେ ଜଣାଇବା ପରେ ଫାଣ୍ଡି ଅଧିକାରୀ ଯୋଶେଫ ପଟ୍ଟନାୟକ ବିଳମ୍ବରେ ଘଟଣା ସ୍ଥଳରେ ପହଞ୍ଚି ପ୍ରଧାନଶିକ୍ଷକଙ୍କୁ କାବୁକରି ଫାଣ୍ଡିକୁ ନେଇଥିଲେ। ଶିକ୍ଷା ବିଭାଗ ତରଫରୁ ସିଆରସିସି ଅଜିତ ଦାସ ଘଟଣା ସମ୍ପର୍କରେ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ଏ ନେଇ ନିଶାସକ୍ତ ଶିକ୍ଷକଙ୍କ ବିରୋଧରେ ପରଜଙ୍ଗ ଥାନାରେ ମାମଲା ରୁଜୁ ହୋଇଛି। ଫାଣ୍ଡିରୁ ଯିବା ପରେ ପ୍ରଧାନ ଶିକ୍ଷକ ଜଣକ ଫେରାର ହୋଇଯାଇଛନ୍ତି।

# କିନ୍ନରଙ୍କୁ ହତ୍ୟା ନେଇ ପରଜଙ୍ଗରେ କିନ୍ନର ସଂଘର କ୍ୟାଣ୍ଡେଲ ଶୋଭାଯାତ୍ରା




ପରଜଙ୍ଗ, ୮।୨
(ନିଗମାନନ୍ଦ ଦଳବେହେରା)

ରାଜଧାନୀ ଭୁବନେଶ୍ୱରରେ କିନ୍ନର ଅଞ୍ଜଳିଙ୍କୁ ହତ୍ୟା ଘଟଣାକୁ ନେଇ ପରଜଙ୍ଗରେ କିନ୍ନର ସଙ୍ଘ ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମା' ମଙ୍ଗଳା କିନ୍ନର ସଙ୍ଘ ତରଫରୁ ପରଜଙ୍ଗ ବିଶ୍ୱାଳ ମାର୍କେଟଠାରୁ ଏହି ଶୋଭାଯାତ୍ରା ଆରମ୍ଭ କରି ସହର ପରିକ୍ରମା କରିଥିଲେ। ମୃତ ଅଞ୍ଜଳିଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଓ ପରିବାରବର୍ଗଙ୍କୁ ସରକାରଙ୍କ ତରଫରୁ ୧୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ତୁରନ୍ତ ସରକାର କିନ୍ନରମାନଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ କରିବା ସହ ଅଞ୍ଜଳିଙ୍କ ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଏହି ଶୋଭାଯାତ୍ରାରେ ପରଜଙ୍ଗ, ବଡ଼ଝରା, ତାଳଚେର ଅଞ୍ଚଳର ବହୁ କିନ୍ନର ସାମିଲ ହୋଇଥିଲେ।

# ୬୩କେଜି ଜୁନିୟର ବିଭାଗରେ ବିଦ୍ୟୁସ୍ମିତାଙ୍କୁ ସ୍ୱର୍ଣ୍ଣ

## ଜାତୀୟ ଭାରୋ ଉତ୍ତୋଳନ ପ୍ରତିଯୋଗିତା



ବିଦ୍ୟୁସ୍ମିତାଙ୍କୁ ସ୍ୱର୍ଣ୍ଣ ପଦକ।

ଢେଙ୍କାନାଳ,୮।୨(ରତନ ନାୟାର): ଉତ୍ତରପ୍ରଦେଶର ମୋଦିନଗରଠାରେ ଅନୁଷ୍ଠିତ ହେଉଥିବା ଜାତୀୟ ଭାରୋ ଉତ୍ତୋଳନ ପ୍ରତିଯୋଗିତାରେ ଢେଙ୍କାନାଳର ପ୍ରୀତିସ୍ମିତାଙ୍କ ପରେ ପୁଣି କୃତିତ୍ୱ ହାସଲ କରିଛନ୍ତି ବିଦ୍ୟୁସ୍ମିତା ଭୋଇ। ରବିବାର ପ୍ରତିଯୋଗିତାର ଜୁନିୟର ବିଭାଗରେ ୬୩କେଜି ଭାରୋ ଉତ୍ତୋଳନ କରି ସେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିପରି ସିନିୟର କାଟାଗୋରିରେ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି । ସେ ମୋଟ ୭୯କେଜି ଓ କ୍ଲିନ ଓ ଜର୍କରେ ୧୧୭କେଜି ଭାରୋ ଉତ୍ତୋଳନ କରିଥିବା ତାଙ୍କ କୋଚ୍ ଗୋପାଳ ଦାସ ଜଣାଇଛନ୍ତି ।

# ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



ଢେଙ୍କାନାଳ,୮।୨(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠ କାଠଗଡାସ୍ଥିତ କୁଞ୍ଜବିହାରୀ ବରିଷ୍ଠ ନାଗରିକ ଗୃହ ପରିସରରେ ରବିବାର ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାର ଓ ଜିଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ ଓ ବିତ୍ତ ଅଧିକାରୀ ଦୀପକ କୁମାର ନାୟକ ଯୋଗ ଦେଇଥିଲେ। ଐରା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ସୁରେଶ କୁମାର ପଣ୍ଡା ଉପସ୍ଥିତ ରହି ଚାରାରୋପଣ କରିବା ସହିତ ଗଛ ସୁସ୍ଥ ପରିବେଶ ସହିତ ଆମ ପାଇଁ ଜୀବନ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବରିଷ୍ଠ ନାଗରିକ ଗୃହର ଅନ୍ତେବାସୀଙ୍କ ସମେତ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ପଣ୍ଡା, ସୀତାଂଶୁ ଶେଖର ପଣ୍ଡା, ଗାୟତ୍ରୀ ମିଶ୍ର, ପ୍ରମୋଦ ସେଠୀ, ତପସ୍ୱିନୀ ନାୟକ, ଗୀତାଞ୍ଜଳି ପଣ୍ଡା ଓ ବବିତା ଧଳ ପ୍ରମୁଖ ସହଯୋଗ କରିଥିଲେ ।

# ପୁଟୁଳି ବୈଶ୍ୟ ବଣିକ ସମାଜର ତ୍ରୟବାର୍ଷିକ ମହାସଭା



ପରଜଙ୍ଗ, ୮।୨(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଓ ଅନୁଗୋଳ ଜିଲାର ପୁଟୁଳି ବୈଶ୍ୟ ବଣିକ ସମାଜ ତରଫରୁ ତ୍ରୟବାର୍ଷିକ ମହାସଭା କାମାକ୍ଷାନଗର ସ୍ଥିତ ବାଦୁରା ଥାନରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ଜାତିଷ୍ଠ ଭାଇମାନେ ଜାତିର ଇଷ୍ଟଦେବ ଗଣେଶ ଓ ଇଷ୍ଟଦେବୀ ମା' ରାମଚଣ୍ଡୀ ଠାକୁରାଣୀଙ୍କୁ ଜଗନ୍ନାଥପୁର ଗ୍ରାମ ବାଦୁରା ଥାନ ସଂକୀର୍ତ୍ତନ ମଣ୍ଡଳୀ ସହ ଗ୍ରାମ ପରିକ୍ରମା କରି ସଭାସ୍ଥଳୀକୁ ଆସିଥିଲେ। ପ୍ରଥମ ଦିବସର ଅପରାହ୍ନ ୪ଟାରେ ଜଳପାନ ପରେ ସନ୍ଧ୍ୟାରେ ଜାତି ପରିଚାଳନା କମିଟି ଜାତିଗତ ସମସ୍ୟା ନେଇ ଆଲୋଚନା ମାଧ୍ୟମରେ ସମାଧାନ କରି ରାତ୍ରିଯାପନ କରିଥିଲେ। ଦ୍ୱିତୀୟ ଦିନରେ ସକାଳ ୭.୩୦ରେ ଜାତି ଧ୍ୱଜ ପତକା ସଭାପତି ଉତ୍ତୋଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୁଟୁଳି ବୈଶ୍ୟ ବଣିକ ସମାଜ ସଭାପତି ପ୍ରଭାକର ସାହୁ, ସମ୍ମାନିତ ଅତିଥି ଭାବେ ଉପସଭାପତି ଶୁକଦେବ ସାହୁ, ସମ୍ପାଦକ ଦୁଆରିବନ୍ଧୁ ସାହୁ, ସହସମ୍ପାଦକ କେଶବଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ମନୋହର ସାହୁ, ଉପଦେଷ୍ଟା ଦୁଃଖବନ୍ଧୁ ସାହୁ ଓ ନିଖିଳ ଉତ୍କଳ ପୁଟୁଳି ବଣିକ ସମାଜ ଭୁବନେଶ୍ୱର ପଦାଧିକାରୀ ଅତିଥିବୃନ୍ଦ ଯୋଗଦେଇଥିଲେ। ଅନାମ ଚରଣ ସାହୁ ମୁଖ୍ୟ ଅତିଥି ଭାବେ ଆସନ ଅଳଙ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୟାନିଧି ସାହୁ, କୈଳାସ ଚନ୍ଦ୍ର ସାହୁ, ରାଧାକୃଷ୍ଣ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ନୃସିଂହ ପ୍ରସାଦ ଦାସ ଏବଂ ଅଭିଭକ୍ତ ଢେଙ୍କାନାଳ ଓ ଅନୁଗୁଳ ଜିଲାର ସମସ୍ତ ୧୦ ଜଣ କାଉନସିଲ ମେମ୍ବର ଏବଂ ୧୯ ଜଣ ଥାନପତି ଉପସ୍ଥିତ ଥିଲେ। ମହାସଭାରେ ପ୍ରସନ୍ନ କୁମାର ସାହୁ ଓ ଦୁଷ୍ମନ୍ତ ସାହୁ ଧାରା ବିବରଣୀ ପାଠ କରିଥିଲେ।

# ହନୁମାଙ୍କଡ଼ ଆତଙ୍କରେ ଅଞ୍ଚଳବାସୀ ଆତଙ୍କିତ

ପରଜଙ୍ଗ, ୮।୨
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ପାଟରପଦା ନୂଆସାହି ଏବଂ ଆଖପାଖ ଅଞ୍ଚଳ କଟାବାହାଳ, ମେଣ୍ଢାପଦା, ଖଲିବାହାଲ, ମାଧପୁର ଗ୍ରାମବାସୀ ହନୁମାଙ୍କଡ ଆତଙ୍କରେ ଆତଙ୍କିତ ହୋଇପଡ଼ିଛନ୍ତି। ଗୋଟିଏ ହନୁ ମାଙ୍କଡ଼ ପାଗଳ ହୋଇ ଆଖପାଖ ଗ୍ରାମର ପ୍ରାୟ ୧୫ ଜଣରୁ ଉର୍ଦ୍ଧ୍ୱ ମହିଳା, ଛୋଟ ପିଲା, ବୟସ୍କ ବ୍ୟକ୍ତିମାନଙ୍କୁ ଆକ୍ରମଣ କରି କାମୁଡ଼ି ଦେଉଛି। ପାଟରପଦା, ନୂଆସାହି, କଟାବାହାଳ, ମେଣ୍ଢାପଦା, ମାଧପୁର ଅଞ୍ଚଳରେ ଆଜକୁ ପ୍ରାୟ ୭ଦିନ ଧରି ମାଙ୍କଡ଼ଟି ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ଉପରକୁ ଝାମ୍ପ ମାରିବା ସହ କାମୁଡ଼ି ଦେଉଛି। ମାଙ୍କଡ ଆକ୍ରମଣରେ ଶଖି ସାହୁ (୮୫), କଳାବତୀ ନାୟକ (୬୮), ସ୍ୱାଗତିକା ନାୟକ (୧୮), ସ୍ୱେତାଲିନା ସାହୁ (୩୫), ନୟନ ନାଥ (୭୨), ଗଣିଆ ବେଜ, ଜଗା ନାଥ ପ୍ରମୁଖ ଶିକାର ହୋଇ ସ୍ଥାନୀୟ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଡିହୋଡଳ ବନଖଣ୍ଡ ଅଧିକାରୀ ଚନ୍ଦ୍ରଶେଖର ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀ ସାମୂହିକ ଉଦ୍ୟମ କରି ମାଙ୍କଡକୁ ଧରିବାରେ ବିଫଳ ହେବା ପରେ ଟ୍ରାଙ୍କୁଲାଇଜର ଟିମ୍‌କୁ ଅବଗତ କରାଇଥିଲେ। ଟ୍ରାଙ୍କୁଲାଇଜର ଟିମ ଆସି ମାଙ୍କଡ଼ଟିକୁ ଧରିବା ପାଇଁ ଉଦ୍ୟମ ଚଳାଇଛି।

# ଅଙ୍ଗନୱାଡି କର୍ମୀ ସଂଘର ବ୍ଲକ୍ ସମ୍ମିଳନୀ



## ସୁଜାତା ସଭାପତି, ଭାରତୀ ସମ୍ପାଦିକା

ଢେଙ୍କାନାଳ,୮।୨(ରତନ ନାୟାର)

ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘର ୭ମ ବ୍ଲକ୍‌ସମ୍ମିଳନୀ ଯାଉଁଳି ପୋଖରୀ ମଠ ପ୍ରାଙ୍ଗଣରେ ସୁଜାତା ନାୟକଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦିକା ହରପ୍ରିୟା ସ୍ୱାଇଁ ଓ ଏଆଇଟିୟୁସି ଜିଲା ସଭାପତି ରବି ରଥ, ସମ୍ପାଦକ ନାରାୟଣ ନାୟକ ଅତିଥି ଭାବରେ ଯୋଗ ଦେଇଥିଲେ । ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଆୟବ୍ୟୟର ହିସାବ ଦିଆଯାଇଥିଲା। ଅପ୍ରେଲ ମାସଠାରୁ ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ଠିକ୍ ଭାବରେ ଚାଉଳ, ରୋଷେଇ ପଇସା, ଅଣ୍ଡା ମିଳୁ ନ ଥିବାରୁ ସମ୍ମିଳନୀରେ କ୍ଷୋଭ ପ୍ରକାଶ ପାଇଥିଲା । ଆସନ୍ତା ୧୨ତାରିଖରେ ହେଉଥିବା ସର୍ବଭାରତୀୟ ଧର୍ମଘଟ ଉପରେ ଆଲୋଚନା କରାଯାଇଥିଲା । ସମସ୍ୟା ଉପରେ ସିଡିପିଓଙ୍କୁ ମୌଖିକ ଏବଂ ଲିଖିତ ଭାବରେ ଅବଗତ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ଏଥିସହିତ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ଭାବରେ ସୁଜାତା ନାୟକ, ଉପସଭାନେତ୍ରୀ ସୁନିତା ବେହେରା, ସମ୍ପାଦିକା ଭାରତୀ ନାଏକ, ସହସମ୍ପାଦିକା କ୍ରିଷ୍ଣା ମଲ୍ଲିକ, କୋଷାଧ୍ୟକ୍ଷ ପୂର୍ଣ୍ଣିମା ତ୍ରିପାଠୀଙ୍କ ସମେତ ୧୦ଜଣିଆ ବ୍ଲକ୍ କମିଟି ଗଠନ କରାଯାଇଥିଲା । ଉପଦେଷ୍ଟା ଭାବରେ ପ୍ରତିମା ସାହୁ, ମାନସୀ ମହାପାତ୍ରଙ୍କୁ ନିର୍ବାଚିତ କରାଯାଇଥିଲା । ସମ୍ମିଳନୀରେ ଶୈଳବାଳା ରାଉତ, ରେବତୀ ସାହୁ, ରୀନା ବେହେରା, ବିଷ୍ଣୁପ୍ରିୟା ବରାଳ, ସନ୍ଧ୍ୟା ମିଶ୍ର, ମମତା ପରିଡ଼ା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଦୁଇ ଟ୍ରକ୍ ମଧ୍ୟରେ ଧକ୍କା, ଚାଳକ ମୃତ

ଢେଙ୍କାନାଳ,୮।୨
(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠରେ ଥିବା ୫୫ନଂ ଜାତୀୟ ରାଜପଥର କାମାକ୍ଷାରୋଡ଼ ଛକଠାରେ ରବିବାର ଭୋର ସମୟରେ ଏକ କୋଇଲା ବୋଝେଇ ଟ୍ରକ୍ ପଛ ପାଖରୁ ପାଉଁଶ ବୋଝେଇ କରିଥିବା ହାଇୱା ଟ୍ରକ୍ ପିଟି ହୋଇଯାଇଥିଲା। ଏଥିରେ ହାଇୱା ଟ୍ରକ୍‌ର ଚାଳକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଚାଳକଙ୍କ ପରିଚୟ ମିଳିନାହିଁ। ଖବରପାଇ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି । ଦୁର୍ଘଟଣା ଯୋଗୁ ଉକ୍ତ ରାସ୍ତାରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା ।

# ନିର୍ମାଣ ସରିବା ପୂର୍ବରୁ ଭାଙ୍ଗିଲାଣି ଡ୍ରେନ

## ଭାରସାମ୍ୟ ହରାଇ ବାଇକ୍ ଆରୋହୀ ଗୁରୁତର



ଭୁବନ,୮।୨( ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ଅନନ୍ତପୁର ଛକ ନିକଟସ୍ଥ ଜାତୀୟ ରାଜପଥ ୫୩ରେ ରବିବାର ଅପରାହ୍ନରେ ବାଇକ୍ ଆରୋହୀ ତାଳଚେର ଅଞ୍ଚଳର ଲକ୍ଷ୍ମଣ ସିଂ ପଡ଼ି ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ରାସ୍ତାରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ଭୁବନ ଦମକଳ ବାହିନୀକୁ ଫୋନ କରିଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଲକ୍ଷ୍ମଣଙ୍କୁ ଉଦ୍ଧାର କରି ଭୁବନ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବରପାଇ ଭୁବନ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି। କାମ ଚାଲୁଥିବା ଭୁବନ ଗୋଡିପୋଖରୀ ଛକ ନିକଟରେ ଏକ ଡ୍ରେନ ସ୍ଲାବ ଭାଙ୍ଗି ଯାଇଥିବାରୁ ଅନେକ ଲୋକ ଦୁର୍ଘଟଣାର ଶିକାର ହେଉଛନ୍ତି । ରାସ୍ତା ଓ ଡ୍ରେନ କାର୍ଯ୍ୟ କରୁଥିବା ଠିକାଦାରଙ୍କ ମନମୁଖି କାମଯୋଗୁ ଅନେକ ସ୍ଥାନରେ ରାସ୍ତା ଓ ଡ୍ରେନ ଭାଙ୍ଗିଗଲାଣି । ସକାଳେ ସ୍କୁଲ ଓ କଲେଜକୁ ଯାଉଥିବା ଛାତ୍ରୀଛାତ୍ର ଅଧିକାଂଶ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି । ନିମ୍ନମାନର ରାସ୍ତାକାର୍ଯ୍ୟକୁ ନେଇ ଅଞ୍ଚଳର ବୁଦ୍ଧିଜୀବୀ ଓ ଅଭିଭାବକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ସକ୍ରାଂନ୍ତରେ ଭୁବନ ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ କନାରାମ ମହାନ୍ତିଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବପର ହୋଇ ପାରିନାହିଁ।


କଲ୍ୟାଣ ଜ୍ୱେଲର୍ସ
ମହାଉଦଘାଟନ
ଢେଙ୍କାନାଳରେ
ଆଜି!
କଲ୍ୟାଣ ଜ୍ୱେଲର୍ସ
KALYAN JEWELLERS
ଉଦଘାଟନ କରିଛନ୍ତି
ସୁଶ୍ରୀ ମଲାଇକା ଆରୋରା
ସନ୍ଧ୍ୟା 05:00 ଟାରେ
KALYAN SPECIAL 1g GOLD RATE ₹14355**
SAVE ₹70 per g*
MARKET 1g GOLD RATE ₹14425**
LARGEST COLLECTION IN GOLD & DIAMOND JEWELLERY
SPACIOUS SHOWROOM
AMPLE CAR PARKING FACILITY
WIDE RANGE OF SILVER ARTICLES & GIFTABLES ON DISPLAY
DHENKANAL - GUDIANALI MAIN ROAD, BESIDE KAPILAS FILLING STATION. PH: 76838 20133
OPEN ON ALL DAYS
FLAGSHIP STORE : BHUBANESWAR - SAHEED NAGAR - PH: 94371 28033, PATIA - PH: 90403 43353, MASTER CANTEEN - PH: 91141 96197 | SOUBHAGYA NAGAR - PH: 73269 65533
BERHAMPUR - PH: 91240 55633, 0680-2250051 | ROURKELA - PH: 99389 42633 | JAJPUR - PH: 80799 23343 | ANGUL - PH: 96922 20343 | JHARSUGUDA - PH: 73269 05533
SAMBALPUR - PH: 73269 15533 | CUTTACK - PH: 99386 24233
464 BRANCHES SPREAD ACROSS INDIA, THE USA, THE UK AND THE MIDDLE EAST | FOR MORE DETAILS CONTACT US ON TOLL FREE NUMBER: 1800 425 7333
WWW.KALYANJEWELLERS.NET | FOLLOW US ON | BUY ONLINE @ WWW.CANDERE.COM | FOR FRANCHISE ENQUIRIES WRITE TO FRANCHISEE.ENQUIRY@KALYANJEWELLERS.NET
T & C Apply. *Saving s per gram may vary. **22ct gold rate for 1g on 07/02/2026 at 2:00 p.m. at Angul.